


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008






୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ-୩୧ ● ସଂଖ୍ୟା-୨୦୨ ● ୧୯ ଅଗଷ୍ଟ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-202 ● 19th August 2024, Monday ● Bhubaneswar | Licensed to post without pre-payment of postage No- BN-60/22-24


# ୩୫ ବର୍ଷ ପର୍ଯ୍ୟନ୍ତ ଦେଶରୁ ଆମକୁ କେହି ହଲାଇ ପାରିବେ ନାହିଁ: ଶାହା

**ନୂଆଦିଲ୍ଲୀ, ୧୮।୮**

ଲୋକସଭା ନିର୍ବାଚନରେ ଭାଜପାକୁ ଏକ ବଡ଼ ଝଟକା ଲାଗିଛି। ଦଳ ବର୍ତ୍ତମାନ ଏଥିରୁ ବାହାରିବାକୁ ଆରମ୍ଭ କରିଛି। ଏଥିପାଇଁ ଭାଜପା ଏକ ବଡ ଲକ୍ଷ୍ୟ ସ୍ଥିର କରିଛି। ଭାରତୀୟ ଜନତା ପାର୍ଟି ସେପ୍ଟେମ୍ବର ୧ରୁ ସାରା ଦେଶରେ ସଦସ୍ୟତା ଅଭିଯାନର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରିବାକୁ ଯାଉଛି । ୧୦ କୋଟି ନୂତନ ସଦସ୍ୟ ଯୋଡିବାକୁ ଏକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସଦସ୍ୟତା ଅଭିଯାନର ଜାତୀୟ ସଂଯୋଜକ ଭାବେ ଭାଜପା ସାଧାରଣ ସମ୍ପାଦକ ବିନୋଦ ତାଡେଙ୍କୁ ନିଯୁକ୍ତ କରାଯାଇଛି।



ସଦସ୍ୟତା ଅଭିଯାନର ପ୍ରଥମ ପର୍ଯ୍ୟାୟ ସେପ୍ଟେମ୍ବର ୧ରୁ ସେପ୍ଟେମ୍ବର ୨୫ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟ ଅକ୍ଟୋବରରୁ ଆରମ୍ଭ ହେବ । ଏଥି ସହିତ ମହାରାଷ୍ଟ୍ର, ଝାଡ଼ଖଣ୍ଡ, ହରିୟାଣା, ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ପରେ ସଦସ୍ୟତା ଅଭିଯାନ ଆରମ୍ଭ ହେବ। ସୂଚନାଯୋଗ୍ୟ ୨୦୧୪ରୁ ୨୦୧୯ପର୍ଯ୍ୟନ୍ତ ଦଳ ୧୮କୋଟି ସଦସ୍ୟ ସୃଷ୍ଟି କରିଥିଲା। ଯେଉଁଥିପାଇଁ ଭାଜପା ବିଶ୍ୱର ସବୁଠୁ ବଡ ରାଜନୈତିକ ଦଳର ମାନ୍ୟତା ପାଇଛି। ଏଥର ମିସ୍ କଲ, କୋଡ, ନାମୋ ଆପ ଏବଂ ପାର୍ଟି ୱେବସାଇଟ ମାଧ୍ୟମରେ ଭାଜପା ସଦସ୍ୟତା ଦେବ। ଦଳ ଦୁଇ-ତିନୋଟି ରାଜ୍ୟକୁ ମିଶାଇ ଏକ ସଦସ୍ୟତା ପ୍ରଭାରୀ ନିଯୁକ୍ତ କରିବ।

## କୋଲକାତା ଲଜ୍ଜା

# ନିଜ ଆଡୁ ହସ୍ତକ୍ଷେପ କଲେ ସୁପ୍ରିମକୋର୍ଟ : ୨୦ରେ ଶୁଣାଣି

**ନୂଆଦିଲ୍ଲୀ, ୧୮।୮**

କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲା ସାରା ଦେଶକୁ ଦୋହଲାଇ ଦେଇଛି। କୋଲକାତାର ଲୋମ ହର୍ଷଣକାରୀ ଘଟଣାରେ ନିଜ ଆଡୁ ହସ୍ତକ୍ଷେପ କରିଛନ୍ତି ସୁପ୍ରିମକୋର୍ଟ। ସୁପ୍ରିମକୋର୍ଟଙ୍କ ୩ ଜଣିଆ ଖଣ୍ଡପୀଠ ଆସନ୍ତା ୨୦ ତାରିଖ ଅର୍ଥାତ ମଙ୍ଗଳବାର ଏହି ମାମଲାର ଶୁଣାଣି କରିବେ । ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଶୁଣାଣି ହେବ।



ତେବେ କୋଲକାତା ଘଟଣାକୁ ନେଇ ଏବେ ସମଗ୍ର ଦେଶରେ ହଇଚଇ ସୃଷ୍ଟି ହୋଇଛି । କୋଲକାତା ପୁଲିସ ପକ୍ଷରୁ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରୟକୁ ଗିରଫ କରାଯାଇଥିବା ବେଳେ ସିବିଆଇ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ଅଧିକ ତଦନ୍ତ କରୁଛି । ଏସବୁ ଭିତରେ ପୂରା ଦେଶରେ ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି ଓ ଡାକ୍ତରମାନେ (ପୃଷ୍ଠା ୭ରେ)

## ଅଷ୍ଟମ ବେତନ କମିଶନ ଲାଗୁହେଲେ ସର୍ବନିମ୍ନ ବେତନ ୩୪୫୬୦ ହେବ!



**ନୂଆଦିଲ୍ଲୀ, ୧୮।୮**

କେନ୍ଦ୍ର ସରକାରଙ୍କ କର୍ମଚାରୀମାନେ ସପ୍ତମ ବେତନ ଆୟୋଗର ସୁପାରିସ ଅନୁଯାୟୀ ୨୦୧୬ ଜାନୁଆରୀ ପହିଲାରୁ ଦରମା ପାଉଛନ୍ତି। ତେଣୁ ଅଷ୍ଟମ ବେତନ କମିଶନ ଗଠନ ସହିତ ଏହାର ସୁପାରିସକୁ ୨୦୨୬ ଜାନୁଆରୀ ପହିଲାରୁ ମୋଦି ସରକାର କାର୍ଯ୍ୟକାରୀ କରିବେ ବୋଲି ଆଶା କରାଯାଉଛି। ଯଦିଓ ସରକାରୀ ଭାବେ ଏ ନେଇ କିଛି କୁହାଯାଇନାହିଁ ତଥାପି ଗତ ବର୍ଷେ ହେଲା କର୍ମଚାରୀ ସଂଘଗୁଡ଼ିକ ସରକାରଙ୍କ ନିକଟରେ ଏଥିପାଇଁ ଦାବି କରି ଆସୁଛନ୍ତି।

ସପ୍ତମ ବେତନ କମିଶନ ଲାଗୁ ହେବା ପୂର୍ବରୁ କର୍ମଚାରୀ ସଂଘଗୁଡ଼ିକ ୩.୬୮ ଫିଟ୍‌ମେଣ୍ଟ ଫ୍ୟାକ୍ଟର ଦାବି କରିଥିଲେ। କିନ୍ତୁ ସରକାର ଫିଟ୍‌ମେଣ୍ଟ ଫ୍ୟାକ୍ଟରକୁ ୨.୫୭ରେ ଧାର୍ଯ୍ୟ କରିଥିଲେ। ଉଲ୍ଲେଖଯୋଗ୍ୟ, ଫିଟ୍‌ମେଣ୍ଟ ଫ୍ୟାକ୍ଟର ହେଉଛି ସେହି ସଂଖ୍ୟା ଯାହାକୁ ଉପଯୋଗ କରାଯାଇ ନୂଆ ଦରମା ଓ ପେନସନ ନିର୍ଦ୍ଧାରଣ କରାଯାଇଥାଏ। ଏଥିଯୋଗୁ ସରକାରୀ କର୍ମଚାରୀମାନଙ୍କର ସର୍ବନିମ୍ନ ଦରମା ସପ୍ତମ ବେତନ ଆୟୋଗ ସୁପାରିସ ଲାଗୁ ସମୟରେ ୧୮ ହଜାର ଟଙ୍କା ହୋଇଥିଲା। ଷଷ୍ଠ ବେତନ କମିଶନ ଅନୁଯାୟୀ ସରକାରୀ କର୍ମଚାରୀମାନଙ୍କର ସର୍ବନିମ୍ନ ଦରମା ୭ ହଜାର ଟଙ୍କା ରହିଥିଲା। (ପୃଷ୍ଠା ୭ରେ)


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


# ଶ୍ରୀମନ୍ଦିରରେ ଭକ୍ତଙ୍କୁ ମିଳିବ ମାଗଣା ମହାପ୍ରସାଦ

**ପୁରୀ, ୧୮।୮ : ନ୍ୟୁଜ୍ ବ୍ୟୁରୋ**

ଶ୍ରୀମନ୍ଦିରରେ ମିଳିବ ମାଗଣା ମହାପ୍ରସାଦ । ଶ୍ରୀମନ୍ଦିରକୁ ଆସୁଥିବା ପ୍ରତ୍ୟେକ ଭକ୍ତଙ୍କୁ ମିଳିବ ଅବଢ଼ା। ପ୍ରତ୍ୟେକ ଦିନ ଲକ୍ଷେରୁ ଅଢେଇ ଲକ୍ଷ ଭକ୍ତ ପାଇବେ ପ୍ରସାଦ। ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ମାଗଣା ପ୍ରସାଦ ବଣ୍ଟନ ପାଇଁ ବିଭିନ୍ନ ଦାତାଙ୍କ ସହ ଆଲୋଚନା ହୋଇଛି । ଶ୍ରୀମନ୍ଦିର ଆସୁଥିବା ପ୍ରତ୍ୟେକ ଭକ୍ତ ଅବଢ଼ା ଟିକିଏ ପାଇପାରିବେ ସେନେଇ ବ୍ୟବସ୍ଥା କରାଯାଉଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଏହି ପ୍ରକ୍ରିୟା ଆରମ୍ଭ ହେବା ପରେ ଯେଉଁଳି ଅଧାରୁ ବନ୍ଦ ନହୁଏ ସେ ଦିଗରେ ଆନୁସଙ୍ଗିକ ବ୍ୟବସ୍ଥା ମାନ ପ୍ରସ୍ତୁତ ହେଉଛି।

ପ୍ରତ୍ୟେକ ଦିନ ପ୍ରାୟ ଏକରୁ ଦେଢ଼ ଲକ୍ଷ ଭକ୍ତ ଶ୍ରୀମନ୍ଦିର ଆସୁଥିବା ବେଳେ ପର୍ବପର୍ବାଣୀ ଦିନରେ ଦୁଇରୁ ଅଢେଇ ଲକ୍ଷ ଭକ୍ତ ଆସିଥାନ୍ତି। ସେମାନଙ୍କୁ କିଭଳି ଭାବରେ ମାଗଣା




ମହାପ୍ରସାଦ ଯୋଗାଇ ଦିଆଯାଇପାରିବ ସେନେଇ ରୂପରେଖ ଦେବାକୁ ପ୍ରଚେଷ୍ଟା ଚାଲିଥିବା ବେଳେ ବିଭିନ୍ନ ଦାତାଙ୍କ ସହ ଆଲୋଚନା ମଧ୍ୟ ଚାଲିଛି ବୋଲି ଆଇନ ମନ୍ତ୍ରୀ କହିଛନ୍ତି । ସୁରେଶ ମହାପାତ୍ର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଥିବା ବେଳେ ଏହି ବ୍ୟବସ୍ଥା ଲାଗୁ କରିଥିଲେ। ଏଥି ପ୍ରତି ଜନ ସମର୍ଥନ ବଢିବାରୁ ଶ୍ରୀମନ୍ଦିର ପ୍ରଶାସନ ମାଗଣା ମହାପ୍ରସାଦ ସେବାକୁ ବୃହତ ଆକାରରେ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଏଥି ନିମନ୍ତେ ଶେଷଥର ୨୦୧୮-୧୯ ଆର୍ଥିକ ବଜେଟରେ ଦେଢ କୋଟି ଟଙ୍କାର ବ୍ୟୟବରାଦ ହୋଇଥିଲା। ମାତ୍ର କୋଭିଡ ପରଠୁ ଆଉ ଭକ୍ତଙ୍କୁ ମାଗଣା ମହାପ୍ରସାଦ ଦିଆଯାଉନି।

# ୩ ଦିନ ପ୍ରବଳ ବର୍ଷିବ : ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

**ଭୁବନେଶ୍ୱର, ୧୮।୮**
**ନ୍ୟୁଜ୍ ବ୍ୟୁରୋ**

ଉତ୍ତର ବଙ୍ଗୋପସାଗର ଓ ବାଂଲାଦେଶ-ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟ ଲଘୁଚାପ ଦକ୍ଷିଣ ବାଂଲାଦେଶ ଅଞ୍ଚଳରେ ସ୍ଥିର ରହିଛି। ଯାହା ଫଳରେ ସମୁଦ୍ର ପତ୍ତନ ଠାରୁ ୭ କିମି ଉପରେ ବାତ୍ୟାକ୍ଷେତ୍ର ସୃଷ୍ଟି ହେବା ସହ ଦକ୍ଷିଣ-ପଶ୍ଚିମ ଆଡ଼କୁ ଢଳି ରହିଛି। ଏହା କ୍ରମଶଃ ଉତ୍ତର ଓ ଉତ୍ତର-ପଶ୍ଚିମ ଆଡ଼କୁ ଗତି କରିବା ସମ୍ଭାବନା ରହିଛି । ଏହାର ପ୍ରଭାବରେ ୧୯ ତାରିଖ ସୁଦ୍ଧା ବାଂଲାଦେଶ ଓ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଏକ ବଡ଼ ଲଘୁଚାପ ବଳୟ ସୃଷ୍ଟି ହେବ। ଫଳରେ ରାଜ୍ୟରେ ୨୦ ତାରିଖ ଯାଏଁ ପ୍ରବଳ ବର୍ଷା ହେବ । ଏଥିପାଇଁ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର। ୨୧ ତାରିଖରୁ ବର୍ଷାର ପରିମାଣ ହ୍ରାସ ପାଇବ ବୋଲି ସୂଚନା ମିଳିଛି।



ରବିବାର ସକାଳ ୮ଟା ୩୦ରୁ ସନ୍ଧ୍ୟା ୫ଟା ୩୦ ମଧ୍ୟରେ ତାଳଚେରରେ ସର୍ବାଧିକ ୫୫ ମିମି ବର୍ଷା ହୋଇଥିବା ବେଳେ ରାଉରକେଲାରେ ୩୭.୪, ସୁନ୍ଦରଗଡ଼ରେ ୨୭.୭, ବଲାଙ୍ଗୀରରେ ୨୫.୫, ଅନୁଗୁଳରେ ୨୨, ଭଦ୍ରକରେ ୧୪, ସୋନପୁରରେ ୧୩.୮, ଗୋପାଳପୁରରେ ୧୩.୬, କଟକରେ ୧୨.୨ ଓ ମାଲକାନଗିରିରେ ୧୧.୪ ମିମି ବର୍ଷା ରେକର୍ଡ କରାଯାଇଛି । ୧୦ରୁ ଉର୍ଦ୍ଧ୍ୱ ସହରରେ ବର୍ଷା ପରିମାଣ ୧୦ ମିମି ଠାରୁ କମ ରେକର୍ଡ କରାଯାଇଛି। ୧୮ ତାରିଖରେ ପ୍ରବଳ ବର୍ଷା ପାଇଁ ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ (ପୃଷ୍ଠା ୭ରେ)

# ରାଜସ୍ଥାନର ୧୦୦ଟି ହସ୍ପିଟାଲକୁ ବୋମା ଦ୍ୱାରା ଉଡ଼ାଇବାକୁ ଧମକ

**ଜୟପୁର, ୧୮।୮**

ରାଜସ୍ଥାନର ୧୦୦ଟି ହସ୍ପିଟାଲକୁ ବୋମା ମାଡ଼ ଧମକ ଦିଆଯାଇଛି । ଏଥିରେ ରାଜଧାନୀ ଜୟପୁରର ଦୁଇଟି ହସ୍ପିଟାଲ ମଧ୍ୟ ରହିଛି । ଏହି ଦୁଇଟି ହେଉଛି ମୋନିଲାକ ଏବଂ ସିକେ ବିର୍ଲା ହସ୍ପିଟାଲ।

ପୁଲିସର ସୂଚନା ଅନୁସାରେ ୧୦୦ଟି ହସ୍ପିଟାଲରେ ବୋମା ମାଡ଼ କରିବାକୁ ଧମକ ଥିବା ଏକ ଇ-ମେଲ ଆସିଛି । ପଠାଯାଇଥିବା ମେଲରେ ଲେଖାଯାଇଛି, ହସ୍ପିଟାଲରେ ସମସ୍ତେ ମରିଯିବେ। ଧମକପୂର୍ଣ୍ଣ ମେଲ ପାଇବା ପରେ ରାଜସ୍ଥାନ ଏଟିଏସ ଏବଂ ବମ ସ୍କ୍ୱାଡର ଟିମ୍ ମୋନିଲାକ ଏବଂ ସିକେ ବିର୍ଲା ହସ୍ପିଟାଲରେ ପହଞ୍ଚିଥିଲେ। ଉଭୟ ଟିମ୍ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଦେହଜନକ ଜିନିଷ ମିଳିନଥିଲା। ଜୟପୁର ଅତିରିକ୍ତ କମିଶନର କୁଅଁର ରଷ୍ଟ୍ରଦୀପ କହିଛନ୍ତି ଯେ ଆଇପି ଠିକଣା ମେଳ ଖାଉଥିବା



ବ୍ୟକ୍ତିଙ୍କୁ ଠାବ କରାଯାଉଛି।

ପ୍ରଥମେ ଜୟପୁରର ମୋନିଲାକ ଏବଂ ସିକେ ବିର୍ଲା ହସ୍ପିଟାଲରେ ପୁଲିସ ଟିମ୍ ବୋମା ଖୋଜିଥିଲା । ଡାକ୍ତରଖାନାର ଅଫିସିଆଲ ମେଲରେ ବୋମା ଧମକ ଆସିଥିଲା। ଟିମ ପ୍ରଥମେ ହସ୍ପିଟାଲର କୋଣ ଅନୁକୋଣରେ ଯାଞ୍ଚ ଆରମ୍ଭ କରିଥିଲେ ମଧ୍ୟ ଦୀର୍ଘ ସମୟ ଧରି ଯାଞ୍ଚ କରିବା ପରେ ମଧ୍ୟ କିଛି ସନ୍ଦେହଜନକ ଜିନିଷ ମିଳିନଥିଲା।

# ସରକାରଙ୍କ ବଡ଼ ପଦକ୍ଷେପ: ଖୁବ ଶୀଘ୍ର ଦୂର ହେବ ଆଳୁ ସଙ୍କଟ

**ଭୁବନେଶ୍ୱର, ୧୮।୮**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ଆଳୁ ସଂକଟ ଦୂର ପାଇଁ ବଡ଼ ପଦକ୍ଷେପ ନିଆଯାଇଥିବା ସରକାର ସୂଚନା ଦେଇଛନ୍ତି । ଉତ୍ତରପ୍ରଦେଶରୁ ଟ୍ରେନ୍‌ରେ ଆଳୁ ଆସିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ୨ଟି ଟ୍ରେନ୍‌ରେ ଆଳୁ ଆଣିବାକୁ ସରକାର ଯୋଜନା କରୁଛନ୍ତି। ଏ ନେଇ ରେଳ ମନ୍ତ୍ରୀଙ୍କ ସହ ଯୋଗାଯୋଗ ଚାଲିଛି ବୋଲି ଶ୍ରୀ ପାତ୍ର କହିଛନ୍ତି।

ସୂଚନା ଯୋଗ୍ୟ, ପୂର୍ବରୁ ରାଜ୍ୟରେ ଆଳୁ ଦର ହୁ ହୁ ହୋଇ ବଢୁଥିଲା। କଟକ, ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, ସମ୍ବଲପୁର ସବୁଠି ଆଳୁ ଦର ୫୦ ଟଙ୍କା ଟପିଯାଇଥିଲା । କିଛି କିଛି ସ୍ଥାନରେ ମାର୍କେଟରେ ଆଳୁ ମିଳୁନଥିଲା। ବାହାର ରାଜ୍ୟରୁ ଆଳୁ ଆମଦାନୀ ହୋଇପାରୁ ନ ଥିବାରୁ ଓଡ଼ିଶା ବଜାରରେ ଆଳୁ ସଙ୍କଟ ସୃଷ୍ଟି ହୋଇଥିବା କୁହାଯାଉଛି । ଏଭଳି



ସ୍ଥିତିରେ ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆସୁଥିବା ଶହ ଶହ ଆଳୁ ଟ୍ରକକୁ ଅଟକାଇ ଦେଇଛନ୍ତି । ଏମିତି ହେଲାଣି ଯେ ଖୋଲା ବଜାରରୁ ଆଳୁ ମଧ୍ୟ ଗାଏବ ହୋଇଗଲାଣି।

ପଶ୍ଚିମବଙ୍ଗରୁ ଆମଦାନୀ ହେଉଥିବା ଆଳୁ ଟ୍ରକଗୁଡ଼ିକ ସବୁ ଅଧା ବାଟରେ ଅଟକି ରହିଥିଲା। ପଶ୍ଚିମବଙ୍ଗ ସୀମାନ୍ତ ଲକ୍ଷ୍ମଣନାଥ ପାଖରେ ପଶ୍ଚିମବଙ୍ଗରୁ ଆସିଥିବା ଶହେରୁ ଅଧିକ ଆଳୁ ଟ୍ରକ ଅଟକି ରହିଥିଲା। ପଶ୍ଚିମବଙ୍ଗ ସରକାରଙ୍କ ନିର୍ଦ୍ଦେଶରେ ଏସବୁ ଆଳୁ ଟ୍ରକ୍‌କୁ ପୋଲିସ ଅଟକାଇଥିଲା।

ପଶ୍ଚିମବଙ୍ଗରୁ ଆଳୁ ନ ପହଞ୍ଚିବାରୁ ଓଡ଼ିଶା ବଜାରରେ ଆଳୁ ସଙ୍କଟ ସୃଷ୍ଟି ହୋଇଛି ।

## ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ କରିବାକୁ ଲଗାଯିବ ଏଆଇ କ୍ୟାମେରା : ଆଇନ୍ ମନ୍ତ୍ରୀ

**ପୁରୀ, ୧୮।୮**
**ନ୍ୟୁଜ୍ ବ୍ୟୁରୋ**

ରତ୍ନଭଣ୍ଡାରରୁ ବାକ୍ସ ଓ ଆଲମିରା ସ୍ଥାନାନ୍ତର ପାଇଁ ସରକାରୀ ଅନୁମତି ମିଳିସାରିଛି । ଖୁବଶୀଘ୍ର ରତ୍ନଭଣ୍ଡାର ମରାମତି ସାଙ୍ଗକୁ ଅଳଙ୍କାର ଗଣତି, ମଣତି ପ୍ରକ୍ରିୟା ଆରମ୍ଭ ହେବ। ରତ୍ନଭଣ୍ଡାରର ସ୍ଥିତି ଅନୁଧ୍ୟାନ ପାଇଁ ଜିପିଆରଏସ ସର୍ଭେ ସହ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି ଓ ଭିଡ଼ ନିୟନ୍ତ୍ରଣ ପାଇଁ ଲଗାଯିବ ଏ.ଆଇ କ୍ୟାମେରା। ଏହାଦ୍ୱାରା ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ ହେବ।

ପୁରୀରେ ରଥ ସେବା ସମ୍ମାନ- ୨୦୨୪ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଏହି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

## ଏକାଳ ସକାଳ



ସବୁଠୁ ସ୍ମାର୍ଟ ଖୋର୍ଦ୍ଧା ଜିଲ୍ଲାରେ
ମାତିଛନ୍ତି ଡେଙ୍ଗୁ ମଶା
ମରଣ ମୁହଁରେ ରୋଗୀ ପଡୁଛନ୍ତି
ଜୀବନ ଖେଳଇ ଉପରଖସା
ସତର୍କ ରହିଲେ କଟିବ ଦଶା
ଅଳିଆ ନର୍ଦ୍ଦମା ନରଖିଲେ ଜନେ
ମଶାଙ୍କ ବୁଡ଼ିବ ପେସା।

# ଭୁବନେଶ୍ୱର ପରେ କଟକରେ ସିମ୍ ବକ୍ସ ଠାବ



**କଟକ, ୧୮।୮**
**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ପରେ କଟକରେ ସିମ୍ ବକ୍ସ ଠାବ ହୋଇଛି । ମଧୁପାଟଣା ଥାନାଠାରୁ ଅଳ୍ପ ଦୂର ରାଜେନ୍ଦ୍ର ନଗର ଅଞ୍ଚଳର ଏକ ଭଡ଼ା ଘରୁ ଠାବ ହୋଇଛି ସିମ୍ ବକ୍ସ। ସେଥିରେ ମଲ୍ଟିପୁଲ ସିମ୍ ବ୍ୟବହାର ହୋଇଛି । ସିମ୍ ବକ୍ସଟି ଆକ୍ଟିଭ ଅଛି ଓ ଇଣ୍ଟରନେଟ କନେକ୍ସନ ରହିଛି। କିଛି ଦିନ ତଳେ ଭୁବନେଶ୍ୱରରୁ ଏକ ସିମ୍ ବକ୍ସ ଜବତ କରିଥିଲା କମିଶନରେଟ ପୁଲିସ୍ । ଏହି ଅଭିଯୋଗରେ ପୁଲିସ ପଶ୍ଚିମବଙ୍ଗର ମୂଳ ବାସିନ୍ଦା ରାଜୁ ମଣ୍ଡଳକୁ ଗିରଫ କରିଥିଲା। କମିଶନରେଟ ତାକୁ ୫ ଦିନିଆ ରିମାଣ୍ଡରେ ଆଣିଥିଲା। ରବିବାର ଦିନ ତମାମ ପୁଲିସ ତାକୁ ଜେରା କରିଥିଲା। ଜେରା ବେଳେ କଟକରେ ଏକ ଭଡ଼ା ଘରେ ସିମ୍ ବକ୍ସ ଚାଲୁଥିବା ରାଜୁ ମଣ୍ଡଳ କହିଥିଲା। ତା'ପରେ ପୁଲିସ ତାଙ୍କୁ ସାଥୀରେ ନେଇ କଟକ ଯାଇଥିଲା। ଆଉ ସିମ୍ ବକ୍ସ ଜବତ କରିଥିଲା।

ସ୍ଥାନୀୟ ଅଞ୍ଚଳର ଜଣେ ମହିଳା କହିଛନ୍ତି, ରାଜେନ୍ଦ୍ର ନଗର ଅଞ୍ଚଳ ସେହି ଭଡା ଘରକୁ ରାତି ପ୍ରାୟ ୧୧ଟା ବା ୧୨ଟା ବେଳେ ଜଣେ ବ୍ୟକ୍ତି ବୁଲେଟ୍‌ରେ ଆସନ୍ତି, କିଛି ସମୟ ରହି ପଳାଇ ଯିବାର ଦେଖିବାକୁ ପାଉଛୁ । ଏହି ଘଟଣା ପରେ ଆମେ ସନ୍ଦେହ କରୁଛୁ, ରାତିରେ ଆସୁଥିବା ବ୍ୟକ୍ତି ଜଣକ (ପୃଷ୍ଠା ୭ରେ)

# ଜେଏନୟୁରେ ଆର୍ଥିକ ସଙ୍କଟ: ସମ୍ପତ୍ତି ବିକ୍ରି ସହ ଭଡା ଆଦାୟ କରିବ ଶିକ୍ଷାନୁଷ୍ଠାନ

**ନୂଆଦିଲ୍ଲୀ, ୧୮।୮**

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ବା ଜେଏନ୍‌ୟୁ ଭାରତର ଏକ ଜଣାଶୁଣା ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ । ଗତ କିଛିବର୍ଷ ମଧ୍ୟରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟକୁ ମଧ୍ୟ ଦେଶର ଏକ ନମ୍ବର ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରାଯାଇଛି। ଦେଶର ବଡ ବଡ଼ ବ୍ୟକ୍ତି ଏହି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଛନ୍ତି । ଏଠାରେ ଆଡମିସନ ପାଇବାକୁ ହେଲେ ଏକ ପ୍ରବେଶିକା ପରୀକ୍ଷା ଦେବାକୁ ପଡିବ । ଯାହା ଅତ୍ୟନ୍ତ କଷ୍ଟକର। ଏହି ବିଶ୍ୱବିଦ୍ୟାଳୟରେ ଶିକ୍ଷା ସର୍ବୋଚ୍ଚ ସ୍ତରର ହୋଇଥିବାବେଳେ ଦେୟ କିନ୍ତୁ ବହୁତ କମ।



ଯେଉଁଥିପାଇଁ ଏହି ବିଶ୍ୱବିଦ୍ୟାଳୟରେ ଆର୍ଥିକ ସମସ୍ୟା ସୃଷ୍ଟି କରୁଛି । ନିକଟରେ ଜେଏନୟୁ କୁଳପତି ଶାନ୍ତିଶ୍ରୀ ଧୁଲିପୁଡି ପଣ୍ଡିତ କହିଛନ୍ତି ଯେ ଅର୍ଥ ଅଭାବରୁ ବିଶ୍ୱବିଦ୍ୟାଳୟ ସଂଘର୍ଷ କରୁଛି ଏବଂ ଏହି କାରଣରୁ ବର୍ତ୍ତମାନ କିଛି ସମ୍ପତ୍ତି ଭଡାରେ ଦିଆଯିବ ଓ ବିକ୍ରୟ କରିବାକୁ ପ୍ରସ୍ତୁତ (ପୃଷ୍ଠା ୭ରେ)

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଅଗଷ୍ଟ, ସୋମବାର, ୨୦୨୪





## ବିଷମକଟକରେ ଡାକ୍ତରଙ୍କ ରାଲି ଓ ଧାରଣା

**ବିଷମକଟକ, ନ୍ୟୁଜ୍‌ବ୍ୟୁରୋ**

କୋଲକାତା ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୋଷୀଙ୍କୁ କଠୋର ଦଣ୍ଡଦେବା ଓ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ବିଷମ କଟକ ଖ୍ରୀଷ୍ଟିଆନ ହସ୍ପିଟାଲ ପକ୍ଷରୁ ଶାନ୍ତିପୂର୍ଣ୍ଣରେ ପ୍ରତିବାଦ ରାଲି ଓ ଧାରଣା ଦିଆଯାଇଥିଲା। କୋଲକାତାରେ ଘଟିଥିବା ମହିଳା ଡାକ୍ତର ଦୁଷ୍କର୍ମ ଓ ହତ୍ୟାକୁ ବିରୋଧ କରି ସାରାଦେଶରେ ବିକ୍ଷୋଭ ଓ ପ୍ରତିବାଦ ରାଲି ଓ ଧାରଣା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲର ସୁପରିଟେଣ୍ଡେଣ୍ଟ ଡାକ୍ତର ସୁନୀଲ ଚନ୍ଦ୍ର ଜୀବନ ମାଲ, ଡାକ୍ତର କୀର୍ତ୍ତି, ଡାକ୍ତର ପ୍ରଜ୍ଞା, ଡାକ୍ତର ନିଖିଳ ରାଜୁ, ସମସ୍ତ ଡାକ୍ତର, ନର୍ସ ଓ ଷ୍ଟାଫ ଏକତ୍ରିତ ହୋଇ ମହିଳା ଡାକ୍ତରଙ୍କୁ ନ୍ୟାୟଦେବା ଦାବିନେଇ ଓ ଦୋଷୀଙ୍କୁ କଠୋର ଦଣ୍ଡ ଦେବା ଦାବିରେ ଏକ ବିଶାଳ ଶାନ୍ତିପୂର୍ଣ୍ଣ ପ୍ରତିବାଦ ରାଲି ଓ ଧାରଣାରେ ବାହାରି ସହର ପରିକ୍ରମା କରିଥିଲେ। ଏହାପରେ ହସ୍ପିଟାଲ ସାମ୍ମୁଖରେ ସମସ୍ତ ଡାକ୍ତର ଓ ଷ୍ଟାଫ ବସି ଶାନ୍ତିପୂର୍ଣ୍ଣ ପ୍ରତିବାଦ ଧାରଣା ପ୍ରଦର୍ଶନ କରିଥିଲେ।

## ଭଦ୍ରକ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ନୂତନ ଜିଲ୍ଲାପାଳଙ୍କ ଆହ୍ୱାନ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**



ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି ବଦଳି ଆଦେଶ ଅନୁଯାୟୀ ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଦିଲ୍ଲୀପ କୁମାର ରାଉତରାୟ ଭଦ୍ରକର ନୂଆ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଓ ଓଡ଼ିଶା ପରିବାରର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନେଇ କାର୍ଯ୍ୟରତ ଥିଲେ। ଏହା ପୂର୍ବରୁ ମଧ ବିଭିନ୍ନ ପଦପଦବୀରେ ରହି ଜଣେ ଦକ୍ଷ ପ୍ରଶାସକ ଭାବେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ବିକଶିତ ଓଡ଼ିଶା ବିକଶିତ ଭାରତ ଅଭିମୁଖ୍ୟ ନେଇ ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ସହ ଭଦ୍ରକ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସହଯୋଗିତା ଏବଂ ସହଭାଗିତାରେ କାର୍ଯ୍ୟ କରିବାକୁ ଜିଲ୍ଲାର ବିଭାଗୀୟ ଅଧିକାରୀମାନଙ୍କୁ ନେଇ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ତାଙ୍କର ପ୍ରଥମ ସମିକ୍ଷା ବୈଠକରେ ପ୍ରକାଶ କରିଥିଲେ। ଚେନର ଗୋଟିଏ କଡ଼ି କଟିଗଲେ ଚେନଟି ଜେମିତି ସମ୍ପୂର୍ଣ୍ଣ ଅଚଳ ହୋଇଯାଏ ଜିଲ୍ଲାର ଉନ୍ନତି ପାଇଁ ପ୍ରଶାସନ କଳର କୌଣସି ବିଭାଗର ତ୍ରୁଟି ରହିଲେ ସଫଳତା ମିଳିବାରେ କମି ରହିଯାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲ୍ଲାର ପ୍ରଗତି ନେଇ ବିଭିନ୍ନ ବିଭାଗର କାର୍ଯ୍ୟାନ୍ୱୟନର ସ୍ଥିତାବସ୍ଥା ସମୀକ୍ଷା କରିଥିଲେ। ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟଧାରା ସମ୍ବନ୍ଧରେ ଜିଲ୍ଲାପାଳଙ୍କ ଅବଗତି ପାଇଁ ଉପସ୍ଥାପନ କରିଥିଲେ। ଆବଶ୍ୟକ ମତେ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ସି.ଡି.ଓ. ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଏ.ସି.ଡି.ଓ. କୁଶଳ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଳ ରାୟ, ପି.ଡ଼ି.ଡ୍ରୁଡା ବ୍ରଜଗୋପାଳ ଆର୍ଚ୍ଚର୍ଯ୍ୟ ପ୍ରମୁଖ ଏହି ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ।

## ଜାତୀୟ ରାଜପଥରେ ମହିଳାଙ୍କ ବେକରୁ ସୁନାଚେନ ଓ କାନଫୁଲ ଝାମ୍ପିନେଲେ ଦୁର୍ବୃତ୍ତ

**ବେତନଟୀ, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳରେ ମାତିଲେଣି ଚେନ୍ ଲୁଟେରା। ଆଖି ପିଛୁଳାକେ ବାଇକ୍‌ରେ କିଛି ଦୁର୍ବୃତ୍ତ ଆସି ମହିଳାଙ୍କ ବେକରୁ ସୁନା ହାର ଓ କାନରୁ କାନଫୁଲ ଝାମ୍ପି ନେଇଛନ୍ତି। ବୈଶିଙ୍ଗା ଥାନା ଅଧୀନ ୧୮ନଂ ଜାତୀୟ ରାଜପଥର ଗଡ଼ଗଡ଼ିଆ ଛକ ନିକଟରେ ଘଟିଛି ଏହି ଲୁଟ୍ ଘଟଣା। ଆଉ ଏହି ଲୁଟ୍‌ର ଶିକାର ହୋଇଛନ୍ତି ବେତନଟୀ ଥାନା ଅଧୀନ ଆମ୍ବଯୋଡ଼ା ଗ୍ରାମର ତାପସ ରଞ୍ଜନ ବେହେରାଙ୍କ ସ୍ତ୍ରୀ ମାନସୀ ସାହୁ। ସୂଚନା ଅନୁଯାୟୀ ମାନସୀ ପୁରୁଣିଆ ପଞ୍ଚାୟତରେ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟରତ ଥିବାବେଳେ ସବୁଦିନେ ନିଜ ସ୍କୁଟି ଯୋଗେ ଆମ୍ବଯୋଡ଼ା ଗ୍ରାମରୁ ପୁରୁଣିଆ ଯିବା ଆସିବା କରନ୍ତି। ସେ କାମ ସାରି ନିଜ ଘରକୁ ଫେରୁଥିବା ସମୟରେ ଜାତୀୟ ରାଜପଥରେ ହଠାତ୍ ଏକ କଳା ରଙ୍ଗର ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ତାଙ୍କ ପିଛା କରିଥିଲେ। ପରେ ଗଡ଼ଗଡିଆ ଛକ ନିକଟରେ ନିଛାଟିଆ ପାଇ ମାନସୀଙ୍କ ସ୍କୁଟିକୁ ଗୋଟେ ଗୋଇଠା ମାରିଥିଲେ। ମାନସୀ ତଳେ ପଡ଼ିଯିବା ପରେ ସେମାନେ ବାଇକ୍‌ରୁ ଓହ୍ଲାଇ ମାନସୀଙ୍କ ବେକରୁ ସୁନା ଚେନ ଓ କାନରୁ କାନଫୁଲ ଝାମ୍ପି ନେଇ ଆଖି ପିଛୁଳାକେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ମାନସୀ ବାଇକ୍‌ର ନମ୍ବରଟିକୁ ଦେଖିଥିଲେ ବି ସମ୍ପୂର୍ଣ୍ଣ ନମ୍ବର ମନେ ରଖି ପାରିନଥିଲେ, କେବଳ ଶେଷ ଚାରୋଟି ନମ୍ବର (୨୨୩୫) ହିଁ କହିଥିଲେ। ପ୍ରକାଶ ଥାଉ କି ଏହି ଥାନା ଇଲାକାରେ ୧ମାସ ଭିତରେ ଏମିତି ଆଉ ୨ଟି ଘଟଣା ଘଟିଥିବାର ମଧ୍ୟ ସୂଚନା ମିଳିଛି। ମଙ୍ଗଳବାର ସନ୍ଧ୍ୟାରେ ମାନସୀଙ୍କ ଲିଖିତ ଅଭିଯୋଗ ପାଇ ବୈଶିଙ୍ଗା ପୁଲିସ ୨୭୬/୨୪ନଂରେ ମାମଲା ରୁଜୁ ପୂର୍ବକ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଆସିକାର କାନ୍ଧସୁନ୍ଦରାପଲ୍ଲୀରେ ଡାଇରିଆ : ୬ ଜଣ ଆକ୍ରାନ୍ତ

**ଆସିକା, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଆସିକାରେ ଡାଇରିଆ ଆକ୍ରାନ୍ତ ଦେଖାଯାଇଛି। ବାଲିସିରା ପଞ୍ଚାୟତ ଅନ୍ତର୍ଗତ କାନ୍ଧସୁନ୍ଦରାପଲ୍ଲୀ ଗ୍ରାମରେ ଗତ ଦୁଇ ଦିନ ହେଲା ଗ୍ରାମବାସୀ ଡାଇରିଆରେ ଆକ୍ରାନ୍ତର ଶିକାର ହୋଇଥିବା ଜଣାଯାଇଛି। ଏପର୍ଯ୍ୟନ୍ତ ୬ ଜଣ ଲୋକ ଡାଇରିଆର ଶିକାର ହୋଇଛନ୍ତି। ସେଥି ମଧ୍ୟରୁ ୨ ଜଣ ସୁସ୍ଥ ହୋଇଛନ୍ତି। ଅନ୍ୟ ୨ ଜଣ ଘରେ ରହି ଔଷଧ ସେବନ କରୁଛନ୍ତି। କିନ୍ତୁ ୨ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କାନ୍ଧସୁନ୍ଦରାପଲ୍ଲୀ ଗ୍ରାମରେ ଡାଇରିଆ ନେଇ ସୂଚନା ମିଳିବା ପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସେଠାରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ଉଦ୍ୟମ କରୁଛନ୍ତି। ଡାକ୍ତର ଲକ୍ଷ୍ମୀ ଦେବୀଙ୍କ ସହିତ ଏକ ଟିମ୍ ଗ୍ରାମରେ ଚିକିତ୍ସା କରୁଥିବା ବେଳେ ବିଡ଼ିଓ ଫକୀର ଚରଣ ପରିଡ଼ା ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ମଧୁସୂଦନ ବାରିକ ବିପିଏମ ସାଗରିକା ମିଶ୍ର ସରପଞ୍ଚ ଦୈତାରି ବେହେରା ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଛନ୍ତି। ବିଡ଼ିଓ ଗ୍ରାମକୁ ଟ୍ୟାଙ୍କର ସାହାଯ୍ୟରେ ଜଳ ଯୋଗାଣ ପାଇଁ ଆରଡବ୍ଲୁଏସ୍‌ଏସ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଅଚଳ ଜଳ ଯୋଗାଣ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ କହିଛନ୍ତି।

ପ୍ରାଥମିକ ଭାବେ ଦୂଷିତ ପାଣି ବ୍ୟବହାର କାରଣରୁ ଏହି ଗ୍ରାମରେ ଡାଇରିଆ ବ୍ୟାପିଥିବା ସନ୍ଦେହ କରାଯାଉଛି। ଗ୍ରାମରେ ଥିବା ଦୁଇଟି ସୌର ଚାଳିତ ଜଳ ଯୋଗାଣ ପ୍ରକଳ୍ପ ଦୀର୍ଘ ମାସ ହେଲା ଅଚଳ ହେବା ସହିତ ଗଭୀର ନଳକୂପରୁ କଳଙ୍କି ଯୁକ୍ତ ପାଣି କାରଣରୁ ଲୋକ ବାହାରୁ ପାଣି ପିଇବା ପାଇଁ ବାଧ ହେଉଛନ୍ତି। ଏହି କାରଣରୁ ଗ୍ରାମରେ ଡାଇରିଆରେ ସଂକ୍ରମିତ ହୋଇଥିଲେ। ସ୍ୱାସ୍ଥ୍ୟ ବିଭାଗ ହାଲୋଜେନ ବଟିକା ଓ ଆର ଏସ, ଔଷଧ ବ୍ୟବସ୍ଥା କରିବା ସହିତ ସଂକ୍ରମଣ ହ୍ରାସ ପାଇଁ କାର୍ଯ୍ୟ କରୁଛି। ଡାଇରିଆରେ କେହି ମରି ନଥିବା ସ୍ୱାସ୍ଥ୍ୟ ବିଭାଗ ପ୍ରାଥମିକ ସ୍ଥିତି ଅନୁଧାନ ପରେ କହିଛି।

## କେନ୍ଦ୍ରାପଡ଼ା ସହରରୁ ବର୍ଷା ଓ ବର୍ଜ୍ୟଜଳ ନିଷ୍କାସନ ପାଇଁ ସ୍ଥାପନ ହେବ ୩ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର ସର୍ବ ପୁରାତନ କେନ୍ଦ୍ରାପଡ଼ା ପୌରସଂସ୍ଥାର ସହରର ବିଭିନ୍ନ ସ୍ଥାନରେ ଡ୍ରେନେଜ୍ ବ୍ୟବସ୍ଥା ଶୋଚନୀୟ ଥିବାରୁ ବର୍ଷା ଓ ବର୍ଜ୍ୟ ଜଳ ନିଷ୍କାସନ ହୋଇ ନପାରି ବିଭିନ୍ନ ୱାର୍ଡ ଗୁଡ଼ିକରେ ଜଳ ଜମି ରହୁଛି। ଏହାକୁ ନିଷ୍କାସନ କରିବା ପାଇଁ ଏକ ସମୀକ୍ଷା ବୈଠକ ବିଧାୟକ ଗଣେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୌର ଅଧ୍ୟକ୍ଷା ସରିତା ସାହୁ, ଉପାଧ୍ୟକ୍ଷା ଆକବରୀ ଖାତୁନ, ପୌର ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଡ୍ରେନେଜ୍ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର ପ୍ରମୁଖ ଉପସ୍ଥିତ ରହି ରେଡିୟଣ୍ଟ ସଂସ୍ଥା ଦ୍ୱାରା ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନା କରାଯାଇ ଥିଲା। ଏଠାରେ ସୂଚନା ଯୋଗ୍ୟ ଯେ ପୌରାଞ୍ଚଳର ଡ୍ରେନେଜ୍ ସିଷ୍ଟମକୁ କିପରି ସୁପରିଚାଳନା କରାଯାଇ ପାରିବ ଓ ଉଦ୍‌ବୃତ ଜଳ ନିଷ୍କାସନ ସହଜରେ କରାଯାଇ ପାରିବ ସେ ସମ୍ବନ୍ଧରେ ରେଡିୟଣ୍ଟ ସଂସ୍ଥାକୁ ସର୍ଭେ କରିବାକୁ ଦାୟିତ୍ୱ ଦିଆ ଯାଇଥିଲା। ପୂର୍ବରୁ ପୌରାଞ୍ଚଳ ରେ ୩୬ କିମି ଡ୍ରେନ ଥିବାବେଳେ ସର୍ଭେ ରିପୋର୍ଟ ଅନୁଯାଇ ନୂଆ ଭାବେ ୭୧ କିମି ଡ୍ରେନ କରାଯିବା ସହ ବର୍ଜ୍ୟ ଜଳ ସୁପରିଚାଳନା ପାଇଁ ୩ଟି ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନା କରାଯାଇ ନାଳ, ନର୍ଦ୍ଦମା ଓ ଡ୍ରେନ ପାଣିକୁ ପରିଷ୍କାର କରାଯାଇ ଗୋବରୀ ନଦୀ ଓ କେନାଲରେ ପ୍ରବାହିତ କରାଯିବ। ଏହି ସମସ୍ତ କାର୍ଯ୍ୟ ପାଇଁ ପ୍ରାୟ ୧୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯିବ। ରାଜ୍ୟ ନଗର ଉନ୍ନୟନ ବିଭାଗ ଏହି ଯୋଜନାକୁ ମଞ୍ଜୁରୀ ଦେଲେ କେନ୍ଦ୍ରାପଡ଼ା ସହରର ଜଳ ନିଷ୍କାସନ ସମସ୍ୟା ସମାଧାନ ହୋଇ ପାରିବ ବୋଲି ଜଣାପଡ଼ିଛି। ଏହି ସମୀକ୍ଷା ବୈଠକରେ ଏମଇ, ଜେଇ, ପୌର ସଂସ୍ଥାର ସମସ୍ତ କାଉନସିଲର ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବୃଦ୍ଧାଶ୍ରମରେ ସମ୍ବର୍ଦ୍ଧନା ଓ ଖାଦ୍ୟ ବଣ୍ଟନ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ଜିରୋ ଏଇଟି ଗ୍ରୁପ ତରଫରୁ ବୃଦ୍ଧାମାନଙ୍କୁ ସମ୍ବର୍ଦ୍ଧନା ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। କଲେଜର ପୁରାତନ ଛାତ୍ର ଓ ଚଳିତ ବର୍ଷର ଛାତ୍ରମାନେ ଏବଂ ସଦର ମହକୁମା ଯୁବକମାନେ ମିଶି ଏହି କାର୍ଯ୍ୟକ୍ରମ କରି ଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଥିବା ଜିରୋ ଏଇଟି ଗ୍ରୁପର ସଦସ୍ୟମାନେ ହେଲେ ମନୋଜ ରାଉତ, ମମିନ ଖାନ, ସୌଭାଗ୍ୟ ପଟ୍ଟନାୟକ, ରଞ୍ଜିତ ଗୋଛାୟତ, ଶେଖ୍ ଇମତୀୟାଜ, ଶେଖ ସେଫ ଅଲ୍ଲୀ, ତସିଫ ଖାନ, ଶେଖ ଆସିକ, ଶେଖ ଅଝର ଉଦ୍ଦିନ, ପ୍ରଭାତ, ନିହାର, ବିଶାଲ, ଜାହିଦ, ଆଶିଷ, ଏବଂ ଅନ୍ୟାନ୍ୟ ମେମ୍ବର ମାନେ ଉପସ୍ଥିତ ଥିଲେ। ସେହିପରି ପ୍ରତିବର୍ଷ ପରି ଏ ବର୍ଷ ବି ଜିରୋ ଏଇଟି ଗ୍ରୁପ୍‌ର ସଦସ୍ୟମାନେ ଓ କଲେଜ ଛାତ୍ରମାନେ ମିଶି ବୃଦ୍ଧା ଆଶ୍ରମ ଯାଇ ବୃଦ୍ଧା ମାନଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧନା ଓ ସୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି।

## ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଦେଶ ସୁରକ୍ଷା ଶୀର୍ଷକ କବିତା ଆସର ଓ ଆଲୋଚନାଚକ୍ର

**କଟକ, ନ୍ୟୁଜ୍‌ବ୍ୟୁରୋ**



ସାରସ୍ୱତ ଅନୁଷ୍ଠାନ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଦେଶ ସୁରକ୍ଷା ଶୀର୍ଷକ କବିତା ଆସର ଓ ଆଲୋଚନା ଚକ୍ର ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଦାର୍ଶନିକ ପଣ୍ଡିତ ନୀଳକଣ୍ଠ ରାଉତ, ମୁଖ୍ୟବକ୍ତା ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ବରେଣ୍ୟ ଅତିଥି ଭାବେ ସମାଜସେବୀ ତଥା ଆଇନଜୀବୀ ପତିତପାବନ ମହାପାତ୍ର, ସମ୍ମାନୀୟ ଅତିଥି ଭାବେ ଶ୍ରାବଣୀ ସାହିତ୍ୟ ସଂସଦର ସଭାପତି ଉଦୟ କେଶରୀ ବର୍ମା ଓ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଯୋଗଦେଇ ଅନୁପ୍ରବେଶକାରୀ ଓ ଶରଣାର୍ଥୀ ଦେଶପାଇଁ ବିପଦ ଦେଖାଦେଇଛି, ସରକାର ଭୋଟ୍ ରାଜନୀତି ନକରି ପଦକ୍ଷେପ ନିଅନ୍ତୁ, ନଚେତ ବାଙ୍ଗାଲାଦେଶ ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି କହିଥିଲେ। କବୟତ୍ରୀ ଗୀତାଞ୍ଜଳି ପୃଷ୍ଟି ଓ ଡ. ବସନ୍ତ କୁମାରୀ ନନ୍ଦଙ୍କ ସଂଯୋଜନାରେ କବି ଅଶ୍ୱିନୀ କୁମାର ସେଠୀ, ବିନୋଦିନୀ ମିଶ୍ର, ଉତ୍ତମ ଚରଣ ପ୍ରଧାନ, ଚୈତନ୍ୟ ରାଉତ, ଛବିରାମ ସେଠୀ,ସୁରେନ୍ଦ୍ର ମହାପାତ୍ର, ନରେଶଚନ୍ଦ୍ର ରାୟମହାପାତ୍ର, ସଚ୍ଚିଦାନନ୍ଦ କର, ପ୍ରୀୟାଂଶୀ ମାଝୀ, ସୁଶ୍ରୀ ସଂଘମିତ୍ରା ରାଉତ, ଅନୁସୟା ପ୍ରଧାନ, ଆଦର୍ଶ ରାଉତ, ପ୍ରତିକ କୁମାର ପ୍ରଧାନ, ଆଶିଷ ରଂଜନ ଦାଶ, ରତନ କୁମାର ମହାନ୍ତି, ପ୍ରଭାତୀ ରାଣୀ ମହାନ୍ତି, ସଂଜୁକ୍ତା ଦାଶ, ଡ. ନିରଂଜନ ଖଟୁଆ, ଭଗବତୀ ଖଟୁଆ, ଚିନ୍ମୟୀ ଆଚାର୍ଯ୍ୟ, ନିରୁପମା ସାହୁ, ଦୁର୍ଗାପ୍ରସନ୍ନ ଖଟୁଆ, ପ୍ରଭାକର ଦାସ, ସୁନି ଦାସ, ବ୍ରଜବନ୍ଧୁ ପୃଷ୍ଟି, ସୁଶିଳ କୁମାର ରାଉତ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବି ମହେନ୍ଦ୍ର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବି ମନୋରଞ୍ଜନ ପଣ୍ଡା କବିତା ଗୁଡିକୁ ସମୀକ୍ଷା କରିଥିଲେ। କବି ଆଦିତ୍ୟ ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଘଞ୍ଚ ଜଙ୍ଗଲରେ ମାଓ ଡମ୍ପ ଠାବ : ଟିଫିନ ବୋମା, ବିଜିଏଲ ଓ ବିସ୍ଫୋରକ ଜବତ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ସୀମାନ୍ତ ଛତିଶଗଡ଼ର ଧମତରୀ ଓ ଗରିଆବନ୍ଧ ପୁଲିସକୁ ବଡ଼ ସଫଳତା ମିଳିଛି। ମାଓ ପ୍ରବଣ ଅଞ୍ଚଳରେ ଚାଲିଥିବା ସର୍ଚ୍ଚ ଅପରେସନ ବେଳେ ପୁଲିସକୁ ଓଡ଼ିଶା ରାଜ୍ୟ କମିଟିର ଧମତରୀ-ଗରିଆବନ୍ଧ-ନୂଆପଡ଼ା ଡିଭିଜନର ମାଓବାଦୀମାନେ ଲୁଚାଇ ରଖିଥିବା ୩୮ ଲକ୍ଷ ଟଙ୍କା ଏକ ଡମ୍ପରୁ ମିଳିଛି। ଏହି ୩୮ ଲକ୍ଷ ଟଙ୍କାରେ ୨ ହଜାର ଟଙ୍କିଆ ନୋଟ୍ ୬ ବଣ୍ଡଲ, ୫ ଶହ ଟଙ୍କିଆ ନୋଟ ୫୨ ବଣ୍ଡଲ ରହିଛି। ବିମୁଦ୍ରୀକରଣ ବେଳେ ନକ୍ସଲ ଲୁଚାଇ ରଖିଥିବା ଏହି ଟଙ୍କାକୁ ବଦଳାଇ ପାରିନଥିବା ଜଣାପଡ଼ିଛି। ଧମତରୀ ଓ ଗରିଆବନ୍ଧ ସୀମାନ୍ତ ଗୋବରା ଓ ପେଣ୍ଡ୍ରା ଜଙ୍ଗଲର ବିଭିନ୍ନ ସ୍ଥାନରେ ନକ୍ସଲ ପ୍ରାୟ ଦଶ ଫୁଟ ଗାତ ଖୋଲି ସେଥିରେ ଏହି ଟଙ୍କା ରଖିଥିଲେ। ପୁଞ୍ଜିପତି, ଠିକାଦାର ଏବଂ ଧନିକ ଶ୍ରେଣୀର ଲୋକଙ୍କ ଠାରୁ ଆଦାୟ ହୋଇଥିବା ଏହି ଟଙ୍କାକୁ ନକ୍ସଲ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଗୋଳାବାରୁଦ, ବନ୍ଧୁକ ଇତ୍ୟାଦି କିଣିବାରେ ଖର୍ଚ୍ଚ କରିଥାନ୍ତେ। କିନ୍ତୁ ନକ୍ସଲଙ୍କ ଯୋଜନାକୁ ପୁଲିସ ବିଫଳ କରିଛି। କେବଳ ଟଙ୍କା ନୁହେଁ ସେହି ଡମ୍ପରୁ ୨୩ଟି ବିଜିଏଲ, ୨ଟି ଟିଫିନ ବୋମା, ୧୩ଟି ଡିଟୋନେଟର, ଗୋଟିଏ ବଣ୍ଡଲ ଫ୍ୟୁଜ ତାର, ଦୁଇ କିଲୋ ଖୋଲା ବାରୁଦ, ସେନ୍‌ସର ରିମୋଟ, ବିଦ୍ୟୁତ ତାର, ମାଓ ପୋଷାକ, କଳା ପୋଷାକ ସହ ବୋମା ତିଆରି ଜିନିଷ ମହଜୁଦ ରହିଥିଲା। ପୁଲିସ ଓ ସିଆରପିଏଫର ମିଳିତ ଚଢ଼ଉରେ ଏହି ସଫଳତା ମିଳିଥିବା ପୁଲିସ କହିଛି। ଏବେ ବି ଏହି ଅଞ୍ଚଳର ବିଭିନ୍ନ ସ୍ଥାନରେ ନକ୍ସଲ ବିସ୍ଫୋରକ ସହ ଟଙ୍କା ଲୁଚାଇ ରଖିଥାଇପାରନ୍ତି ବୋଲି କୁହାଯାଇଛି।

## ଦୟନୀୟ ଅବସ୍ଥାରେ ଡିଗ୍ରୀ କଲେଜ : ଅତିଥି ଅଧ୍ୟାପକରେ ଚାଲିଛି ପାଠପଢ଼ା

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**




ଓଡ଼ିଶାର ଉପାନ୍ତ, ଅନଗ୍ରସର ତଥା ଆଦିବାସୀ ବହୁଳ ଅଞ୍ଚଳର ତାଲିକାରେ ପ୍ରଥମେ ଆସୁଥିବା ମାଲକାନଗିରି ଜିଲ୍ଲାର ବିକାଶ ନିମନ୍ତେ ସରକାର ୨୦୧୬ ମସିହାରେ ଏକ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଜିଲ୍ଲାବାସୀଙ୍କୁ ଭେଟି ଦେଇଥିଲେ। ସେ ସମୟରେ ସମସ୍ତ ଅଞ୍ଚଳବାସୀଙ୍କ ମନରେ ଆଶାର ଅଲୋକ ଝଲସି ଉଠିଥିଲା ଯେ, ଏଥର ଆମ ପୁଅ-ଝିଅ ପାଠ ପଢ଼ି ମଣିଷ ହେବେ। କିନ୍ତୁ ଦୁଃଖର କଥା କଲେଜ ହେବାର ଆଠ ବର୍ଷ ପରେ ମଧ ପରିଚାଳନା ପାଇଁ ସ୍ଥାୟୀ ଅଣଶିକ୍ଷକ କର୍ମଚାରୀ ନିଯୁକ୍ତି ଦିଆଯାଇ ପାରିନାହିଁ। ଆଜି ବି କଲେଜ ପାଇଁ କନିଷ୍ଠ କିରାଣୀ, ପାଠାଗାର ପରିଚାଳକ, ପାଠାଗାର ସଂରକ୍ଷକ, ବିଜ୍ଞାନର ସମସ୍ତ ବିଭାଗ ପରୀକ୍ଷାଗାର ସଂରକ୍ଷକ ନାହାନ୍ତି ଏପରିକି ପିଅନ ସୁଦ୍ଧା ନିଯୁକ୍ତି ଦିଆଯାଇନାହିଁ।

କେବଳ ଏତିକି ନୁହେଁ ପନ୍ଦରଟି ବିଭାଗେର ୧୨ଟି ସ୍ଥାୟୀ ସହକାରୀ ପ୍ରାଧ୍ୟାପକ କର୍ମରତ ଥିବାବେଳେ ବାକି ସବୁଥିରେ ଅତିଥି ଅଧ୍ୟାପକ କାର୍ଯ୍ୟଭାର ସମ୍ଭାଳୁଛନ୍ତି। ପୁଣି ଗତ ବର୍ଷଠାରୁ ଚାରୋଟି ନୂତନ (ଓଡ଼ିଆ, ଇଂରାଜୀ, ଇତିହାସ ଓ ମନସ୍ତତ୍ତ୍ୱ) ବିଭାଗ ଖୋଲା ହେବା ପେର ବି ସ୍ୱତନ୍ତ୍ର ପ୍ରଶାସନିକ ପ୍ରକୋଷ୍ଠଟିଏ ବ୍ୟବସ୍ଥା ହୋଇପାରି ନାହିଁ। ନୂତନ ଭାବେର ଚାରୋଟି ବିଭାଗ ଖୋଲାହେବା ପରେ ପିଲା ସଂଖ୍ୟା ପାଖାପାଖି ୧୨୦୦ରୁ ୧୫୦୦କୁ ବୃଦ୍ଧି ପାଇଛି। ତେଣୁ ଶ୍ରେଣୀ ଗୃହର ମଧ ଅଭାବ ଦେଖା ଦେଇଛି। ସହରଠାରୁ ଦୂରରେ ତଥା ନଈକୂଳବର୍ତ୍ତୀ ନିଛାଟିଆ ସ୍ଥାନରେ କଲେଜଟି ରହିଛି। ଏ କ୍ଷେତ୍ରେର ପିଲାମାନଙ୍କ ସୁରକ୍ଷା ପାଇଁ ସୁଉଚ୍ଚ ଫାଟକ ଏବଂ ପାଚେରୀର ଆବଶ୍ୟକତା ରହିଥିବାବେଳେ ଏଠି ଜଗୁଆଳି ମଧ ନାହାନ୍ତି।

ଏ କଲେଜକୁ ମାଥିଲି, କାଲିମେଳା, ପଡ଼ିଆ, ଗୋବିନ୍ଦ ପାଲ୍ଲୀ ଭଳି ବହୁ ଦୂରଦୂରାନ୍ତରୁ ଗରିବ ପିଲା ପାଠ ପଢିବାକୁ ଆସନ୍ତି। ବର୍ଷା, ଝଡ଼ତୋଫାନ ହେଲେ କଲେଜ ସଂପୂର୍ଣ୍ଣ ପିଲାଶୂନ୍ୟ ହେଇଯାଏ। ଯଦିଓ ଏଠି ଗରିବ ତଥା ଦୂରବର୍ତ୍ତୀ ପିଲାଙ୍କ ପାଇଁ ହଷ୍ଟେଲର ବ୍ୟବସ୍ଥା କରାଯାଇ ଥିଲେ ମଧ କମର୍ଚ୍ଚରୀ ଅଭାବରୁ ପରିଚାଳନା କରିବା ସମ୍ଭବପର ହୋଇପାରୁନାହିଁ। ତେଣୁ ସରକାର ଏସବୁ ପ୍ରତି ଦୃଷ୍ଟି ଦେଲେ ମାଲକାନଗିରି ଜିଲ୍ଲାର ଉନ୍ନତି ସାଧିତ ହେବା ସହିତ ଗରିବ ପିଲାମାନେ ସଠିକ୍ ଭାବରେ ପାଠ ପଢିବାର ସୁଯୋଗ ପାଇପାରିବେ ବୋଲି କୁହାଯାଇଛି।

## କାମରେ ଆସୁନି ସର୍ବସାଧାରଣ ଶୌଚାଳୟ ସାଙ୍ଗକୁ ମିଳୁନାହିଁ ପିଇବା ପାଣି

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସର୍ବସାଧାରଣ ଶୌଚାଳୟ କାମରେ ଆସୁନି। ସୁବର୍ଣ୍ଣପୁରର ପ୍ରସିଦ୍ଧ ଶୈବ ପୀଠ ଶ୍ରୀ ଶ୍ରୀ ସୁବର୍ଣ୍ଣମେରୁ ମନ୍ଦିର ସାମ୍‌ନାରେ ଭକ୍ତଙ୍କ ଉଦ୍ଦେଶ୍ୟରେ ନିର୍ମିତ ହେଇଥିଲା ସର୍ବସାଧାରଣ ଶୌଚାଳୟ। ଏଥିପାଇଁ ମୁକ୍ତା ଯୋଜନାରୁ ବ୍ୟାପକ ଅର୍ଥ ମଧ ବରାଦ ହୋଇଥଲା କିନ୍ତୁ ତାହା ବନ୍ଦ ହୋଇ ପଡ଼ିଛି। ପ୍ରଭୁ ସୁବର୍ଣ୍ଣମେରୁ ମନ୍ଦିର ଠାରେ ଶ୍ରାବଣ ମାସରେ ମାସ ସାରା ଜଳଶାୟୀ ତଥା ଭକ୍ତଙ୍କ ଗହଳି ଲାଗି ରହୁ ବେଳେ ଭକ୍ତମାନେ ଏଣେ ତେଣେ ପରିସ୍ରା କରିବାକୁ ବାଧ ହେଉଛନ୍ତି। ଶ୍ରାବଣ ସୋମବାର ଯୋଗୁଁ ହଜାର ହଜାର ସଂଖ୍ୟାରେ ଜନସମାଗମ ହୋଇଥିବା ବେଳେ ତାହା ବନ୍ଦ ପଡ଼ିଥିବା ଦେଖାଯାଇଥିଲା। ଏ ନେଇ ଭକ୍ତଙ୍କ ମନରେ ବ୍ୟାପକ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଏଠାରେ ପିଇବା ପାଣିର କୌଣସି ବ୍ୟବସ୍ଥା ନାହିଁ। ଏ ନେଇ ସ୍ଥାନୀୟ ବୁଦ୍ଧିଜୀବୀମାନେ ସୋନପୁରରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମ କେବଳ ଅଫିସର ଓ ଠିକାଦାରମାନଙ୍କ ସ୍ୱାର୍ଥରେ ଉଦ୍ଦିଷ୍ଟ ବୋଲି ମତ ଦେଇଛନ୍ତି।




## ଜନ୍ମ ଦିନରେ ସଂଗ୍ରହ ହେଲା ୮୨୨ ୟୁନିଟ୍ ରକ୍ତ




**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ଟାଙ୍ଗୀ ସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ଜନ୍ମଦିନ ଅବସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ୮୨୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲ୍ଲା ରେଡକ୍ରସ୍ ସୋସାଇଟି ଓ କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାରର ନିର୍ଦ୍ଦେଶକ ଚନ୍ଦ୍ରିକା ପ୍ରସାଦ ଦାସ ଏବଂ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, ବିଜେପି ସଂଗଠକ ହିମାଂଶୁ ମହାନ୍ତି, ସମାଜସେବୀ ବିଚିତ୍ରାନନ୍ଦ ସ୍ୱାଇଁ, ତାପସ ରଞ୍ଜନ ମଲ୍ଲିକ, ଜରିପଡ଼ାର ପୂର୍ବତନ ସରପଞ୍ଚ ଅମନ ବେହେରା, ଉଟିମୁଣ୍ଡା ସରପଞ୍ଚ ତାପସ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଅଭିଭାବକ ଏବଂ ଟେଟ୍ରାହେଡ୍ରନ ହାଇଅର ସେକେଣ୍ଡାରୀ ସ୍କୁଲ ଓ ଟେଟ୍ରାହେଡ୍ରନ ଓମେନସ ହାଇଅର ସେକେଣ୍ଡାରୀ ସ୍କୁଲ ଯୁବ ରେଡକ୍ରସର ଛାତ୍ରଛାତ୍ରୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଅଧ୍ୟାପିକା ଡ. ସସ୍ମିତା ପଟ୍ଟନାୟକ ଏବଂ ଅଧ୍ୟାପକ ଶୁଭ୍ରକାନ୍ତ ମହାପାତ୍ର ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରକ୍ତଦାତା ମାନଙ୍କୁ ଅଧ୍ୟକ୍ଷ ଶ୍ରୀ ବେହେରା କୃତଜ୍ଞତା ଜଣାଇଥିଲେ।

## ଭୂତକୋଠି ପାଲଟିଲାଣି ବହୁ ପୁରାତନ ଉଚ୍ଚ ବିଦ୍ୟାଳୟ

**ଘୁ ଉଦୟଗିରି, ନ୍ୟୁଜ୍‌ବ୍ୟୁରୋ**



ଦିନଥିଲା କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ସହରର ମିଲମାନ ହାଇସ୍କୁଲ୍ ସାରା ଜିଲ୍ଲାରେ ସୁନାମ ଅର୍ଜନ କରିଥିଲା। ଏହି ସ୍କୁଲରେ ପାଠ ପଢି ଅନେକ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି। କିଏ ଶିକ୍ଷକ ତ କିଏ ସରକାରୀ ଚାକିରି କରିଛନ୍ତି। ଅନେକ ଇତିହାସ ମଧ୍ୟରେ ଏହି ବିଦ୍ୟାଳୟ ଗଠିତ। ଏହି ବିଦ୍ୟାଳୟ ସଂଖ୍ୟା ଲଘୁ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ହେଉଥିବା ବେଳେ ଶିକ୍ଷା ଅନେକ ଛାତ୍ରଛାତ୍ରୀ ପାଇଛନ୍ତି। ସେହିପରି ଭାବରେ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ମଧ ଶିକ୍ଷାଦାନ କରି ସେମାନେ ଅବସର ନେଇଛନ୍ତି। କିନ୍ତୁ ଦୁଃଖ ଓ ବିଡ଼ମ୍ବନାର ବିଷୟ ବର୍ତ୍ତମାନ ଏହି ବିଦ୍ୟାଳୟ ଏବେ ଭୂତକୋଠି ପାଲଟିଛି।

ମଦୁଆ, ଗଞ୍ଜେଇ, ଜୁଆର ଆଡ୍ଡାସ୍ଥଳୀ ପାଲଟିଯାଇଛି। ସଞ୍ଜ ନଇଁଲେ ଯୁବ ପିଢ଼ି ମଦ ବୋତଲ, ତା ସହିତ ଚାଖଣା ନେଇ ପହଞ୍ଚି ଯାଉଛନ୍ତି। ସେଠାରେ ପିଇବା ପରେ ମଦ ବୋତଲ ଭାଙ୍ଗିବା ଫିଙ୍ଗିବା ଆଦି କାର୍ଯ୍ୟ କରୁଛନ୍ତି। ଅନ୍ୟପଟେ ଗାଈଗୁଡ଼ିକ ପହଞ୍ଚି ଗୁହାଳ ଘର ବନେଇଛନ୍ତି। ଅମାନୁଷିକ ଲୋକମାନେ ବିଦ୍ୟାପୀଠକୁ ଅସାମାଜିକ ଆଡ୍ଡା ସ୍ଥଳୀ ପାଲଟି ଯାଇଛି। ଏହି ବିଦ୍ୟାଳୟରେ ଜଣେ ମାତ୍ର ପିଇଟି ଶିକ୍ଷକ ରହିଛନ୍ତି। ତାଙ୍କର ମଧ ୧୮ ମାସ ଚାକିରି ରହିଛି। ସେ ସେଠାରେ ସୁରକ୍ଷା କର୍ମୀ ସଦୃଶ ରହିଛନ୍ତି। ଦିନ ରାତି ସେଠାରେ ରହୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ସନ୍ଧ୍ୟା ସମୟରେ ପାଣି ବାଲ୍‌ଟି ହାତରେ ଧରି ଚଟାଣ ଉପରେ ପକାଇ ଓଦା କରି ଘରକୁ ଯାଉଛନ୍ତି। କାରଣ ସେ ଗଲା ପରେ ମଦ୍ୟପମାନେ ଆସି ବସି ମଦ ଯେପରି ପିଇବେ ନାହି ସେଥିପାଇଁ ଚଟାଣ ଓଦା କରି ଯାଉଛନ୍ତି। ଘର ଚାରିପଟେ କାନ୍ଥ ବାଡ଼ ନଷ୍ଟ ହେଲାଣି। ଶିଉଳି ଲାଗି ଛାତ ପଡ଼ିବା ପରି ଲାଗୁଛି। ବହୁ ପୁରାତନ ଘର ମଧ ହୋଇଥିବା ବେଳେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି ବିଦ୍ୟାଳୟ। ତେଣୁ ଅସାମାଜିକ ଲୋକଙ୍କ ଆଡ୍ଡା ନ କରି ବିଦ୍ୟାଳୟ ଭାବରେ ବ୍ୟବହାର କଲେ ବିଦ୍ୟାକୁ ସମାଜ ମଧ୍ୟରେ ଉତ୍ତମ ସମାଜ ଗଠନ ହୋଇପାରିବ। ବନ୍ଦ ହେବାକୁ ଯାଉଛି ୪୯ ବର୍ଷ ର ମିଲମାନ ମେମୋରିଆଲ ଉଚ୍ଚବିଦ୍ୟାଳୟ। ପ୍ରଶାସନର ଅବହେଳା ଯୋଗୁଁ ଲୋପ ପାଇବାକୁ ଯାଉଛି ବହୁ ପୁରାତନ ମାଇନରିଟୀ ଶିକ୍ଷା ଅନୁଷ୍ଠାନ।

କନ୍ଧମାଳ ଜିଲ୍ଲା ଘୁ. ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସୁପ୍ରସିଦ୍ଧ ଓ ସୁପରିଚିତ ବିଦ୍ୟାଳୟ ମିଲମାନ ମେମୋରିଆଲ ଉଚ୍ଚବିଦ୍ୟାଳୟ। ଯାହା ଇଂଲଣ୍ଡର ଓ.ଜେ.ମିଲମାନ ନାମକ ଜଣେ ମିଶ୍‌ନାରୀ ଶିକ୍ଷାବିତ୍ ତଥା ସ୍ୱେଚ୍ଛାସେବୀ ଯିଏକି ଘୁ. ଉଦୟଗିରି ଠାରେ ସ୍କୁଲ ନିର୍ମାଣ କରି ଏଠିକାର ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦାନ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଲଘୁ ସମ୍ପ୍ରଦାୟର କଟକ ଡାଇସିସ ମିନିଷ୍ଟ୍ରୀ (ସିଏନଆଇ) ନାମକ ସଂସ୍ଥା ଦ୍ୱାରା ଏକ କମିଟି ମାଧ୍ୟମରେ ସ୍କୁଲଟିର ପରିଚାଳନା ନିମନ୍ତେ ମନସ୍ଥ କରିଥିଲେ। ୨୫/୦୭/୧୯୭୫ ମସିହାରେ ସ୍କୁଲଟି ଆରମ୍ଭ ହେଲା। ସ୍ୱର୍ଗତ ବେଞ୍ଜାମିନ ନାୟକ ସ୍କୁଲର ପ୍ରଥମ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତ ହୋଇଥିଲେ, ବିଷୟ ବସ୍ତୁ ଅନୁସାରେ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ମଧ ଶିକ୍ଷା ଦାନ ନିମନ୍ତେ ସ୍କୁଲରେ ନିଯୁକ୍ତି ପାଇଥିଲେ ଓ ଆଖପାଖ ଅଞ୍ଚଳର ବହୁ ଛାତ୍ରଙ୍କ ସେଠାରେ ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ ପାଇଥିଲା। ବହୁସଂଖ୍ୟାରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ପିଲା ସ୍କୁଲରେ ପାଠ ପଢିବାକୁ ଆସିଲେ। ଉତ୍ତମ ଶିକ୍ଷାଦାନ ବ୍ୟବସ୍ଥା ଦେଖି କିଛି ବର୍ଷ ପରେ ୧୯୮୩/୮୪ ମସିହା ବେଳକୁ ସ୍କୁଲ୍‌ଟି ଗ୍ରାଣ୍ଟିନେଣ୍ଟ ପାଇଥିଲା। ତା'ର କିଛି ବର୍ଷ ପରେ ୧୯୯୭ ମସିହାରେ ପୁଣି ଥରେ ସ୍କୁଲର ପରିଚାଳନା ନିମନ୍ତେ କମିଟି ପରିବର୍ତ୍ତନ ହୋଇ ସିଏନଆଇର ଫୁଲବାଣୀ ଡାଇସିସ୍ କମିଟିକୁ ହସ୍ତାନ୍ତର କରାଗଲା।

୨୦୧୧ ମସିହାରେ କୋ-ଏଜୁକେଶନ ମାନ୍ୟତା ପାଇଲା ପରେ ଛାତ୍ରୀମାନଙ୍କ ପାଇଁ ମଧ ପାଠ ପଢ଼ିବାର ବ୍ୟବସ୍ଥା ହେଲା। ସ୍ଥାନୀୟ ଅଞ୍ଚଳର ବହୁ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରୁ ପାଠ ପଢ଼ିବାର ସୁଯୋଗ ପାଇଲେ। ଇତିମଧ୍ୟରେ ୫ ଜଣ ପ୍ରଧାନ ଶିକ୍ଷକ ଅବସର ନେଇସାରିଥିବା ବେଳେ ବର୍ତ୍ତମାନ ସ୍କୁଲଟି ବନ୍ଦ ହେବା ପରିସ୍ଥିତିରେ ପହଞ୍ଚିଛି। ସ୍କୁଲରେ ଶିକ୍ଷକ ନଥିବା କାରଣରୁ ସ୍ଥାନୀୟ ଅଭିଭାବକ ନିଜ ପିଲାମାନଙ୍କୁ ସ୍କୁଲରେ ନାମ ଲେଖାଉ ନାହାନ୍ତି। ମାତ୍ର ଜଣେ ଖେଳ ଶିକ୍ଷକ ଏହି ବିଦ୍ୟାଳୟରେ କାର୍ଯ୍ୟରତ। ହେଲେ ବିଦ୍ୟାଳୟରେ ପିଲା ନାହାନ୍ତି। କାରଣ ଶିକ୍ଷକମାନେ ଅବସର ନେବା ପରେ ଆଉ ଶିକ୍ଷକ ନିଯୁକ୍ତି ନହେବା ଯୋଗୁଁ ବିଦ୍ୟାଳୟଟି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କେବଳ ଜଣେ ଖେଳ ଶିକ୍ଷକ ବିଦ୍ୟାଳୟ କାଗଜପତ୍ର ଏବଂ କୋଠାକୁ ଜଗି ବସିଛନ୍ତି।

ଦୁଃଖ ଓ ପରିତାପର ବିଷୟ ପ୍ରଶାସନକୁ ଏ ବିଷୟରେ ବହୁବାର ଅବଗତ କରାଇବା ପରେ ମଧ କୌଣସି ସୁଫଳ ମିଳିନାହିଁ ବୋଲି କୁହନ୍ତି ଗ୍ରାମବାସୀ ଓ କମିଟି ସଦସ୍ୟ। ଦୀର୍ଘ ବର୍ଷ ଧରି ଚାଲିଥିବା ସ୍କୁଲ ବନ୍ଦ ହୋଇଗଲା। ଏଥିପାଇଁ ଦାୟୀ କିଏ ହେବ ବୋଲି ସ୍ଥାନୀୟ ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି। ସ୍କୁଲ କମିଟି କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ ସ୍କୁଲ ପରିଚାଳନା କମିଟି ଧାରା ୨୮ ପାଳନ କରୁନଥିବା କାରଣରୁ କମିଟି ସରକାରୀ ମାନ୍ୟତା ପାଇଁ ଯୋଗ୍ୟ ବିବେଚିତ ହୋଇପାରୁନାହିଁ। ଯାହା ଫଳରେ ପ୍ରଶାସନ ତରଫରୁ କୌଣସି ଶିକ୍ଷକ ନିଯୁକ୍ତି ହୋଇପାରୁନାହିଁ। ସରକାରଙ୍କ ନୀତିନିୟମ ଓ ମାଇନୋରିଟୀ କମିଟିର ନୀତି ଉଭୟଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ବହୁ ପୁରାତନ ମିଲମାନ ମେମୋରିଆଲ ଉଚ୍ଚବିଦ୍ୟାଳୟ ଶିକ୍ଷା ଅନୁଷ୍ଠାନଟି ବନ୍ଦ ହୋଇଗଲା। ସ୍ଥାନୀୟ ବୁଦ୍ଧିଜୀବୀ ଦୁଃଖ ପ୍ରକାଶ କରିବା ସହ ଅସନ୍ତୋଷ ବ୍ୟକ୍ତ କରିବା ସହ ପ୍ରଶାସନ ଏ ଦିଗରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସରକାରଙ୍କୁ ଅବଗତ କରାଇବା ପାଇଁ ନିବେଦନ କରିଛନ୍ତି।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଅଗଷ୍ଟ ୨୦୨୪ ସୋମବାର







ଭୁବନେଶ୍ୱର : ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାମକୃଷ୍ଣ ମିଶନ ପକ୍ଷରୁ ସ୍ୱାମୀ ଜୀବନାଥା ନନ୍ଦଜୀ ମହାରାଜ, ସ୍ୱାମୀ ମହେଶ ଆତ୍ମାଜୀ ମହାରାଜ, ସ୍ୱାମୀ ଅଦ୍ୱୈୟାନନ୍ଦଜୀ ମହାରାଜ ଏବଂ ସାଂସଦ ଶ୍ରୀ ପ୍ରତାପ ଷଡଙ୍ଗୀ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

## ରାୟଗଡାରେ ଡ଼ାକ୍ତରଙ୍କ କଳା ବ୍ୟାଜ ପରିଧାନ କରି ବିକ୍ଷୋଭ ପ୍ରଦର୍ଶନ

**ରାୟଗଡା, ନ୍ୟୁଜ ବ୍ୟୁରୋ**

କୋଲକାତାର ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଶନିବାର ଓମସାର ଡାକରାରେ ରାୟଗଡାରେ ଡାକ୍ତରମାନେ କଳାବ୍ୟାଜ ପରିଧାନ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି ମାମଲାର ଦୋଷୀଙ୍କୁ କୋଠାର ଦଣ୍ଡଦେବା ଓ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଗେଟ୍ ଆଗରେ ଶାନ୍ତିପୂର୍ଣ୍ଣରେ ପ୍ରତିବାଦ କରିଥିଲେ । ଡାକ୍ତରମାନେ ଅକ୍ଳାନ୍ତ ପରିଶ୍ରମ କରି ରୋଗୀଙ୍କ ସେବାରେ ନିୟୋଜିତ ରହୁଛନ୍ତି । ଡାକ୍ତରମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ କରିବାକୁ ଦାବି କରିଛନ୍ତି । କଲିକତା ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ପୀଡିତା ମହିଳା ଡାକ୍ତରଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି । ରବିବାର ସକାଳ ୬ଟାରୁ ସୋମବାର ସକାଳ ୬ଟା ଯାଏ ଡାକ୍ତରମାନେ କଳାବ୍ୟାଜ ପରିଧାନ କରି ରୋଗୀ ସେବା କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ଡାକ୍ତର ବି.ଏଲ.ଏନ.ପୃଷ୍ଟି, ଡାକ୍ତର ବରଦାକାନ୍ତ ମିଶ୍ର, ଡାକ୍ତର ରଞ୍ଜନ ସାହୁ, ଡାକ୍ତର ଗୌତମ ପଟ୍ଟନାୟକ, ଡାକ୍ତର କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ ।

### ୨ ବର୍ଷ ହେଲାଣି ଗାଈ ହଷ୍ଟେଲ୍ ନିର୍ମାଣ ସରୁନି

# ରାଜରାସ୍ତାକୁ ଆପଣାଉଛନ୍ତି ଗାଈ-ଗୋରୁ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ସହର ରାସ୍ତାକୁ କବ୍‌ଜା କରିଛନ୍ତି ବୁଲା ଗାଈଗୋରୁ । ବିଏମ୍‌ସିର ସଚେତନତା କାମ କରୁନି । କାର୍ଯ୍ୟାନୁଷ୍ଠାନ ନଥିବାରୁ ଗାଈ ମାଲିକ ଚେତାବନୀ ମାନୁନାହାନ୍ତି ମଝି ରାସ୍ତାରେ ବୁଲୁଛନ୍ତି ଜର୍ସି ଓ ହୋଲଷ୍ଟିନ୍ ଗାଈ । କେମିତି ସୁଧୁରିବ ସହର ଅବସ୍ଥା । ସହରର ରାସ୍ତା କିପରି ହେବ ଗାଈ ଗୋରୁ ମୁକ୍ତ ତାକୁ ନେଇ ଉଠିଛି ପ୍ରଶ୍ନ । ମୁଖ୍ୟରାସ୍ତାଠୁ ଆରମ୍ଭ କରି ଗଳିକନ୍ଦି ସବୁଠି ମାଳ ମାଳ ଗାଈଗୋରୁ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ବିଏମ୍‌ସିର ସବୁ ଯୋଜନା ଫେଲ୍ ମାରିଛି । ନିଜସ୍ୱ କାଞ୍ଜିଆହୁଦା ନାହିଁ କି କାଓ-ହଷ୍ଟେଲ୍ ନିର୍ମାଣ ସରୁନି । ଅସୁବିଧାରେ ପଡୁଛନ୍ତି ସହରବାସୀ



ଏବଂ ଅକାରଣରେ ବୁଲା ଗାଈଗୋରୁଙ୍କ ଜୀବନ ମଧ୍ୟ ଯାଉଛି । ପ୍ରତ୍ୟେକ ସହରାଚଂଳରେ ବୁଲା ଗାଈଗୋରୁ ଙ୍କ ପାଇଁ କାଞ୍ଜିଆହୁଦା ବ୍ୟବସ୍ଥା ରହିଛି । ନଚେତ୍ ପୌର ପରିଷଦ ଘରୋଇ ଗୋଶାଳା ସହ ବୁଝାମଣା କରି ବୁଲା ଗାଈଗୋରୁଙ୍କ ରହଣି ବ୍ୟବସ୍ଥା କରୁଛି । ହେଲେ ବ୍ରହ୍ମପୁର ଭଳି ଏକ ପୁରାତନ ମହାନଗର ନିଗମରେ କାଞ୍ଜିଆହୁଦା ବୋଲି କିଛି ନାହିଁ କିମ୍ବା ବିଏମ୍‌ସି କୌଣସି ଗୋଶାଳା ସହ ବୁଝାମଣା କରିନାହିଁ । ତେଣୁ ବିଏମ୍‌ସି ବୁଲା ଗାଈ ଓ ତାର ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନାହିଁ । ସମସ୍ୟା ଭୋଗିବା ପରେ ଦୁଇ ବର୍ଷ ପୂର୍ବରୁ ବିଏମ୍‌ସି ପ୍ରାୟ ୯୦ ଲକ୍ଷ ଟଙ୍କାରେ ସହର ଉପକଣ୍ଠ ଗୁରୁଣ୍ଟି ନିକଟରେ କାଓ ହଷ୍ଟେଲ୍ ନିର୍ମାଣ ଆରମ୍ଭ କରିଛି । ଦୁଇ ଏକର ପରମିତ ଜମିରେ ଏହି ହଷ୍ଟେଲ୍ ନିର୍ମାଣ କରାଯାଉଛି । ହଷ୍ଟେଲ୍‌ରେ ଏକକାଳୀନ ୧୦୦ଟି ଗାଈ ରହିବା ବ୍ୟବସ୍ଥା କରାଯାଉଛି । ଗାଈ ଉଦ୍ଧାର କରି ଏଠାରେ ରଖାଯିବ ଏବଂ ପୁରୁଣା ଟ୍ୟାଗରୁ ତଥ୍ୟ ସଂଗ୍ରହ କରି ମାଲିକଙ୍କ ଠାରୁ ଜରିମାନା ଆଦାୟ କରିବାକୁ ଲକ୍ଷ୍ୟ ରହିଛି । ମାତ୍ର ଦୁଇ ବର୍ଷ ହେଲା ହଷ୍ଟେଲ୍ ନିର୍ମାଣ ସରୁନି । ଏଯାଏଁ କେବଳ ପିଲର ନିର୍ମାଣ ହୋଇଛି । ଯାହାକୁ ନେଇ ଜୁନ୍ ୬ ରେ ପବ୍ଲିକ୍ ୱାର୍କସ୍ ଷ୍ଟାଣ୍ଡିଂ କମିଟିରେ ଉଦ୍‌ବେଗ ପ୍ରକାଶ ପାଇଥିଲା । କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ହେଲେ ନିର୍ମାଣ କାମର ଅଗ୍ରଗତି ଶୂନ୍ୟ । ଧିମେଇ ଚାଲିଛି କୋଠା ନିର୍ମାଣ । ଏଣେ ଫାଷ୍ଟଗେଟ୍ ଠାରୁ ଆମ୍ବପୁଆ ପର୍ଯ୍ୟନ୍ତ ରାସ୍ତାରେ ବୁଲା ଗାଈଗୋରୁଙ୍କ ଅବାଧ ବିଚରଣ ଜାରି ରହିଛି । ଖାଦ୍ୟ ପାଇବା ଆଶାରେ ହୋଟେଲ୍, ପରିବା ବଜାର ପାଖରେ ଗାଈଗୋରୁ ଭିଡ଼ ଜମାଉଛନ୍ତି । ରାତି ହେଲେ ପରିସ୍ଥିତି ଆହୁରି ଉତ୍କଟ ହେଉଛି । ଗାଡ଼ିମୋଟର ଫାଙ୍କା ହୋଇଗଲେ ରାସ୍ତାରେ ଶୋଇ ରହୁଛନ୍ତି । ଯେଉଁଥିପାଇଁ ଗାଡ଼ି ଚାଳକ ଯାତାୟତ ବେଳେ ଯନ୍ତ୍ରଣା ଭୋଗୁଛନ୍ତି ।

### ଆଉ ଏକ ମାଇଲ ଖୁଣ୍ଟ ହାସଲ କଲା ପୂର୍ବତଟ ରେଳପଥ

## ପ୍ରଥମ ଥର ରେଳ ସହିତ ସଂଯୋଗ ହେଲା ବୌଦ୍ଧ ଜିଲ୍ଲା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୩୦୧ କିମି ଦୈର୍ଘ୍ୟ ନିର୍ମାଣାଧୀନ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ଆଜି ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି । ୧୬.୨୭ କିମି ଦୈର୍ଘ୍ୟ ଝରମୁଣ୍ଡା-ବୌଦ୍ଧ ରେଳ ସେକ୍ସନ ନିର୍ମାଣ କାର୍ଯ୍ୟ ସମାପ୍ତ କରାଯାଇ ଆଜି ନୂତନ ଲାଇନରେ ଇଞ୍ଜିନ ରୋଲିଂ ପରୀକ୍ଷଣ ସଫଳତାର ସହିତ ସମ୍ପାଦନ କରାଯାଇଅଛି । ଏହା ବ୍ୟତୀତ, ୨୯.୭୫ କିମି ଦୈର୍ଘ୍ୟ ସୋନପୁର-ପୁରୁଣାପାଣି-ଝରମୁଣ୍ଡା ମଧ୍ୟରେ ଥିବା ରେଳ ସେକ୍ସନ ରେଳ ନିରାପତ୍ତା ଆୟୁକ୍ତଙ୍କ ଦ୍ୱାରା କିଛି ଦିନ ପୂର୍ବରୁ ନିରୀକ୍ଷଣ କରାଯାଇଥିଲା । ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ମୋଟ ୩୦୧ କିଲୋମିଟର ମଧ୍ୟରୁ ୧୮୩ କିଲୋମିଟର ରେଳ ଲାଇନ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇଛି । ପ୍ରକଳ୍ପର ଶୀଘ୍ର ସମାପ୍ତ ହେବା ସୁନିଶ୍ଚିତ କରିବାକୁ ରେଳବାଇ ଉଭୟ ପାର୍ଶ୍ୱରୁ ଅର୍ଥାତ୍ ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗୀର ପାର୍ଶ୍ୱରୁ ଏହି ଲାଇନ ନିର୍ମାଣ କରୁଛି । ଅଦ୍ୟାବଧି ଖୋର୍ଦ୍ଧା ରୋଡରୁ



ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କିଲୋମିଟର ଏବଂ ବଲାଙ୍ଗୀରରୁ ଝରମୁଣ୍ଡା ପର୍ଯ୍ୟନ୍ତ ୭୭ କିଲୋମିଟର ରେଳ ମାର୍ଗ କାର୍ଯ୍ୟକ୍ଷମ ହୋଇଛି । ଏହା ବ୍ୟତୀତ ଝରମୁଣ୍ଡା ଠାରୁ ବୌଦ୍ଧ ପର୍ଯ୍ୟନ୍ତ ୧୬.୨୭ କିଲୋମିଟର ଦୈର୍ଘ୍ୟ ରେଳ ମାର୍ଗର ନିର୍ମାଣ କାର୍ଯ୍ୟ ମଧ୍ୟ ସମାପ୍ତ ହୋଇଛି । ପ୍ରାୟ ୨୭ କିଲୋମିଟର ଦୈର୍ଘ୍ୟ ରେଳ ମାର୍ଗ ବୌଦ୍ଧ ଠାରୁ ପୁରୁଣାକଟକ ପର୍ଯ୍ୟନ୍ତ ଏହି ରେଳ ସେକ୍ସନ ଆସନ୍ତା କିଛି ମାସ ମଧ୍ୟରେ ଶେଷ ହେବ ବୋଲି ଆଶା କରାଯାଉଛି । ସୋନପୁର-ପୁରୁଣାପାଣି-ଝରମୁଣ୍ଡା ରେଳ ସେକ୍ସନରେ ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍, ୦୭ ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍, ୦୪ ରୋଡ୍ ଓଭର ବ୍ରିଜ୍ (ଜଡଇଶ୍ୱ), ୨୨ ରୋଡ୍ ଅଣ୍ଡର ବ୍ରିଜ୍ (ଜଟଇଶ୍ୱ) / ସୀମିତ ଉଚ୍ଚତା ସବୱେ (ଖଐଝ) ଏବଂ ୬୫ ଟି ଛୋଟ ବ୍ରିଜ୍ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ, ଝରମୁଣ୍ଡା-ବୌଦ୍ଧ ରେଳ ସେକ୍ସନ ମଧ୍ୟରେ ୦୬ ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍, ୦୧ ରୋଡ୍ ଓଭର ବ୍ରିଜ୍, ୧୨ ରୋଡ୍ ଅଣ୍ଡର ବ୍ରିଜ୍ (ଜଟଇଶ୍ୱ) / ସୀମିତ ଉଚ୍ଚତା ସବୱେ (ଖଐଝ) ଏବଂ ୩୭ ଟି ଛୋଟ ବ୍ରିଜ୍ ସହିତ ୧୬.୦୫ ଲକ୍ଷ କମ ମାଟି କାର୍ଯ୍ୟ ଅନ୍ତର୍ଭୁକ୍ତ । ଏହା ଦ୍ୱାରା ବୌଦ୍ଧ ଜିଲ୍ଲା ମୁଖ୍ୟାଳୟ ବର୍ତ୍ତମାନ ରେଳ ନେଟୱର୍କ ମାଧ୍ୟମରେ ପଶ୍ଚିମ ଓଡିଶା ସହିତ ସଂଯୋଗ ହୋଇପାରିଛି । ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଗୁରୁତ୍ୱ ଦିଆଯାଉଛି । ଏହି ସାର୍ବଜନୀନ କେନ୍ଦ୍ର ପ୍ରକଳ୍ପ, ଦୂରବର୍ତ୍ତୀ ଉପାନ୍ତ ଅଞ୍ଚଳ ସହିତ ସଂଯୋଗ କରାଯାଇଛି ଏହାକୁ ରେଳ ମନ୍ତ୍ରଣାଳୟ ଦ୍ୱାରା ତୀକ୍ଷ୍ଣ ନଜର ରଖାଯାଇଛି । ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଏବଂ ପ୍ରକଳ୍ପର ଶୀଘ୍ର ସମାପ୍ତିକୁ ଲକ୍ଷ୍ୟ କରି ରେଳବାଇ ପାର୍ଶ୍ୱରୁ ଏହି ପ୍ରକଳ୍ପ ନିର୍ମାଣ କରୁଛି ।

## କେନ୍ଦୁଝରରେ ଗଡ଼ିଲା କୌଶଳ ରଥ

**କେନ୍ଦୁଝର, ନ୍ୟୁଜ**

ଛାତ୍ରଛାତ୍ରୀଙ୍କୁ ନୂତନ ବୈଷୟିକ ଓ କୌଶଳଭିତ୍ତିକ ଶିକ୍ଷା ବାବଦରେ ସଚେତନ କରିବା ଲକ୍ଷ୍ୟନେଇ ଆଜିଠୁ ଜିଲ୍ଲାବ୍ୟାପୀ 'କୌଶଳ ରଥ' ଗଡ଼ିବା ଆରମ୍ଭ କରିଛି । କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ କେନ୍ଦୁଝର ସାଂସଦ ଶ୍ରୀ ଅନନ୍ତ ନାୟକ ସବୁଜ ପତାକା ଦେଖାଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲାପାଳ ବିଶାଳ ସିଂହ, ଜିଲ୍ଲା ପରିଷଦର ଅଧ୍ୟକ୍ଷା ସାଗରିକା ସାହୁ, ବନଖଣ୍ଡ ଅଧିକାରୀ ଏଚଡ଼ି ଧନରାଜ, ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଗଣେଶ୍ୱର ନାୟକ ଓ ଅନ୍ୟ ଅଧିକାରୀ ସୁଧା ଓରାମ ଶୋଭନ୍ ନାୟକ,



ବିଜୟାଲକ୍ଷ୍ମୀ ନାୟକ, ବିଶାଳ ଜୈସୱାଲ ଏବଂ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ସାଥୀ ଅଭିଷେକ ଚକ୍ର ଓ ମୁସ୍କାନ୍ ଚେଲୱାନି ଉପସ୍ଥିତ ଥିଲେ । ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ଏହି ରଥ ଆଗାମୀ ୪ ଦିନ ଧରି ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ବିଦ୍ୟାଳୟ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବ । ପ୍ରଥମ ଦିନରେ ଏହା ଓଏସଏମଇ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଡ଼ିଏନ ହାଇସ୍କୁଲ, ଏକଲବ୍ୟ ହାଇସ୍କୁଲ ଓ ନରଣପୁର ହାଇସ୍କୁଲ ଗସ୍ତ କରି ସେହିସବୁ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲା । ସୂଚନାଯୋଗ୍ୟ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଏହା ଚମ୍ପୁଆ ଓ ବଡ଼ବିଲ ଗସ୍ତ କରିଛନ୍ତି ।

### ଯୋଗାଣ ବିଭାଗର ଚଢଉ: ୬ କ୍ୱିଣ୍ଟାଲ କଣ୍ଟ୍ରୋଲ ଚାଉଳ ଜବତ

**ବାଲିଗୁଡା, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଯୋଗାଣ ବିଭାଗ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାଲିଗୁଡା ନୂଆସାହି ରାସ୍ତାରେ ତେଜରାତି ଦୋକାନ କରିଥିବା ସୂର୍ଯ୍ୟ ପ୍ରସାଦ ପଣ୍ଡାଙ୍କ ଦୋକାନ ଉପରେ ଅଚାନକ ଚଢ଼ଉ କରି ୬ କ୍ୱିଣ୍ଟାଲ ସରକାରୀ କଣ୍ଟ୍ରୋଲ ଚାଉଳ ଦେଖିବାକୁ ପାଇଥିଲେ । ଉକ୍ତ ଚାଉଳ ବିଷୟରେ ସୂର୍ଯ୍ୟ ପ୍ରସାଦ ପଣ୍ଡା ଅଧିକାରୀମାନଙ୍କୁ କୌଣସି ପ୍ରକାରେ ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିଲେ । ଏଣୁ ବାଧ ହୋଇ ଯୋଗାଣ ଅଧିକାରୀମାନେ ଉକ୍ତ ୬ କ୍ୱିଣ୍ଟାଲ ଚାଉଳକୁ ଜବତ କରି ନିକଟସ୍ଥ ଲ୍ୟାମ୍ପ କାର୍ଯ୍ୟାଳୟକୁ ହସ୍ତାନ୍ତର କରିଛନ୍ତି । ଏ ନେଇ ସୂର୍ଯ୍ୟ ପ୍ରସାଦ ପଣ୍ଡାଙ୍କ ନାମରେ ଏତଲା ଦାଏର କରାଯାଇ ଅଧିକ ଅନୁସନ୍ଧାନ ଜାରୀ ରହିଛି । ଜବତ କରିଥିବା ଅତିରିକ୍ତ ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର ପାଣିଗ୍ରାହୀ, ଯୋଗାଣ ନିରୀକ୍ଷକ ମଳୟ କୁମାର ମେହେର ପ୍ରକାଶ କରିଛନ୍ତି ।

### 'ମା' ପାଇଁ ଗଛଟିଏ' ଅଭିଯାନରେ ମିଶନ ଶକ୍ତିର ପ୍ରତିଶ୍ରୁତି

# ସବୁଜିମାରେ ଭରା ଓଡ଼ିଶାର ସ୍ୱପ୍ନ ହେବ ସାକାର : ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ପ୍ରେରଣାତ୍ମକ ପଦକ୍ଷେପ 'ମା' ପାଇଁ ଗଛଟିଏ' ଭାରତର ନାଗରିକଙ୍କୁ ନିଜ ମା'ଙ୍କ ପାଇଁ ଶ୍ରଦ୍ଧା ସ୍ୱରୂପ ବୃକ୍ଷ ରୋପଣ କରିବାକୁ ଆହ୍ୱାନ କରିଛି । ବିଶ୍ୱ ପରିବେଶ ଦିବସରେ ପ୍ରଧାନମନ୍ତ୍ରୀ ଦିଲ୍ଲୀର ବୁଦ୍ଧ ଜୟନ୍ତୀ ପାର୍କରେ ଏକ "ଅଶ୍ୱତଥ" ଗଛ ରୋପଣ କରି ଦେଶରେ ପ୍ରକୃତି ସୁରକ୍ଷା, ଜଙ୍ଗଲ ଆବରଣ ବୃଦ୍ଧି ତଥା ନିରନ୍ତର ବିକାଶକୁ ପ୍ରୋତ୍ସାହିତ କରିବାର ସାମୁହିକ ପ୍ରୟାସର ଗୁରୁତ୍ୱ ଉପରେ ଧ୍ୟାନ ଆକର୍ଷଣ କରିଥିଲେ । ମା'ଙ୍କ ସମ୍ମାନରେ ବୃକ୍ଷ ରୋପଣ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କର ଏହି ଆହ୍ୱାନ, ଓଡ଼ିଶା ସମେତ ସାରା ଦେଶରେ ମଧ୍ୟ ଏକ ଆନ୍ଦୋଳନ ସୃଷ୍ଟି କରିଛି । ଏହି ଅଭିନବ ପଦକ୍ଷେପକୁ ସମର୍ଥନ କରି ମିଶନ ଶକ୍ତି ସଦସ୍ୟାମାନେ ଓଡ଼ିଶାରେ ଏହି ଅଭିଯାନକୁ ସକ୍ରିୟ ଭାବରେ ସମର୍ଥନ କରି ନିଜର ସାମାଜିକ-ଅର୍ଥନୈତିକ ପରିବର୍ତ୍ତନ ଆଣିବାର ପ୍ରୟାସରେ ପ୍ରକୃତିର ସଂରକ୍ଷଣରେ ଯୋଡିହୋଇଛନ୍ତି । ୨୩ ଜୁନ୍ ୨୦୨୪ରେ ଉପମୁଖ୍ୟମନ୍ତ୍ରୀ ଓ ମିଶନ ଶକ୍ତି ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆନୁଷ୍ଠାନିକ ଭାବରେ 'ମା' ପାଇଁ ଗଛଟିଏ' ଅଭିଯାନକୁ ଭୁବନେଶ୍ୱର ମିଶନ ଶକ୍ତି ଭବନରେ ପ୍ରତୀକାତ୍ମକ ବୃକ୍ଷ ରୋପଣ ସମାରୋହରେ ଆରମ୍ଭ କରିଛନ୍ତି । ଯେପରି ଜଣେ ନିଜ ମାତାଙ୍କୁ ସମ୍ମାନ କରେ ଠିକ ସେହିପରି ପ୍ରକୃତି ମା'ର ସମ୍ମାନ ସ୍ୱରୂପ ବୃକ୍ଷ ରୋପଣ କରିବା ପାଇଁ ଏକ 'ବଉଳ' ଚାରା ରୋପଣ କରି ପ୍ରଭାତୀ ପରିଡ଼ା ଆହ୍ୱାନ ଦେଇଛନ୍ତି । ଏହି ସମାରୋହ ତାଙ୍କର ବଳିଷ୍ଠ ନେତୃତ୍ୱ ତଥା ଏକ ସୁସ୍ଥ ପରିବେଶ ଗଠନରେ ତାଙ୍କର ଦୃଢ଼ ପ୍ରତିବଦ୍ଧତାକୁ ସୂଚାଉଅଛି । ଶ୍ରୀମତୀ ପରିଡ଼ା ନିଜ ଅଭିଭାଷଣରେ ଏହି ପଦକ୍ଷେପର ମହତ୍ତ୍ୱ - ମା'ମାନଙ୍କୁ ସମ୍ମାନ ଦେବା ଏବଂ ଏକ ସ୍ଥାୟୀ ତଥା ସବୁଜ ଓଡ଼ିଶା ଗଠନ ଉପରେ ଆଲୋକପାତ ମଧ୍ୟ କରିଥିଲେ । ସେ ଏହି ଅଭିଯାନର ଲକ୍ଷ୍ୟ ହାସଲ କରିବାରେ ସଭିଙ୍କ ଯୋଗଦାନର ଗୁରୁତ୍ୱ ଉପରେ ଧ୍ୟାନ ଆକର୍ଷଣ କରିବା ସହିତ ମିଶନ ଶକ୍ତି



ଲିଡର ତଥା ବିଭାଗୀୟ ଅଧିକାରୀମାନଙ୍କୁ ଓଡିଶାରେ ଏହି ଅଭିଯାନକୁ ବ୍ୟାପକ କରିବାକୁ ପ୍ରୋତ୍ସାହିତ କରିଥିଲେ ଏବଂ ପ୍ରତ୍ୟେକ ନାଗରିକଙ୍କୁ ବୃକ୍ଷ ରୋପଣ କରିବାକୁ ଉତ୍ସାହିତ କରିଥିଲେ । ଏହି ଯୋଜନାର ସମର୍ଥନରେ ମିଶନ ଶକ୍ତି ଲିଡର ମାନେ ସାରା ରାଜ୍ୟରେ ବୃକ୍ଷ ରୋପଣ କରିବାକୁ ପ୍ରତିଶୃତି ଦେଇଥିଲେ । ଏହିଭଳି ଉଚ୍ଚକୋଟୀର ଅଭିଯାନ ମା'ମାନଙ୍କୁ ସମ୍ମାନ ଦେବା ସହ ପରିବେଶ ସୁରକ୍ଷା ତଥା ଓଡିଶାରେ ମହିଳା ସଶକ୍ତିକରଣ ପ୍ରତି ଥିବା ଉତ୍ସର୍ଗୀକୃତ ଭାବନାକୁ ସୂଚିତ କରୁଛି । ଓଡିଶାରେ 'ମା' ପାଇଁ ଗଛଟିଏ' ଅଭିଯାନର ଅଗ୍ରଗତି ଉଲ୍ଲେଖନୀୟ । ବର୍ତ୍ତମାନର ତଥ୍ୟ ଅନୁଯାୟୀ, ବିଭିନ୍ନ ଜିଲ୍ଲା ସେମାନଙ୍କ ବୃକ୍ଷରୋପଣ ଲକ୍ଷ୍ୟରେ ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତି । ଉଦାହରଣ ସ୍ୱରୂପ, ଗଞ୍ଜାମ ଜିଲ୍ଲା ୧୩ ଲକ୍ଷରୁ ଅଧିକ ଚାରା ରୋପଣ କରି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଥିବା ବେଳେ କଳାହାଣ୍ଡି ଏବଂ ଯାଜପୁର ଭଳି ଜିଲ୍ଲାଗୁଡ଼ିକ ସେମାନଙ୍କର ଲକ୍ଷ୍ୟ ଅତିକ୍ରମ କରି ପ୍ରାରମ୍ଭିକ ଯୋଜନା ଅପେକ୍ଷା ଅଧିକ ବୃକ୍ଷ ରୋପଣ କରିଛନ୍ତି । ଏପର୍ଯ୍ୟନ୍ତ ସାରା ରାଜ୍ୟରେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ୧.୩୦ କୋଟି ଚାରା ରୋପଣ କରିଛନ୍ତି । 'ମା ପାଇଁ ଗଛ ଟିଏ' କେବଳ ପରିବେଶ ସୁରକ୍ଷା ନିମନ୍ତେ ଏକ ଅଭିଯାନ ନୁହେଁ, ଏହା ସମାଜ ଦ୍ୱାରା ପରିଚାଳିତ ପଦକ୍ଷେପଗୁଡ଼ିକର ସମର୍ଥନ ଏବଂ ମିଶନ ଶକ୍ତି ଦ୍ୱାରା ସମାଜ ଉପରେ ଅନୁଭୂତ ହେଉଥିବା ଗଭୀର ପ୍ରଭାବର ଏକ ପ୍ରତୀକ । ମା'ଙ୍କ ସମ୍ମାନରେ ବୃକ୍ଷ ରୋପଣର ଏହି ଅଭିଯାନ ସାଂସ୍କୃତିକ ମୂଲ୍ୟବୋଧ ସହିତ ପ୍ରକୃତି ପ୍ରତି ସମ୍ମାନବୋଧ ସହ ଓଡିଶା ପାଇଁ ଏକ ସ୍ଥାୟୀ ଭବିଷ୍ୟତର ବାର୍ତ୍ତାବହ । ମିଶନ ଶକ୍ତି ଏହି ସବୁଜ ବିପ୍ଳବକୁ ଆଗେଇ ନେବାର ନିରନ୍ତର ପ୍ରୟାସରେ ଅଗ୍ରସର ଏବଂ ଏହିଭଳି ମହତ୍ତ୍ୱାକାଂକ୍ଷୀ ପଦକ୍ଷେପ ଓଡିଶାରେ ମହିଳା ସଶକ୍ତିକରଣକୁ ଆହୁରି ସୁଦୃଢ଼ କରିବା ସହ ଆମ ଓଡିଶାକୁ ଏକ ସମୃଦ୍ଧ ଆଉ ବିକଶିତ ଓଡ଼ିଶାରେ ପରିଣତ କରିବାର ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବ ।

## ବାଲେଶ୍ୱରରେ ବିକାଶ କାର୍ଯ୍ୟ ସମୀକ୍ଷା କଲେ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ

**ବାଲେଶ୍ୱର, ନ୍ୟୁଜ**

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଇଂ ଅବନୀକାନ୍ତ ସାହୁ ଦୁଇ ଦିନିଆ ବାଲେଶ୍ୱର ଗସ୍ତ କରି ବାଲେଶ୍ୱର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ଜନହିତକର ଯୋଜନାର ସମୀକ୍ଷା କରିଛନ୍ତି । ବସ୍ତା, ରେମୁଣା ଏବଂ ସୋର ଅଂଚଳର ବିଭିନ୍ନ କାର୍ଯ୍ୟାଳୟ ପରିଦର୍ଶନ ସମୟରେ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟା ସଂଯୁକ୍ତା ସହଯୋଗ କରିଛନ୍ତି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଓଡ଼ିଶା ରାଜ୍ୟ ଆୟୋଗ ଅଧ୍ୟକ୍ଷ ଇଂ ଅବନୀକାନ୍ତ ସାହୁ, ସଦସ୍ୟା ସଂଯୁକ୍ତା ମହାନ୍ତି, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଉପସ୍ଥିତ ଜିଲ୍ଲାର ସମସ୍ତ ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯୋଗାଣ ଅଧିକାରୀଙ୍କୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ସ୍ୱାଗତ କରିଥିଲେ । ପରେ ପରେ ବାଲେଶ୍ୱର ଜିଲ୍ଲାର ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟମାନଙ୍କରେ ଚାଲୁଥିବା ମଧ୍ୟାହ୍ନ ଭୋଜନ ସଂପର୍କରେ ଜିଲ୍ଲା ଶିକ୍ଷାଧିକାରୀ ମମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଜିଲ୍ଲାର ବିଭିନ୍ନ ଜନହିତକର ଯୋଜନାରେ ହିତାଧିକାରୀମାନଙ୍କୁ ମିଳୁଥିବା ସୁବିଧା ଏବଂ ଆପତ୍ତି ଅଭିଯୋଗର ଆଶୁ ସମାଧାନ ସଂପର୍କରେ ଅବଗତ କରିଥିବା ବେଳେ ଜିଲ୍ଲା ସାମାଜିକ ମଙ୍ଗଳ ଯୋଜନା ହିତାଧିକାରୀ ପାଇଥିବା ସାମଗ୍ରୀ ଏବଂ ଯୋଗାଣ ଅଧିକାରୀ ରେସନ୍ କାର୍ଡ଼ ସଂପର୍କିତ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକ, ଗ୍ରାମ ପଂଚାୟତ, ପୌରାଞ୍ଚଳ , ଏନ୍‌ଏସିର ହିତାଧିକାରୀଙ୍କ ରେସନ୍ କାର୍ଡ଼ ସଂପର୍କରେ ଯେ କୌଣସି ସମସ୍ୟାର ଆଶୁ ସମାଧାନ ନିମନ୍ତେ ଜିଲ୍ଲାରେ ଏକ ଟୋଲ ଫ୍ରି ନମ୍ବର ବ୍ୟବସ୍ଥା ଏବଂ ଏହି ପରିପ୍ରେକ୍ଷୀରେ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ସହିତ ସମନ୍ୱୟ ରକ୍ଷା ନିମନ୍ତେ ଓଡ଼ିଶା ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଥିଲେ । ଏହି ସମୀକ୍ଷା ବୈଠକରେ ମୁଖ୍ୟ ଖାଉଟି ଯୋଗାଣ ଅଧିକାରୀ ନିରଞ୍ଜନ ବେହେରା, ଅତିରିକ୍ତ ଉନ୍ନୟନ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ, ବି.ଡି.ଓ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଆରା କାଉଡ଼ି ଯାତ୍ରା

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ଶ୍ରାବଣ ଶେଷ ସୋମବାର ପାଇଁ ବର୍ଷର ଶେଷ କାଉଡ଼ି ଯାତ୍ରା ଆରମ୍ଭ ହୋଇଛି । ଏହି ଅବସରରେ ଚୌଦ୍ୱାର ଅଞ୍ଚଳରେ ନିଆରା ଢ଼ଙ୍ଗରେ କାଉଡ଼ି ଯାତ୍ରାର ଆୟୋଜନ କରାଯାଇଥିବା ଦେଖିବାକୁ ମିଳିଛି ।ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଶାଳଗାଁ ପଞ୍ଚାୟତ ଚାଞ୍ଚୋ ଗ୍ରାମର ଯୁବକ ମାନେ ଏକାଠି ହୋଇ ଚୌଦ୍ୱାର ବିରୂପା ଘାଟରୁ କଳସ ବୁଡ଼ାଇ ବାଉଁଶ ଦୋଳାରେ ୧୦୮କଳସ ଝୁଲାଇ ଶୋଭାଯାତ୍ରା କରି କପିଳାସ ଅଭିମୁଖେ ଯାତ୍ରା କରିଥିଲେ । ଏହି ଶୋଭାଯାତ୍ରାରେ ୩ଟି ଦୋଳାରେ ମୋଟ ୧୮୩ଟି ପୂର୍ଣ୍ଣ କଳସ ନିଆଯାଇ ମହାଦେବଙ୍କ ମସ୍ତକରେ ଜଳଲାଗି କରାଯିବ ବୋଲି ଶୋଭାଯାତ୍ରାକାରୀ ମାନେ ସୂଚନା ଦେଇଛନ୍ତି ।



## ଆଜିର ଭଲମନ୍ଦ



**ଉଦୟକାଳୀନ ଗ୍ରହଚକ୍ର**





**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୯।୮।୨୦୨୪, ଭାଦ୍ରବ ଦି୪ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୨।୮।୦୫ ଚନ୍ଦ୍ରୋଦୟ- ସଂଘ୬।୦।୮।୦୮**

**ପୂର୍ଣ୍ଣିମା**- ରାଘ ୧୦।୫୬ ପର୍ଯ୍ୟନ୍ତ । **ଶ୍ରବଣା ନକ୍ଷତ୍ର** - ଦିଘ ୮।୧୦ ପର୍ଯ୍ୟନ୍ତ । ମକର ସଂଘ ୬।୫୯ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି**- ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ସଂଘ ୬।୫୯ ଗତେ ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର**- ସିଂହ ରାଶିର । ସଂଘ ୬।୫୯ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ**- ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ଆମିଷ ରାଘ ୧୦।୫୬ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୫।୩୨ ଗତେ ଘ ୭।୦୬ ମଧ୍ୟେ । ଦିଘ ୧୦।୩୪ ଗତେ ଘ୧।୦୬ ମଧ୍ୟେ । **ପର୍ବୋତ୍ସବ** - ଗହ୍ମା ପୂର୍ଣ୍ଣିମା, ରକ୍ଷା ବନ୍ଧନ, ଝୁଲଣ ଯାତ୍ରା ଶେଷ, ଶ୍ରୀବଳଦେବ ଜନ୍ମ, ସଂସ୍କୃତି ଦିବସ ।

**ମେଷ:** ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ଶତ୍ରୁମାନେ ପରାଜିତ ହେବେ । ଯାନବାହାନ କଅୟ କରିବେ । ଅର୍ଥ ଲାଭ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ପାରିବାରିକ ସୁଖ ଶାନ୍ତି ଲାଭ ହେବ ।

**ବୃଷ:** ସାଙ୍ଗ ସୁଖ ସହିତ ପଦସ୍ଥ ବ୍ୟକ୍ତିଗତ ସହଚର୍ଯ୍ୟ ଲାଭ କରିବେ । ଭକ୍ତି ମାର୍ଗରେ ପରିଚାଳିତ ହେବେ । ସେବା ପୂଜାରେ ସମୟ ଅତିବାହିତ ହେବ । ରୋଜଗାର ମଧ୍ୟମ ହେବ । ମାଙ୍ଗଳିକ କାର୍ଯ୍ୟରେ ବ୍ୟସ୍ତ ରହିବେ ।

**ମିଥୁନ:** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ । ମାନସିକ ସ୍ଥିତି ଭଲ ରହିବନାହିଁ । ସୁଖ ଓ ନିରାମୟ ଜୀବନ ଯାପନ କରିବେ । ଆୟ ଓ ବ୍ୟୟ ସମାନ ରହିବ । ମହିଳାମାନେ ସୁଖୀ ହେବାର ସୂଚନା ।

**କର୍କଟ:** ପରିବାରରେ ସମସ୍ୟା ଦେଖାଦେବ । ଯାନବାହାନ ଠାରୁ ସତର୍କ ରହିଲେ ଭଲ । ଧର୍ମ କାର୍ଯ୍ୟ ଆଡ଼କୁ ମନ ବଳାଇବେ । ପରାକ୍ରମଶାଳୀ ହେବେ । ବିଳାସ ବ୍ୟସନ ସାମଗ୍ରୀ ପାଇବେ । ରୋଜଗାର ଭଲ ହେବ ।

**ସିଂହ:** ଧୈର୍ଯ୍ୟର ସହ କାମ କରିବେ । ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ଠାରୁ ସହଯୋଗ ପାଇବେ । ରୋଜଗାରର ପରିମାଣ ବୃଦ୍ଧି । ଶତ୍ରୁଙ୍କ ଠାରୁ ଦୂରେଇ ରହିବା ଭଲ । ବ୍ୟବସାୟରେ ସୁଯୋଗ ହାତଛଡ଼ା କରିବେ ।

**କନ୍ୟା:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ଦିନଟି ଭଲରେ କଟିବନାହିଁ । ଅଯଥା ପରିଶ୍ରମ ବଢ଼ିବ । ଆୟ ଠାରୁ ବ୍ୟୟ ବୃଦ୍ଧି ଘଟିବ । ଗୃହେ ଅବୁଝା ହେବାର ଆଶଙ୍କା । ମାନସିକ ସ୍ଥିତି ଭଲ ରହିବନାହିଁ ।

**ତୁଳା:** ସତ୍ ମାର୍ଗରେ ଯିବେ । ପୁଣ୍ୟ କାର୍ଯ୍ୟ କରିବେ । ଜନପ୍ରିୟତା ହାସଲ କରିବେ । ବ୍ୟବସାୟରେ ସହଯୋଗୀଙ୍କ ସହ ମାନମନାନ୍ତର ଦେଖାଦେବ । ରୋଜଗାର ମଧ୍ୟମ ହେବ । ପାରିବାରିକ ସୁଖ ଅବ୍ୟାହତ ରହିବ ।

**ବିଛା:** କୌଶଳକ୍ରମେ କାର୍ଯ୍ୟ ହାସଲ କରିବେ । ବନ୍ଧୁଙ୍କ ଦ୍ୱାରା ସମ୍ମାନିତ ହେବେ । ଖର୍ଚ୍ଚର ପରିମାଣ ବଢ଼ିବ । ପରିବାରରେ ଅଶାନ୍ତି ଓ କଳହ ସୃଷ୍ଟି ହେବ । ମହିଳାମାନେ ପରିଶ୍ରମୀ ହେବାର ସୂଚନା ।

**ଧନୁ:** ଦୟାଳୁ ହେବେ । ସତ୍ ପଥରେ ଆଗେଇ ଚାଲିବେ । ଲୋକପ୍ରିୟତା ବଢ଼ିବ । କାର୍ଯ୍ୟକ୍ଷେତ୍ରରେ ଆଶାବାଦୀ ହେବେ । ପାରିବାରିକ ସମସ୍ୟାର ସମାଧାନ ହେବ । ବ୍ୟୟର ପରିମାଣ ବଢ଼ିବାର ସୂଚନା ।

**ମକର:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେହ ଓ ମନ ଭଲ ରହିବ । ରୋଜଗାର ଭଲ ହେବ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ । ନୂତନ କାର୍ଯ୍ୟ ଆରମ୍ଭ କରିବାର ସୁଯୋଗ ଜୁଟିପାରେ ।

**କୁମ୍ଭ:** ଆନନ୍ଦ ଉଲ୍ଲାସ ମଧ୍ୟରେ ଦିନଟି କଟିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ବ୍ୟବସାୟ ବଢ଼ିବ । ଉଚ୍ଚ ସ୍ତରରେ ଲୋକ ସମ୍ପର୍କ ବଢ଼ିବ । ପରିବାରରେ କଳହ ସୃଷ୍ଟି ହେବ ।

**ମୀନ:** ଦୂର ସ୍ଥାନକୁ ଯାତ୍ରା କରିବେ । ମାଙ୍ଗଳିକ କାର୍ଯ୍ୟରେ ସଫଳତା ମିଳିବ । କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ । ରୋଜଗାରରେ ଉନ୍ନତି । ଅନ୍ୟମାନଙ୍କ ପାଖରେ ସମ୍ମାନିତ ହେବେ । ଗୃହେ ଶାନ୍ତି ଲାଭ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୦।୮।୨୦୨୪, ଭାଦ୍ରବ ଦି୫ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୨।୮।୨୦ ଚନ୍ଦ୍ରୋଦୟ- ସଂଘ୬।୫୧।୧୦**

**ପ୍ରତିପଦ**- ରାଘ ୮।୩୩ ପର୍ଯ୍ୟନ୍ତ । ଧନିଷ୍ଠା ନକ୍ଷତ୍ର ଗତେ ଶତଭିକ୍ଷା କ୍ଷୟ, କୁମ୍ଭ ଚନ୍ଦ୍ର-ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି**- ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର**- ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ**- ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ପାଣିକଖାରୁ ରାଘ ୮/୩୩ ପରେ ବୋଇତ କଖାରୁ ଖାଇବା ମନା । **ଆଜିର ଶୁଭବେଳା**- ଦିଘ ୮/୪୧ ଗତେ ଘ ୧୦/୩୪ ମଧ୍ୟେ । ଦିଘ ୧/୦୫ ଗତେ ଘ୧/୨୪ ମଧ୍ୟେ । **ପର୍ବୋତ୍ସବ** - ଶ୍ରୀମନ୍ଦିରେ ଝୁଲଣ ଯାତ୍ରା ସମାପନ, ରାଜୀବଗାନ୍ଧି ଜୟନ୍ତୀ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଭାରତୀୟ କର୍ମଚାରୀ ଦୁଃଖୀ

ଭାରତରେ କାର୍ଯ୍ୟ କରୁଥିବା ଲୋକମାନେ ନିଜ କାମରେ ବିଶେଷ ସନ୍ତୁଷ୍ଟ ନାହାନ୍ତି। ଅଧିକାଂଶ କର୍ମଚାରୀ ନିଜର ଜୀବନକୁ ସଂଘର୍ଷରତ ଓ ଦୁଃଖମୟ ବୋଲି କହିଛନ୍ତି। ଗ୍ୟାଲପ୍ର ବିଶ୍ୱ କର୍ମକ୍ଷେତ୍ର ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। କାର୍ଯ୍ୟକ୍ଷେତ୍ରରେ ସନ୍ତୁଷ୍ଟିକୁ ନେଇ ଭାରତର ପ୍ରଦର୍ଶନ ନେପାଳଠାରୁ ବି ଖରାପ ରହିଛି। ଗ୍ୟାଲପ୍ ରିପୋର୍ଟ ଅନୁସାରେ ଭାରତରେ ମାତ୍ର ୧୪ ପ୍ରତିଶତ କର୍ମଚାରୀ କାମରେ ସଫଳ ଥିବା କହିଛନ୍ତି। ଅବଶିଷ୍ଟ ୮୬ ପ୍ରତିଶତ କର୍ମଚାରୀ କର୍ମକ୍ଷେତ୍ରରେ ସଂଘର୍ଷ କରୁଥିବା କିମ୍ବା ଦୁଃଖୀ ଥିବା କହିଛନ୍ତି। କେବଳ ଭାରତ ନୁହେଁ ସମଗ୍ର ଦକ୍ଷିଣ ଏସିଆରେ ଏଭଳି ସ୍ଥିତି ରହିଛି। ବିଶ୍ୱସ୍ତରରେ ହାରାହାରି ଭାବେ ୩୪ ପ୍ରତିଶତ କର୍ମଚାରୀ ନିଜକୁ ସଫଳ ବିବେଚନା କରୁଥିବା ବେଳେ ଦକ୍ଷିଣ ଏସିଆରେ ଏହି ହାର ଯଥେଷ୍ଟ କମ୍ ରହିଛି।

ଏହି ସର୍ବେକ୍ଷଣରେ ଭାଗ ନେଇଥିବା ୩୫ ପ୍ରତିଶତ ଭାରତୀୟ କହିଛନ୍ତି ଯେ ପ୍ରତିଦିନ ସେମାନଙ୍କୁ ରାଗ ଲାଗୁଛି ଯାହା ଦକ୍ଷିଣ ଏସିଆରେ ସର୍ବାଧିକ। ୩୨ ପ୍ରତିଶତ କର୍ମଚାରୀ କହିଛନ୍ତି ଯେ ସେମାନେ ଚାପରେ ଅଛନ୍ତି। ଏହି ହାର କିନ୍ତୁ ସବୁଠୁ କମ୍ ରହିଛି। ଶ୍ରୀଲଙ୍କାର ୬୨ ପ୍ରତିଶତ ଏବଂ ଆଫଗାନିସ୍ତାନର ୫୮ ପ୍ରତିଶତ କର୍ମଚାରୀ ଚାପରେ ଥିବା କହିଛନ୍ତି। ଭାରତୀୟ କର୍ମଚାରୀମାନେ କାମକୁ ନେଇ ଏତେଟା ସନ୍ତୁଷ୍ଟ ନଥିଲେ ମଧ୍ୟ କାମ ସହିତ ଯୋଡ଼ି ହୋଇରହିବାରେ ସେମାନେ ଅନ୍ୟ ଦେଶର କର୍ମଚାରୀଙ୍କଠାରୁ ଆଗରେ ରହିଛନ୍ତି। ଭାରତରେ କର୍ମଚାରୀ ସମ୍ପୃକ୍ତି ହାର ୩୨ ପ୍ରତିଶତ ରହିଛି ଯାହା ବିଶ୍ୱର ହାରାହାରି ହାର ୨୩ ପ୍ରତିଶତଠାରୁ ଅଧିକ।

ଗ୍ୟାଲପ୍ ପକ୍ଷରୁ ବିଭିନ୍ନ ଦେଶର କର୍ମଚାରୀମାନଙ୍କ ଶାରିରୀକ ଓ ମାନସିକ ସ୍ଥିତିକୁ ଅନୁଶୀଳନ କରି ସେମାନଙ୍କୁ ସଫଳ, ସଂଘର୍ଷରତ ଓ ଦୁଃଖୀ ଭଳି ତିନିଟି ବର୍ଗରେ ଭାଗ କରାଯାଇଛି। ଯେଉଁମାନେ ନିଜର ବର୍ତ୍ତମାନ ଓ ଭବିଷ୍ୟତ ସମ୍ଭାବନାକୁ ନେଇ ସକାରାତ୍ମକ ମତ ଦେଇଥିଲେ ସେମାନଙ୍କୁ ସଫଳ ବର୍ଗରେ ରଖାଯାଇଛି। ଯେଉଁମାନେ ନକାରାତ୍ମକ ମତ ଦେଇଥିଲେ ଏବଂ ଦୈନିକ ଚାପ ଓ ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା କହିଥିଲେ ସେମାନଙ୍କୁ ସଂଘର୍ଷରତ ବର୍ଗରେ ରଖାଯାଇଛି। ଶାରିରୀକ ଓ ମାନସିକ ଯନ୍ତ୍ରଣା ଭୋଗୁଥିବା କହିଥିବା କର୍ମଚାରୀମାନଙ୍କୁ ଦୁଃଖୀ ବର୍ଗରେ ରଖାଯାଇଛି।

# ଶ୍ରାବଣ ପୁନେଇଁରେ ଉଦିଆ ଚାନ୍ଦ ରଙ୍ଗାଜୀବ ଗଙ୍ଗାଧର



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଶ୍ରାବଣ ପୁନେଇଁ, ଗାଁ ଗହଳିରେ ଗହ୍ମା ପୂର୍ଣ୍ଣିମା ଭାବେ ଖ୍ୟାତ। ମହାପ୍ରଭୁ ରେବତୀ ରମଣ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ସ୍ୱନକ୍ଷତ୍ର ଦିବସ। ରକ୍ଷାବନ୍ଧନ ପର୍ବ ପାଳିତ ସହର, ବଜାର, ମଫସଲ - ସାରା ଓଡ଼ିଶାରେ। ଭଉଣୀ ଭାଇ ହାତରେ ବାନ୍ଧିଦିଏ ରାକ୍ଷୀ। ସମ୍ପର୍କର ଡୋରି, ଭାଇ ଦିଏ ଭଉଣୀକୁ ଅଭୟ। ଏଇ ପବିତ୍ର ତିଥି। ୧୮୬୨ ମସିହା, ଅଗଷ୍ଟ ୯ ତାରିଖ, ସମ୍ବଲପୁରର ବରପାଲି ଗାଁ, ସେଇ ଗାଁର ଏକ ଭୁଲିଆ ପରିବାର, ସେଦିନ ଆନନ୍ଦ ମୁଖରିତ, ନବଜାତକ ହେଲେ ଭୂମିଷ୍ଠ। ନାଁ ଦିଆଗଲା ଗଙ୍ଗାଧର, ସେ ଶ୍ରାବଣ ପୁନେଇଁର ଉଦିଆ ଚାନ୍ଦ, ଉତ୍ତର ଜୀବନରେ ଓଡ଼ିଆ ସାହିତ୍ୟରେ ରଙ୍ଗ-ରସ ଭରିଲେ। ପ୍ରାଚ୍ୟ, ପାଶ୍ଚାତ୍ୟ ଚେତନାକୁ ସଂଯୋଗ କଲେ। କାବ୍ୟ, କବିତାର ସ୍ନିଗ୍ଧ ଯୋଛନା, ବିଚ୍ଛୁରିତ ହେଲା ଚଉପାଶ। ଗୋଟେ ପଟେ ରାଧା-ମଧୁ-ଫକୀର, ଓଡ଼ିଆ ସାହିତ୍ୟର ପ୍ରଚଣ୍ଡ ପ୍ରତିଭା; ଆରପଟେ କବି ଗଙ୍ଗାଧର, ପାଠପଢ଼ା ପାଞ୍ଚଶ୍ରେଣୀ, ତଥାପି ପୁରାଣ, ସାହିତ୍ୟ, ସଂସ୍କୃତ କାବ୍ୟ, ବାଲ୍ମିକୀ ରାମାୟଣ, ବ୍ୟାସଙ୍କ କୃତ ମହାଭାରତ - ସବୁଥିରେ ଅମାପ ଜ୍ଞାନ ଗରିମା। ଏଥିରୁ କଥାବସ୍ତୁ ସଂଗ୍ରହ କଲେ, ଦକ୍ଷ ମଳାକାରଟିଏ ପରିଚୟ ଦେଲେ। ସାଉଣ୍ଟି ଆଣିଲେ ପୂର୍ବସୂରୀଙ୍କ କଳା-କଳିକା। ସୁନ୍ଦର ମାଳାଟିଏ ଗୁନ୍ଥିଲେ, ତାହା ଜ୍ଞାନଦାତ୍ରୀ ସରସ୍ୱତୀଙ୍କ ଗଳାମଣ୍ଡନ କଲା। ଦୁନିଆ ହେଲା ଅଭିଭୂତ। ରାଧାନାଥଙ୍କ ପାଶ୍ଚାତ୍ୟ ଚିନ୍ତାଚେତନା, ଫକୀର ମୋହନଙ୍କ ଗଣଧର୍ମୀ ଗଦ୍ୟ, ଆତ୍ମା-ପରମାତ୍ମା ସମ୍ପର୍କିତ ମଧୁରାଓଙ୍କ କବିତା - ଏସବୁ ଚହଳ ପକେଇଲା। କାହାର ପ୍ରଶଂସା, କିଏ ପୁଣି କଟୁ ସମାଲୋଚନା କଲା, ରାଧାନାଥ ପ୍ରତିଭା ସପକ୍ଷବାଦୀ 'ବିଜୁଳି', ଉପେନ୍ଦ୍ର ସାହିତ୍ୟ ରସିକ ସମର୍ଥିତ 'ଇନ୍ଦ୍ରଧନୁ'। ଇନ୍ଦ୍ରଧନୁ ବିଜୁଳି ପତ୍ରିକାର ଝଲକ, ଓଡ଼ିଆ ସାହିତ୍ୟ ଆକାଶ ହେଲା ଆନ୍ଦୋଳିତ।

ଏଇ ସନ୍ଧିକ୍ଷଣରେ ଠିଆ ହେଲେ ଗଙ୍ଗାଧର। ଆପଣେଇ ନେଲେ ପ୍ରାଚ୍ୟ ସଂସ୍କୃତି-ସଂସ୍କାର-ପରମ୍ପରାକୁ। ଲେଖିଲେ ରାଶିରାଶି କାବ୍ୟ, କବିତା। ତାଙ୍କୁ କିଏ କହିଲେ ରଙ୍ଗାଜୀବ ଗଙ୍ଗାଧର, ଆଉ କାହାରି କାହାରି ମୁହଁରେ ସେ ସ୍ୱଭାବକବି। ଏ ସବୁର ଉର୍ଦ୍ଧ୍ୱରେ, ଗଙ୍ଗାଧର ହିଁ ଜଣେ ନିରୋଳା କବି, କବିତ୍ୱ ତାଙ୍କ ପ୍ରାଣ, ପ୍ରକୃତି ପ୍ରାଣତା ତାଙ୍କର ଅନ୍ତରଙ୍ଗ। ଦେଶ-ପ୍ରେମ-ପ୍ରୀତି କବିଙ୍କର ଆତ୍ମା। ଉଚ୍ଚାଙ୍ଗ ସାଂସ୍କୃତିକ ଚେତନାବୋଧ, ଚରିତ୍ର ଗତ ମହନୀୟତା, ଶ୍ରୁତି ମଧୁର ଭାଷା ବିନ୍ୟାସ, ଶାଶ୍ୱତ ଭାବନା, ଏଥି ସହିତ ପ୍ରକୃତରେ ବ୍ୟକ୍ତିତ୍ୱ ଆରୋପଣ - ଏ ସମସ୍ତ ଗଙ୍ଗାଧର ପ୍ରତିଭାର ଚିରନ୍ତନ ସ୍ମାରକୀ। ସାର୍ଟିଫିକେଟରେ ସେ ସ୍ୱଳ୍ପବିଦ୍; ମାତ୍ର ସାରସ୍ୱତ ସାଧନା ତାଙ୍କୁ ଅମର କରିଛି। କବିତ୍ୱ ବିଭୁଦତ୍ତ ପ୍ରତିଭା, ଐଶିକ ଆଶୀର୍ବାଦ। ଏହାର ଅନୁପମ ଉଦାହରଣ ସ୍ୱୟଂ ଗଙ୍ଗାଧର ମେହେର।

ଗଙ୍ଗାଧରଙ୍କ ଲେଖନୀ ଅଜସ୍ରସ୍ରାବୀ। ରସ ରତ୍ନାକର, ଅହଲ୍ୟାସ୍ତବ, ପଦ୍ମିନୀ, କବିତା କଲ୍ଲୋଳ, ଅଯୋଧ୍ୟା, ପ୍ରଣୟବଲ୍ଲରୀ, କିଚକବଧ, ଅର୍ଘ୍ୟଥାଳି - ଏ ସମସ୍ତ ତାଙ୍କର କାବ୍ୟ କବିତା। କୃଷକ ସଙ୍ଗୀତ, ଭାରତୀ ବନ୍ଦନା ଏ ଦୁଇଟି ଜୀବନୀ ପୁସ୍ତକ ଅନ୍ତର୍ଭୁକ୍ତ। କବିଙ୍କ ବାଲ୍ୟଜୀବନ ଦୁଃଖପୂର୍ଣ୍ଣ। ଅଭାବ ଅନଟନ, ପାରିବାରିକ ଚାପ, ଏହା ହେଲା ଉଚ୍ଚଶିକ୍ଷାରେ ବାଧକ। ମାତ୍ର ତାଙ୍କର ଉତ୍ତର ଜୀବନ ଥିଲା ସୁଖଦ। ୧୮୮୫ ମସିହା, ବରପାଲିର ତତ୍କାଳୀନ ଜମିଦାର, ଗଙ୍ଗାଧରଙ୍କୁ ଅମିନ ଚାକିରିଟିଏ ଦେଲେ। ମାସିକ ୭ ଟଙ୍କା ବେତନ, କ୍ରମେ ତାହା ୮ ଟଙ୍କା, ୧୦ ଟଙ୍କା ହେଲା। ୧୯୧୮ରେ ମିଳିଲା କୁଡିସିଆଲ ମୋହରରୀ ପଦବୀ, ମାସିକ ଦରମା ୧୫ ଟଙ୍କା। ୧୯୧୭ ମସିହା, ସେତେବେଳେ ତାଙ୍କୁ ୫୫ ବର୍ଷ, ଚାକିରିରୁ ଅବସର, ପାଉଥିଲେ ୩୫ ଟଙ୍କା। ପେନ୍‌ସନ୍ ମିଳିଲା ୧୧ ଟଙ୍କା। ସେତେବେଳକୁ ସେ ଆଠ ଏକର ଜମିର ମାଲିକ, ଧାନ, ମୁଗ, ବିରି, ତେଲ - ସବୁ ଖୁବ୍ ଶସ୍ତା। ବିଲ ଚାଷ ପାଇଁ ସେ ଗୁଡି ନିଯୁକ୍ତ କରିଥିଲେ। ସେମାନଙ୍କ ଭାତ ବର୍ତ୍ତନ, ମାସିକ ଦରମା, ସବୁ ବୁଝୁଥିଲେ। ତାଙ୍କର ନିମ୍ନ ମଧ୍ୟବିତ୍ତ ପରିବାର, ଏକପ୍ରକାର ସୁଖ ଶାନ୍ତି ଭରାଥିଲା। କବି ଥିଲେ ଦରିଦ୍ରର ସନ୍ତାନ; ମାତ୍ର ଦରିଦ୍ର ପିତା ନୁହନ୍ତି। ତାଙ୍କ ଦାରିଦ୍ର୍ୟକୁ ସେ ସ୍ୱୀକାର କରିଛନ୍ତି। ତାହା ଅର୍ଥଭିତ୍ତିକ ଅନଟନ ନୁହେଁ, ସାରସ୍ୱତ ଦାରିଦ୍ର୍ୟ। ତାଙ୍କ ଶ୍ରେଷ୍ଠ କୃତି 'ତପସ୍ୱିନୀ'। ପ୍ରଥମ ସର୍ଗରେ କବି ଲେଖିଛନ୍ତି - "ଦରିଦ୍ରତା ପଙ୍କ ପୂର୍ଣ୍ଣ ମୋ ଜୀବନ ସର / ଜଞ୍ଜାଳ-ଜଳଦ-ଜଳେ ଆବିଳ ଉଦର। ଶରଦ ସଦୃଶ ତୋତେ କରି ଦରଶନ / ହୋଇ ଯାଉଅଛି ସେ ତ ସ୍ୱତଃ ପରସନ।" ଏ ପ୍ରସଙ୍ଗଟି ଖୁବ୍ ଚମତ୍କାର। ତାହା କବିର ଚାତୁରୀ, କଳାକାର ସୁଲଭ ଦୟିନୀ। ଏ ପ୍ରସଙ୍ଗକୁ କେହି କେହି ଆନ ଅର୍ଥ କରନ୍ତି। କବିଙ୍କୁ ଦୀନ ଦରିଦ୍ର କହନ୍ତି; ମାତ୍ର ଗଙ୍ଗାଧର ଉତ୍ତର ଜୀବନରେ ଥିଲେ ସ୍ୱଚ୍ଛଳ। ସାରସ୍ୱତ ଦାରିଦ୍ର୍ୟ ସ୍ୱୀକାର ଗଙ୍ଗାଧରଙ୍କର ଶ୍ରେଷ୍ଠ ମହାନୁଭବତା।

ପ୍ରକୃତି ପ୍ରେମୀ ଗଙ୍ଗାଧର। ତାଙ୍କ ଲେଖନୀରେ ପ୍ରକୃତି ଜୀବନ୍ତ। ତା' ମଧ୍ୟରେ କବି ବ୍ୟକ୍ତିତ୍ୱ ଆରୋପଣ କରିଛନ୍ତି। କେବେ ସେ ସେବିକା, ସହାୟିକା, ସ୍ନେହ ଦାୟିନୀ ସଖୀ, କେବେ ପୁଣି ମହାପ୍ରଳୟ। ଜୀବନର ସୁଖଦୁଃଖ, ଆନନ୍ଦ ନିରାନନ୍ଦ - ସବୁଠି ପ୍ରକୃତି, ସେ ସାଥୀ ସହୋଦରା, ଆତ୍ମୀୟ, ଏକାନ୍ତ ଆପଣାର। ସେଇ ପ୍ରକୃତି ଆସେ କବି ଲେଖନୀରେ। କବି ହୁଏ ଆନମନା, ଶୁଣାଏ କୋଇଲିର ଗୀତ, ମଳୟର ସ୍ୱର, ବାଣ୍ଟିଦିଏ ମଲ୍ଲୀ ମହକ, ଅପରାଜିତାର ନୀଳିମା କେବେ ମାଖି ହୋଇଯାଏ, ଆଉ କେବେ ଅସ୍ତ୍ରଶସ୍ତ୍ର ଧାରଣ କରେ, ଯୁଦ୍ଧକରେ ନିୟତି ସଙ୍ଗରେ। ଏଇଟି ଏକ ସୁନ୍ଦର ପ୍ରସଙ୍ଗ। ଗଙ୍ଗାଧର ପ୍ରତିଭାର ନିଆରାପଣ, ସ୍ୱତନ୍ତ୍ରତା ବି। ଗଙ୍ଗାଧରଙ୍କ ପୂର୍ବସୂରୀଙ୍କ କଥା, ସେମାନେ ପ୍ରକୃତିକୁ ରଙ୍ଗେଇଛନ୍ତି। ବିମୋହିତ ହୋଇଛନ୍ତି। ନାୟକ ନାୟିକାଙ୍କର ମିଳନ ହୋଇଛି। ପ୍ରକୃତି ବି ପ୍ରେମ-ପ୍ରୀତି-ପୁଲକରେ ଅଧିରା। ନାୟକ ନାୟିକାଙ୍କ ବିଚ୍ଛେଦ, ବିରହ ଜ୍ୱାଳା ଜର୍ଜରିତ, ସେତେବେଳେ ପ୍ରକୃତି ପ୍ରତିକ୍ରିୟା ହୀନା। ମାତ୍ର ଗଙ୍ଗାଧର ପ୍ରକୃତିକୁ ନୂତନତାରେ ସଜେଇ ଦେଲେ। କରିଦେଲେ ଜୀବନ୍ତ। ଅବଶ୍ୟ କବିବର ରାଧାନାଥ ରାୟ, ସମ୍ୟକ୍ ମାତ୍ରାରେ ଏଥିରେ ସଫଳ। ତାଙ୍କର ଖଣ୍ଡକାବ୍ୟ 'ଚିଲିକା'ର କଥା। ପ୍ରତାପୀ ରକ୍ତବାହୁ ଓଡ଼ିଶା ଆକ୍ରମଣ କରିଛି, ଲୁଟି ନେଇଛି ଶ୍ରୀଜଗନ୍ନାଥଙ୍କ କୋଠଭଣ୍ଡାର। ହର୍ଷ, ଆନନ୍ଦ, ଉଲ୍ଲାସ। ଅହଙ୍କାରୀ ନାଆ ମେଲି ଦେଇଛି। ଚିଲିକାର ଚାରୁ ଶୋଭାମୟୀ ରୂପ, ରକ୍ତବାହୁ ଉତ୍ଫୁଲ୍ଲିତ। ତା' ଦେଖି ପ୍ରକୃତି ରାଣୀ କୋପିତା। ଧରିଛି ତାଣ୍ଡବରୂପ। ନାହିଁ ନଥିବା ବତାସ, ତୁହାକୁ ତୁହା ପ୍ରବଳ ବର୍ଷା, ବଜ୍ରର ଗର୍ଜନ, ଶେଷରେ ରକ୍ତବାହୁର ନିଧନ ହେଇଛି। ଉତାଳ ଚିଲିକାର ନୀଳ ଲହରୀ। ପଥ ଓଗାଳିଛି ରକ୍ତବାହୁର। କବିବର ରାଧାନାଥ, ଏକଥାଟି କହିଲେ ଅପୂର୍ବ ଠାଣିରେ- "କାଳୀଜାୟୀ ଶୈଳଦେବୀ ହୈମବତୀ / ଉଭା ହୋଇ କଲେ ସଙ୍କେତ ତୋ ପ୍ରତି / ଫିଙ୍ଗିତୋ ତରଙ୍ଗେ ସୁବର୍ଣ୍ଣ ତ୍ରିଶୂଳ / ସେ ସଙ୍କେତେ ଫେନ ଚୂଡ଼ ଉର୍ମିକୁଳ / ଉତ୍‌କେଶର ଦେବୀ ବାହନ କେଶରୀ/ ପ୍ରାୟେ ଦଉଡ଼ିଲେ ଗ୍ରାସିବାକୁ ତରୀ। ତୋ ରଙ୍ଗିତେ ଘେନି ଉର୍ମି ଥାଟ / ଦଉଡ଼ି ଆସିଲେ ନୀଳାମ୍ବୁ ସମ୍ରାଟ।" ଦୈତହନ୍ତା ବଜ୍ରୀ, ହାତରେ ଭୀମ ବଜ୍ର। ଦମ୍ଭୋଳର ଘୋର ଧ୍ୱନି। ଥରଥର କମ୍ପିଲା ମେଦିନୀ, କେବଳ ଏତିକି ନୁହେଁ ଶୋଳରୀ ଡାକିଛି ଭାଲେରୀକି, ପର୍ବତୁ ପର୍ବତ, ସମ୍ବାଦ ସଞ୍ଚରି ଯାଇଛି, ପ୍ରକୃତିର ସଂହାର ମୂର୍ତ୍ତି, କରାଳ ଆରତି। ରକ୍ତବାହୁ ବିଳୟ ଭଜିଛି। ପ୍ରକୃତି ହେଇଛି ଶାନ୍ତ। କବି ଗଙ୍ଗାଧର, ଏ କ୍ଷେତ୍ରରେ ବହୁ ଆଗରେ। ତାଙ୍କ ଲେଖନୀରେ ଅନ୍ତଃ ପ୍ରକୃତି ଶତବର୍ଣ୍ଣା। ଏହାର ନିଖୁଣ ନିଦର୍ଶନ 'ତପସ୍ୱିନୀ'। ଅମର କାବ୍ୟ 'ତପସ୍ୱିନୀ'। ଏହାର ଆତ୍ମପ୍ରକାଶ କାଳ ୧୯୧୪। ଲଙ୍କାପତି ମହାପ୍ରତାପୀ ରାବଣ, ରାମ ବାଣରେ ହେଲେ ନିଧନ। ସୀତାଙ୍କୁ ଉଦ୍ଧାର କରିଲେ ଶ୍ରୀରାମ, ଲକ୍ଷ୍ମଣ। ଫେରିଲେ ଅଯୋଧ୍ୟା। ବୈଦେହୀ ଅନ୍ତଃସତ୍ୱା। ରାମ କରିଥିଲେ ଅନ୍ଧାରୀ ବିଜେ। ରାଜ୍ୟର ଜଣେ ମଦ୍ୟପ ରଜକ, ସୀତାଙ୍କ ଚରିତ୍ରକୁ ଆକ୍ଷେପ କରୁଥିଲା। ପ୍ରଜାନୁରଞ୍ଜକ ରାଜା ରାମଚନ୍ଦ୍ର, ଲକ୍ଷ୍ମଣଙ୍କୁ ଗୁପ୍ତ ନିର୍ଦ୍ଦେଶ ଦେଲେ, ବାଲ୍ମୀକିଙ୍କ ତପୋବନ, ବହି ଯାଉଛି ଭାଗୀରଥୀ, ଲକ୍ଷ୍ମଣ ସୀତାଙ୍କୁ ବିସର୍ଜ ଆସିଲେ। ଅସହାୟା ସୀତା। ନିୟତିର କଠୋର ବିଚାର। ଆଗେଇ ଆସିଛି ପ୍ରକୃତି। ସବୁ ପ୍ରକାର ସହାୟତା ଦେଇଛି। ସୀତା ଠାକୁରାଣୀଙ୍କ ରକ୍ଷା କବଚ ପାଲଟିଛି। ସୀତା ତପସ୍ୱିନୀର ଜୀବନ କାଟିଛନ୍ତି। ଏଇଟି ତପସ୍ୱିନୀର କଥାବସ୍ତୁ। ନିୟତିର ଘୋର ଅବିଚାର, କ୍ରନ୍ଦନରତା ସୀତା। ଆପଣା ବଂଶର ଅମର୍ଯ୍ୟାଦା, ସୂର୍ଯ୍ୟଦେବ ଲାଜରେ ମୁହଁ ଢାଙ୍କିଲେ, ତେଜ ନାହିଁ, ଭାଗିରଥୀରୁ ବହି ଆସିଲା ମନ୍ଦ ପବନ। ସାଥିରେ ତା'ର ଶହଶହ ଜଳକଣା। ସୀତାଙ୍କର ସଜ୍ଞା ଫେରିଲା। ଏଠି ପ୍ରକୃତି ସେବିକା। ସେତିକି ନୁହେଁ, ନିୟତି ବିରୋଧରେ ଯୁଦ୍ଧ ଘୋଷଣା କଲା। ତାଳ ବାହୁଙ୍ଗା ପବନରେ ଥରୁଛି, ବାୟା ବସାରୁ ଝରି ପଡୁଛି କାଠି, ଗୋଟେ ପରେ ଗୋଟେ, ଗଙ୍ଗାଧର ତର୍କଣା କଲେ, "ତୃଣରାଜ ଖଡ୍‌ଗ-କରେ ଗର୍ଜିଲା ପ୍ରଖର / ବାୟାବସା ତୂଣୀରକୁ ଝାଡ଼ି ବାରମ୍ବାର / ପତ୍ର-କଙ୍କପତ୍ର କଲା କି ଅବା ବାହାର/ କମ୍ପିତ ସରିତ ବୀଚି-ଉତ୍‌ଥିତ ଶୀକର/ ପଡ଼ିଲା ପୁଳିନେ ତେଜି ତରଙ୍ଗ-ଶିଖର/ ଭରି କି ସୀସକ ଗୁଳି ତରଙ୍ଗ ତୋପେ/ ନିୟତିକି ଭାଗୀରଥୀ ପ୍ରହାରିଲା କୋପେ?" ଏଠି ପ୍ରକୃତି ଯୋଦ୍ଧୃ ବେଶରେ। ରାମଚନ୍ଦ୍ର ଏକାକୀ, ବିରହ ବିଧୁର। ସେ ଜାଣନ୍ତି ସୀତା ନିର୍ଦ୍ଦୋଷ। ତାଙ୍କ ଆତ୍ମା ବିଳପୁଛି, ରାଜବାଟୀର ଶୁକଶାରୀ, ମୟୂର ମୟୂରୀ, ସବୁଙ୍କୁ ମୁକ୍ତ କରିଦେବାକୁ ପ୍ରସ୍ତୁତ - "ପିଞ୍ଜରୁ ବାହାରି ଯିବେ ଶୁକ ଶାରୀ / ଛାଡ଼ି ଦେବି ରାତି ପାହୁ / ତୋତେ ଉତ୍ତେଜିତ, କରିବା ନିମନ୍ତେ / ନବୋଲିବେ ସୀତା ଆଉ।" ରଜା ନନ୍ଦିନୀ, ପାଟରାଣୀ ସୀତା। ନାହିଁ ତୁଳୀତଳ୍ପ ଶଯ୍ୟା, ନାହାନ୍ତି ଦାସ, ଦାସୀ, ଭାଟ, ଭିକାରୀ। ବିନିଦ୍ର ରଜନୀ। ସିନ୍ଦୂରା ଫାଟିଛି। ପ୍ରକୃତି ଆସିଛି, ସଖୀ ରୂପରେ। ସୀତାଙ୍କ ମନ ନେଇଛି- "ମଙ୍ଗଳେ ଅଇଲା ଉଷା / ବିକଚ ରାଜୀବ ଦୃଶା / ଜାନକୀ ଦର୍ଶନ ତୃଷା ହୃଦୟେ ବହି / କରପଲ୍ଲବେ ନିହାର, ମୁକ୍ତାଧରି ଉପହାର/ ସତୀଙ୍କ ବାସ-ବାହର ପ୍ରାଙ୍ଗଣେ ରହି / କଳକଣ୍ଠ-କଣ୍ଠେ କହିଲା / ଦରଶନ ଦିଅ ସତୀ, ରାତି ପାହିଲା। ତମସା ସୀତାଙ୍କୁ ଆଲିଙ୍ଗନ କରିଛି, ପବିତ୍ର ହୋଇଛି। ମୌନ ବନଲକ୍ଷ୍ମୀ ମୁଖର ହୋଇଛନ୍ତି। ପତିଙ୍କ ମୂର୍ତ୍ତି ଚକ୍ଷୁ ସମ୍ମୁଖରେ, ଜାନକୀ ଉଷାଙ୍କର ପଦବନ୍ଦନା କରିଛନ୍ତି। ତପସ୍ୱିନୀ ସୀତା ବୁଲୁଛନ୍ତି ତପୋବନରେ। ସେଠି ବି ପ୍ରକୃତିରାଣୀ। ବଡ଼ ଆବେଗ ପୂର୍ଣ୍ଣ ପରିବେଶ, ସୀତା ସତୀ। ଏ କଥାଟି ବି ତାଙ୍କୁ ବୁଝେଇ ଦେଇଛି ପ୍ରକୃତି। କେତକୀ-କଣ୍ଟକ-ଦୁର୍ଗ ନିବାସିନୀ; ମାତ୍ର କଣ୍ଟକ ବିଗ୍ରହେ ସେ ସଦା ସୁହାସିନୀ। ସେ ସୀତାଙ୍କୁ ଉପଦେଶ ଦେଇଛି, "କଣ୍ଟକ ବନେ ମୁଁ ନିଜେ କଣ୍ଟକିତ / କଣ୍ଟା ଯୋଗୁଁ ହୁଏ ଭୁବନେ - ପୂଜିତ। କଣ୍ଟା ଦେଖି ଅଳି ନକଲେ ଶରଧା / ମୁଁ କି ଛାଡ଼ିବି ସୌରଭ -ସ୍ୱରଧାର।" ପାଞ୍ଚ କଥା ପ୍ରଜାଏ କହିବେ, ଶତଶତ ମେଳି ହେବେ, ତାକୁ ମିଛ ଜାଣି ଜାଣି, ସତ ମଣିବାକୁ ହୁଏ। ତଥାପି ସତ ହିଁ ସତ, ପାଣି ପାଣି, କ୍ଷୀର କ୍ଷୀର। ଏକଥାଟି ମନ ଜାଣେ। କେତକୀ ଫୁଲ ମହାଦେବଙ୍କ ଶିର ମଣ୍ଡନକାରୀ, ହେଲେ ଭ୍ରମର ତା' ନିକଟକୁ ଆସେନି। ଏଥିରେ ତା'ର କି ଯାଏ? ତା' ରୂପ, ଗନ୍ଧ, କିଣିନିଏ ଜଗତ ଜନମନ। ପ୍ରକୃତି ବହୁ ଭାବରେ, ବହୁ ରୂପରେ ଜୀବନ ସହ ବିଜଡ଼ିତ। ଏକଥାଟି ପ୍ରତିପାଦିତ କରିଛନ୍ତି ଗଙ୍ଗାଧର। 'ତପସ୍ୱିନୀ'କୁ ଆଭା ବିଭା ବିମଣ୍ଡିତା କରିଛି ପ୍ରକୃତି ଚିତ୍ର - ଏହା ସର୍ବଜନ ସମ୍ମତ। ଗଙ୍ଗାଧର ସଂସ୍କାର ପ୍ରେମୀ, ସଂସ୍କୃତି ତାଙ୍କର ପ୍ରାଣ, ପ୍ରାଚ୍ୟ ଚିନ୍ତନ ତାଙ୍କର ଶ୍ରେୟ ଧ୍ୟେୟ। ଏଇଟି ତାଙ୍କର ପ୍ରତିଟି କୃତିରେ ସ୍ଥାନିତ। ସବୁର ଉର୍ଦ୍ଧ୍ୱରେ ସେ ମାତୃଭୂମି ମାତୃଭାଷା ପ୍ରେମୀ। ଉଦାତ୍ତ ଦେଶଭକ୍ତି ତାଙ୍କ ରଚନାରେ ଅନୁରଣିତ। ଜାତି ପ୍ରେମରେ ସେ ସଦା ଆର୍ଦ୍ର। ଯେ ଯେତେ ପାଠୁଆ ହେଉ, ଜ୍ଞାନୀ ଗୁଣୀ ହେଉ, ମାତୃଭାଷାର ଅବମାନନା ତାଙ୍କର ଏକ ଅବିଗୁଣ। ଏ କଥାଟି ଗଙ୍ଗାଧର ମର୍ମେମର୍ମେ ବୁଝିଥିଲେ। ଗାଇଥିଲେ ଭାଷାପ୍ରେମର ମଧୁର ରାଗିଣୀ- "ଯା ଭାଷା ଦୁର୍ବଳା କାହିଁ ତା'ର ଜ୍ଞାନ? / କାହିଁ ତା'ର ରାଜ ଦୁଆରେ ସମ୍ମାନ / ଉଚ୍ଚ ହେବା ପାଇଁ କର ଯେବେ ଆଶା/ ଉଚ୍ଚକର ଆଗେ ନିଜ ମାତୃଭାଷା।" ସେତିକିରେ କବି ଅଟକି ନାହାନ୍ତି। ଦେଇଛନ୍ତି ବଜ୍ର ଗମ୍ଭୀର ଆହ୍ୱାନ-

"ମାତୃଭୂମି ମାତୃଭାଷାର ବଦନ
ଦୀପ୍ତକର ଦେଇ ଧନ ଧାନ ମନ।
ଶୁଭପଥେ ବିଭୁ କରିବେ ମଙ୍ଗଳ,
ଶୁଭ କର୍ମେ ହେବ ଜୀବନ ସଫଳ।"

ଆଜି ସେଇ ପୁଣ୍ୟାତ୍ମାଙ୍କ ସ୍ୱନକ୍ଷତ୍ର ଦିବସ। ଦେଶ-ଜାତି-ମାତୃଭାଷା କଥା ଚିନ୍ତା କରିଥିଲେ ଫକୀରମୋହନ, ରାଧାନାଥ, ମଧୁସୂଦନ, ନନ୍ଦକିଶୋର, ତାଙ୍କ ସହିତ ଆହୁରି ଅନେକ। ଗଙ୍ଗାଧର ମଧ୍ୟ ଏଥିରୁ ବାଦ୍ ଯାଇ ନାହାନ୍ତି। ତାଙ୍କରି ଅମୂଲ୍ୟ ବାଣୀ ଶୟନେ ସ୍ୱପନେ, ଜାଗରଣେ ଏ ଜାତି ସ୍ମରଣ କରୁ। ତାହାଲେ ଯାଇ ଓଡ଼ିଆ ଭାଷା-
ସାହିତ୍ୟ, ଜନ୍ମଭୂମି-ପ୍ରୀତି ପହଞ୍ଚିବ ଶିଖରରେ। ଓଡ଼ିଆର ଅସ୍ମିତା ଚିର ଅମ୍ଳାନ ରହିବ।

# ରକ୍ଷାବନ୍ଧନ ୨୦୨୪





କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

ଭାଇ ଭଉଣୀଙ୍କ ସ୍ନେହର ନିଦର୍ଶନ ହେଲା ରକ୍ଷାବନ୍ଧନ। ସମୟର ସ୍ରୋତରେ ଭାଇ ଭଉଣୀ ନିଜ ନିଜ ସଂସାରର ସୁଖ ଦୁଃଖ ଭିତରେ ବୁଡିଯାଇଛନ୍ତି। ପରିଚୟ ବଦଳିଯାଇଛି, ଆବଶ୍ୟକତା ମଧ୍ୟ ଅଲଗା ହୋଇଯାଇଛି, ଅନେକ ସମସ୍ୟା ଦେଇ ଗତିକରିଛନ୍ତି। ବୟସର ଚାବୁକ ଖାଇ ମଜବୁତ ହୋଇଛନ୍ତି କିନ୍ତୁ ଭିତରେ କେଉଠି ନା କେଉଠି ସେହି ଶୈଶବ ଲୁଚି ରହିଛି। "ରାକ୍ଷୀ" ଆସିଗଲେ ପୁଣି ମନେପଡେ ସେହି ଶୈଶବ, ଯେତେବେଳେ ସେମାନେ ଏକାଠି ବଢିଛନ୍ତି, ଖାଇଛନ୍ତି, ଖେଳିଛନ୍ତି ଝଗଡା ମଧ୍ୟ କରିଛନ୍ତି। ଯେଉଁ ଜୀବନକୁ ସେମାନେ ପଛରେ ଛାଡି ଦେଇ ଆଗେଇ ଆସିଛନ୍ତି ରାକ୍ଷୀ ପୂର୍ଣ୍ଣିମା ସେହି ସବୁ ସ୍ମୃତିକୁ ସାଉଣ୍ଟି ନେଇ ରାକ୍ଷୀର ରଙ୍ଗୀନ ସୂତାରେ ବାନ୍ଧି ସତେ ଯେମିତି ଭାଇ ଭଉଣୀଙ୍କ ଆଗରେ ଅଜାଡି ଦିଏ। ଚତୁର୍ମାସ୍ୟାର ପ୍ରଥମ ମାସ ହେଲା ଶ୍ରାବଣ ମାସ ଏବଂ ଶ୍ରାବଣ ମାସର ପୂର୍ଣ୍ଣିମାକୁ ଆମେ ରାକ୍ଷୀ ପୂର୍ଣ୍ଣିମା ରୂପେ ପାଳନ କରୁ। ଶ୍ରାବଣ ପୂର୍ଣ୍ଣିମାକୁ ଗହ୍ମା ପୂର୍ଣ୍ଣିମା ବୋଲି ମଧ କହିଥାଉ। ଶ୍ରାବଣ ପୂର୍ଣ୍ଣିମା ହେଉଛି ବଳଦେବଙ୍କ ଜନ୍ମଦିନ। ବଳଦେବଙ୍କୁ ହଳଧର ମଧ କୁହାଯାଏ। ଶ୍ରାବଣ ପୂର୍ଣ୍ଣିମାରେ ହଳଲଙ୍ଗଳକୁ ପୂଜା କରାଯାଏ। ଭଗବାନ ଶ୍ରୀକୃଷ୍ଣ ଓ ଭଗବାନ ବଳରାମ ଉଭୟେ ଏହି ଅବତାରରେ ଗାଈ ସହିତ ଜଡିତ ଥିଲେ। ବୃନ୍ଦାବନରେ ଭଗବାନ ଶ୍ରୀ କୃଷ୍ଣ ଏବଂ ଭଗବାନ ବଳରାମ ଗାଈ ଚରେଇବାର ଉଲ୍ଲେଖ ରହିଛି ତେଣୁ ବଳରାମଙ୍କ ପ୍ରିୟ ଗାଈ, ବାଛୁରି ଓ ବଳଦକୁ ଏହି ଦିନ ପୂଜା କରାଯାଇ ପିଠା ଖୁଆ ଯାଇଥାଏ। ଭାରତୀୟ ସଂସ୍କୃତିରେ କୃଷି ଓ ଗାଈ ଉଭୟଙ୍କର ମହତ୍ୱ ରହିଛି। ଜନବସତି କହିଲେ ଆମେ ବୁଝୁ ଗୋଟିଏ ଗାଁ ଯାହାର ଚାରି ପଟେ ଧାନ କ୍ଷେତ, ସକାଳେ ଗାଁରୁ ବହୁରିଥିବା ଗାଈ ପଲ ଓ ଗୋଧୂଳି ବେଳାରେ ଚରି ଫେରି ଆସୁଥିବା ଗାଈ ଦଳ ଏବଂ ତାଙ୍କ ପଛରେ ଲମ୍ୱା ବାଡି ଧରି ଓଡଉଥିବା ଗୌଡ଼। ଗାଁର ସେହି ଛବି ଧୀରେ ଧୀରେ ବଦଳି ଯାଉଛି କିନ୍ତୁ ଆମ ସଂସ୍କୃତିରେ ଗାଈ ଓ କୃଷିର ମହତ୍ୱ ସବୁ ଦିନ ରହିଛି। ଶ୍ରାବଣ ପୂର୍ଣ୍ଣିମା ଆସିବା ପୂର୍ବରୁ ଦୋକାନ ବଜାରରେ ରଙ୍ଗ ବେରଙ୍ଗର ରାକ୍ଷୀ ଦେଖିବାକୁ ମିଳିଥାଏ। ଦୂରରେ ଥିବା ଭାଇ ପାଇଁ ଭଉଣୀ ମାନେ ବହୁ ଆଗରୁ ରାକ୍ଷୀ କିଣି ପଠାଇଥାନ୍ତି। ଭଉଣୀ ପଠାଇଥିବା ରାକ୍ଷୀକୁ ରାକ୍ଷୀ ପୂର୍ଣ୍ଣିମା ଦିନ ଭାଇ ମାନେ ହାତରେ ବାନ୍ଧିଥାନ୍ତି। ରାକ୍ଷୀ ବାନ୍ଧିବା ପଛରେ ଭଉଣୀର ଭାଇ ପାଇଁ ରହି ଥିବା ସ୍ନେହ ଜଣା ପଡେ। ଭଉଣୀ ଭାଇର ରକ୍ଷା ପାଇଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରିଥାଏ ତା ସହିତ ଭଉଣୀର ରକ୍ଷା ପାଇଁ ଭାଇ ମଧ ଆଗଭର ହେବ ବୋଲି ବଚନବଦ୍ଧ ହୋଇଥାଏ। ରାଜପୁତ ରାଣୀ କର୍ଣ୍ଣବତି ୧୫୩୪ ଶତାବ୍ଦୀରେ ମୋଗଲ ସମ୍ରାଟ ହ୍ୟୁମାଉନଙ୍କ ପାଖକୁ ରାକ୍ଷୀ ପଠାଇଥିଲେ। ରାଣୀ କର୍ଣ୍ଣବତି ଚିତୋରର ରାଜା ରାଣା ସଂଗ୍ରାମ ସିଂଙ୍କ ପତ୍ନୀ ଥିଲେ। ରାଜା ସଂଗ୍ରାମ ସିଂଙ୍କ ମୃତ୍ୟୁ ପରେ ତତ୍କାଳୀନ ଗୁଜରାଟର ଶାସକ ସୁଲତାନ ବାହାଦୁର ସାହା ଚିତୋରକୁ ଆକ୍ରମଣ କରିଥିଲେ। ରାଣୀ କର୍ଣ୍ଣବତି ଜାଣିଥିଲେ ଯେ ବାହାଦୁର ସାହାଙ୍କ ଶକ୍ତି ଆଗରେ ଚିତୋରର ଶକ୍ତି କମ ତେଣୁ ହ୍ୟୁମାଉନଙ୍କ ପାଖକୁ ରାକ୍ଷୀ ପଠାଇ ଜଣେ ଭଉଣୀର ଧର୍ମ ପାଳନ କରିଥିଲେ। ହ୍ୟୁମାଉନ ରାକ୍ଷୀ ପାଇବା ସଙ୍ଗେ ସଙ୍ଗେ ଭଉଣୀର ରାଜ୍ୟକୁ ବଞ୍ଚେଇବା ପାଇଁ ଚିତୋର ଅଭିମୁଖେ ଯାତ୍ରା କରିଥିଲେ କିନ୍ତୁ ହ୍ୟୁମାଉନଙ୍କ ପହଞ୍ଚିବା ଡେରି ହୋଇଯାଇଥିଲା। ଚିତୋରର ରାଜପୁତ ମାନେ ନିଜର ପ୍ରାଣ ବଳି ଦେଇ ଯୁଦ୍ଧ କରିଥିଲେ ଏବଂ ରାଣୀ କର୍ଣ୍ଣବତି ଜହରବ୍ରତ ପାଳନ କରିସାରିଥିଲେ।

ଏହି ପରମ୍ପରା ଆଖିରେ ରଖି ଆଜି ମଧ ମହିଳା ମାନେ ରାଜନେତା, ସମାଜ ସେବକ ଓ ଅନ୍ୟ କ୍ଷମତା ଶୀଳ ବ୍ୟକ୍ତି ଯେମିତି ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ହାତରେ ରାକ୍ଷୀ ବାନ୍ଧିଥାନ୍ତି। ରାକ୍ଷୀ ପର୍ବକୁ ମୁଖ୍ୟତଃ ଜୈନ ଧର୍ମର ଲୋକ ଏବଂ ହିନ୍ଦୁ ଧର୍ମର ଲୋକମାନେ ପାଳନ କରିଥାନ୍ତି। ସହର ବଜାରର ମିଠା ଦୋକାନ, ଫଳ ଦୋକାନ ଗୁଡିକରେ ରାକ୍ଷୀ ପୂର୍ଣ୍ଣିମା ଆସିଗଲେ ଭିଡ ଜମିଯାଏ। ଲୋକମାନେ ମିଠା ଓ ଫଳ ନେଇ ଘରକୁ ଯାଇଥାନ୍ତି। ଭଉଣୀ ମାନେ ଭାଇଙ୍କୁ ମିଠା ଖୁଆଇଥାନ୍ତି ଭାଇ ହାତରେ ରାକ୍ଷୀ ବାନ୍ଧିଥାନ୍ତି ଆଳତିର ଥାଳି ଧରି ଭାଇଙ୍କୁ ଅଳତି ମଧ କରିଥାନ୍ତି। ରାକ୍ଷୀ ଅବସରରେ ଭଉଣୀ ମାନେ ଭାଇଙ୍କୁ ଓ ଭାଇମାନେ ଭଉଣୀଙ୍କୁ ଉପହାର ଦେଇଥାନ୍ତି। ପୁରୀଜଗନ୍ନାଥ ମନ୍ଦିରରେ ମଧ ରାକ୍ଷୀ ପୂର୍ଣ୍ଣିମା ପାଳନ କରାଯାଇଥାଏ। ପାଟରା ବିଶୋଇ ସେବାୟତ, ଭଗବାନ ବଳଭଦ୍ର ଓ ଭଗବାନ ଜଗନ୍ନାଥଙ୍କ ପାଇଁ ପାଟ ରାକ୍ଷୀ ତିଆରି କରିଥାଏ। ଦେବୀ ସୁଭଦ୍ରା ତାଙ୍କର ଦୁଇ ଭାଇ ବଳଭଦ୍ର ଓ ଜଗନ୍ନାଥଙ୍କୁ ଏହି ରାକ୍ଷୀ ବାନ୍ଧିଥାନ୍ତି। ଭଗବାନ ବଳଭଦ୍ରଙ୍କ ପାଇଁ ନୀଳ ଏବଂ ବାଇଗଣି ରଙ୍ଗର ରାକ୍ଷୀ ତିଆରି କରାଯାଇଥାଏ। ଜଗନ୍ନାଥଙ୍କ ପାଇଁ ଲାଲ ଓ ହଳଦିଆ ରଙ୍ଗର ରାକ୍ଷୀ ପ୍ରସ୍ତୁତ କରାଯାଇଥାଏ। ଏହି ଦିନ ଜଗନ୍ନାଥ ଓ ବଳଭଦ୍ରଙ୍କୁ ଗୁଆ ମାଳ ଦିଆଯାଇଥାଏ। ଓଡିଶାରେ ଘରେ ଘରେ ରାକ୍ଷୀ ପୂର୍ଣ୍ଣିମାରେ ମଣ୍ଡା ମିଠା ତିଆରି କରାଯାଇଥାଏ। ଗଞ୍ଜାମ ଜିଲ୍ଲାର ଗାଁ ମାନଙ୍କରେ ବିଭିନ୍ନ ଖେଳର ପ୍ରତିଯୋଗିତାର ପରମ୍ପରା ରହିଛି। ଯେଉଁମାନେ ଖେଳର ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥାନ୍ତି ସେମାନଙ୍କୁ ପୁରସ୍କାର ସହିତ ସମ୍ମାନିତ ମଧ କରାଯାଇଥାଏ। ଆମ ଜୀବନ ବିଭିନ୍ନ ସମ୍ପର୍କକୁ ନେଇ ପରିପୂର୍ଣ୍ଣ। ଭାଇ ଭଉଣୀଙ୍କ ସମ୍ପର୍କ ସବୁଠାରୁ ନିଆରା। ଭାଇ ଭଉଣୀ ବନ୍ଧୁ ହୋଇ ଖେଳିଛନ୍ତି, କେତେ ଖରାରେ ସିଝିଛନ୍ତି, କେତେ ବର୍ଷାରେ ଭିଜିଛନ୍ତି, ଶୀତରେ ଥରିଛନ୍ତି, ହାତ ଧରାଧରି ହୋଇ ବଡ ହୋଇଛନ୍ତି। ଘରର ଚାରି କାନ୍ଥ ଭିତରୁ ମିଶି ବାହାରକୁ ପାଦ ବଢାଇଛନ୍ତି ସଂଘର୍ଷ କରିବାପାଇଁ। ବେଳେ ବେଳେ ହାରି ଛନ୍ତି ବେଳେ ବେଳେ ଜିତିଛନ୍ତି। ସେହି ସ୍ମୃତି ଯାହା ଭୁଲିବାର ନୁହେଁ ତାକୁ ନେଇ ଆସେ ରାକ୍ଷୀ ପୂର୍ଣ୍ଣିମା।

# ନାରୀ ନେତ୍ରୀ ସରଳା ଦେବୀ



ଜୟଶ୍ରୀ ପଟ୍ଟନାୟକ
ଗଙ୍ଗନଗର, ଭୁବନେଶ୍ୱର
ମୋ : ୭୯୭୮୧୧୦୪୭୪

ସମାଜର ସବୁ ମଣିଷ ଚାହାଁନ୍ତି ଦେଶ ପାଇଁ କିଛି ଭଲ କାମ କରିବା ପାଇଁ। ସେ ନାରୀ ହେଉ ଅବା ପୁରୁଷ। ଦୁନିଆରେ ଭଲ କାମ କଲେ ମଣିଷ ଅନ୍ୟ ମାନଙ୍କ ପାଇଁ ପାଲଟି ଯାଆନ୍ତି ପ୍ରେରଣାର ଉତ୍ସ। ଯେତେବେଳେ ନାରୀମାନେ ଘରୁ ବାହାରକୁ ବାହାରୁ ନ ଥିଲେ ସେତେବେଳେ କିଛି ନାରୀ ସମାଜ ପାଇଁ, ଦେଶ ପାଇଁ ଏମିତି କିଛି ଅବିସ୍ମରଣୀୟ କାମ କରି ଯାଇଛନ୍ତି ଯେ, ଯୁଗେ ଯୁଗେ ତାଙ୍କ ନାମ ସ୍ୱାଧୀନତାର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ଏବଂ ରହିଥିବ ମଧ୍ୟ। ନାରୀ ତ୍ୟାଗ ଓ ଅହିଂସାର ପ୍ରତିମୂର୍ତ୍ତି। ଅସାଧ୍ୟ କାମ ମଧ୍ୟ ସେମାନଙ୍କ ଦ୍ୱାରା ସମ୍ପାଦିତ ହେବାର ନଜିର ରହିଛି। ଦେଶର ସ୍ୱରାଜ ହାସଲ ଦିଗରେ ସେମାନଙ୍କ ଅବଦାନକୁ ଦେଶ କେବେ ଭୁଲିପାରିବ ନାହିଁ। ସେମାନେ ସହଷ୍ଣୁତାର ସହିତ ନିଜ ପରିବାର ପ୍ରତି ଯତ୍ନବାନ ହୋଇ ଏ ଦେଶ ପାଇଁ କିଛି କାମ କରି ଦେଖାଇ ଯାଇଛନ୍ତି ଯାହା ଉତ୍ତର ପିଢ଼ିକୁ ପ୍ରେରଣା ଯୋଗାଇବାରେ ସହାୟକ ହୋଇଛି। ରକ୍ଷଣଶୀଳ ପରିବାରର ଝିଅ ବୋହୂ ହୋଇ ମଧ୍ୟ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଯୋଗଦାନ ରହିଛି। ସ୍ୱାଧୀନତା ସଂଗ୍ରାମର ସେହି ବୀରାଙ୍ଗନା ମାନଙ୍କୁ ପ୍ରତିବର୍ଷ ଅଗଷ୍ଟ ପନ୍ଦର ବା ସ୍ୱାଧୀନତା ଦିବସ ଦିନ ଦେଶ ସେମାନଙ୍କୁ ଓ ସେମାନଙ୍କର ବୀରତ୍ୱ ଗାଥାକୁ ସ୍ମରଣ କରିବାକୁ ପଛାଏ ନାହିଁ।

ଆମ ଦେଶ ୧୫ ଅଗଷ୍ଟ ୧୯୪୭ ରେ ସ୍ୱାଧୀନ ହେଲା। ଦେଶ ସ୍ୱାଧୀନତାରେ ପୁରୁଷଙ୍କର ବେଶୀ ଯୋଗଦାନ ଥିବା ସମୟରେ ଭାରତର ଅନ୍ୟ ପ୍ରାନ୍ତର ମହିଳାଙ୍କ ପରି ଓଡିଶାର ମହିଳା ମାନଙ୍କର ଯୋଗଦାନ ଦେଶ ସ୍ୱାଧୀନତା ଆଣିବାରେ କିଛି କମ ନ ଥିଲା। ସେମାନଙ୍କ ମଧ୍ୟରେ ଥିଲେ ରମାଦେବୀ, ସରଳା ଦେବୀ, ମାଳତୀ ଦେବୀ, ଅନ୍ନପୂର୍ଣ୍ଣା ଦେବୀ, ଜାହ୍ନବୀଦେବୀ, କୋକିଳାଦେବୀ, କୁନ୍ତଳା କୁମାରୀ ସାବତ, ମାଳତୀ ଚୌଧୁରୀ, ରମ୍ଭାଦେବୀ, ହାରାମଣି ଦେବୀ, ଡଃ ନିରୁପମା ରଥ, ସୁଭଦ୍ରା ମହତାବ, ପାର୍ବତୀ ଗିରି ଆହୁରି ଅନେକ ମହୀୟସୀ ମହିଳା। ବ୍ରିଟିଶ ସରକାରଙ୍କ ପରାଧୀନତାର ନାଗଫାଶ ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ୧୯୨୧ ଅସହଯୋଗ ଆନ୍ଦୋଳନ ଠାରୁ ଲବଣ ସତ୍ୟାଗ୍ରହ ଓ ୧୯୪୨ଭାରତ ଛାଡ ଆନ୍ଦୋଳନ ପର୍ଯ୍ୟନ୍ତ ଯେତେସବୁ ଆନ୍ଦୋଳନ ହୋଇଥିଲା ସେସବୁ କ୍ଷେତ୍ରରେ ଓଡିଶାର ନାରୀମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସରଳା ଦେବୀ ଥିଲେ ଅନ୍ୟତମ।

ଅଗଷ୍ଟ ୯, ୧୯୦୪ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ନରିଲୋ ଗ୍ରାମରେ ତାଙ୍କର ଜନ୍ମ ପିତା ବାସୁଦେବ କାନୁନ୍‌ଗୋ ଓ ମାତା ପଦ୍ମାବତୀ ଦେବୀଙ୍କ ଔରସରୁ। ସରଳା ଦେବୀ ମାତ୍ର ଷଷ୍ଠ ଶ୍ରେଣୀ ଯାଏଁ ଶିକ୍ଷା ଗ୍ରହଣ କରିଥିଲେ କିନ୍ତୁ ତାଙ୍କର ତେଲୁଗୁ, ତାମିଲ ବଙ୍ଗଳା, ସଂସ୍କୃତ, ଇଂରାଜୀ ଓ ମରାଠୀ ଭାଷାରେ ପାଣ୍ଡିତ୍ୟ ଥିଲା। ସେ ବାଙ୍କୀର ରାଣୀ ଶୁକଦେବୀ, କୁନ୍ତଳା କୁମାରୀ ସାବତଙ୍କ ରଚନା ଦ୍ୱାରା ପ୍ରଭାବିତ ହୋଇଥିଲେ ଯାହାକି ତାଙ୍କର ନାରୀ ଜାଗରଣ ସୃଷ୍ଟି କରିବାରେ ସାହାଯ୍ୟ କରିଥିଲା। ଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ହୋଇ ୧୯୧୯ ମସିହା ଜାଲିଓ୍ୱାନାଓ୍ୱାଲାବାଗ ହତ୍ୟାକାଣ୍ଡରେ ଇଂରେଜର କ୍ରୁର ନରସଂହାର ନୀତିକୁ ବିରୋଧ କରି କଟକରେ ଗୋଟିଏ ବିଶାଳ ସମାବେଶ କରି ପ୍ରତିବାଦ ସଭାରେ ନିଜକୁ ସାମିଲ କରିଥିଲେ। ବିକ୍ଷୁବ୍ଧ ପଟୁଆରକୁ ନିଜେ ପ୍ରତିନିଧିତ୍ୱ କରି ପରିଚାଳନା କରୁଥିଲେ। ତାଙ୍କର ଅଗ୍ନିବର୍ଷଣ ଭାଷଣ ପ୍ରତିବାଦ ସଭାକୁ ଶିହରିତ କରିଥିଲା। ଆନ୍ଦୋଳନ ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ତାଙ୍କର ବିବାହ ହୁଏ ୧୩ ବର୍ଷ ବୟସରେ ୧୯୧୭ ମସିହାରେ ଜଣାଶୁଣା ଓକିଲ ଜଗତସିଂହପୁର ଚାଟରା ଗ୍ରାମର ଭାଗିରଥି ମହାପାତ୍ରଙ୍କ ସହିତ ଯାହାକି ତାଙ୍କର ମଣିକାଂଚନ ଯୋଗ ଥିଲା। ୧୫ ବର୍ଷ ବୟସରେ ସେ ପତିଙ୍କ ସହ ମିଶି ୧୯୨୦ ନାଗପୁର ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୨୧ ରେ ଗାନ୍ଧୀ ପ୍ରଥମ ଥର ପାଇଁ କଟକ ଆସି କାଠଯୋଡି କୂଳରେ ଥିବା କୁଡିଆରେ ରହୁଥିବା ସମୟରେ ସରଳା ଦେବୀ ସାଧାରଣ ଜନତା ଓ ଗାନ୍ଧୀଙ୍କ ମଧ୍ୟରେ ଯୋଗସୂତ୍ରକାରୀ ଭାବେ ନିଜର ଦାୟିତ୍ୱ ତୁଲାଉଥିଲେ। ୧୯୨୧ ମସିହାରେ ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ପ୍ରଥମ ଓଡିଆ ମହିଳା ଭାବେ ଯୋଗଦେଇ କାରାବରଣ କରିଥିଲେ ଏବଂ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଓଡିଆ ମହିଳା ପ୍ରତିନିଧି ଥିଲେ। ସେ ତିହାର ଜେଲରେ ତାଙ୍କର ପୁତ୍ର ସନ୍ତାନକୁ ଜନ୍ମ ଦେଇ ଅବିସ୍ମରଣୀୟ ହୋଇଥିଲେ। ଗାନ୍ଧୀ ଅସହଯୋଗ ଆନ୍ଦୋଳନ ସଭାରେ ବିଦେଶୀ ବର୍ଜନ, କୁସଂସ୍କାର, ଅନ୍ଧବିଶ୍ୱାସ, ନିଶାନିବାରଣ, ହରିଜନ ପ୍ରତି ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ପ୍ରଭାବିତ ହୋଇ ଉପସ୍ଥିତ ମହିଳା ମାନଙ୍କ ସହ ସରଳା ନିଜର ସ୍ୱର୍ଣ୍ଣଳଙ୍କାର ଓହ୍ଲାଇ ସ୍ୱଦେଶ ପାଣ୍ଠିକୁ ଦାନ କରିଦେଇଥିଲେଏବଂ ସେହିଦିନଠାରୁ ଗାନ୍ଧୀଙ୍କ ପରି ଖଦୀ ପିନ୍ଧି ସରଳ ଜୀବନଯାପନ କାଟିଲେ। ସେ ହେଉଛନ୍ତି ପ୍ରଥମ ମହିଳା ଯିଏ କରାଚୀ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ। ୧୯୨୪ କଟକରେ ଅନୁଷ୍ଠିତ ସ୍ୱଦେଶୀ ଆନ୍ଦୋଳନରେ ସ୍ୱାମୀଙ୍କ ସହ ଯୋଗ ଦେଇ ସେହି ବର୍ଷ କଟକରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀ ସହ ଏକ ନାରୀ ସମ୍ମିଳନୀ ଆହ୍ୱାନ କରି ବିଚ୍ଛିନ୍ନାଞ୍ଚଳ ମିଶ୍ରଣର ଆବଶ୍ୟକତା ନେଇ ବୁଝାଇଥିଲେ। ୧୯୩୦ ଲବଣ ସତ୍ୟାଗ୍ରହ ସମୟରେ ମା ରମାଦେବୀଙ୍କ ସହ ଇଞ୍ଚୁଡିକୁ ଲୁଣ ମାରିବାକୁ ଯାଇଥିଲେ। ବ୍ରହ୍ମପୁର ଠାରେ ଉଦ୍‌ଯୋଗ ମନ୍ଦିର ନାମରେ ଏକ ସଂସ୍ଥା ଗଢ଼ି ତାରି ମାଧ୍ୟମରେ ସତ୍ୟାଗ୍ରହୀ ସଂଗ୍ରହରେ ଲାଗିପଡିଲେ। ତାଙ୍କର ପ୍ରଭାବରେ ହେମଲତା ଦେବୀ ଓ ଶୋଭାବତୀ ପଣ୍ଡାଙ୍କ ପରି ନାରୀ ନେତ୍ରୀ ସାମିଲ ହେଲେ। ୧୯୩୦ରେ ଗ୍ରାମ ହୁମା ଠାରେ ଲୁଣ ମାରି ଟ୍ରେନରେ ଯାଉଥିବା ସମୟରେ ଆଇନ ଭଙ୍ଗ ଯୋଗୁଁ ପୋଲିସ ତାଙ୍କୁ ଗିରଫ କରି ଭେଲୋର ଜେଲ ପଠାଇ ଦେଇଥିଲେ। ସେଠାରେ ସେ ଛ ମାସ ବନ୍ଦୀ ଜୀବନ କଟାଇଥିଲେ। ସେ ଓଡିଶାର ପ୍ରଥମ ରାଜନୈତିକ ବନ୍ଦୀ ଥିଲେ। ସେ ୧୯୩୧ରେ ଲାହୋର ଅଖିଳ ଭାରତ କଂଗ୍ରେସ ସମ୍ମିଳନୀରେ ଯୋଗ ଦେଇ ଉଦ୍‌ବୋଧନ ଦେବା ସହ ପରବର୍ତ୍ତୀ କଂଗ୍ରେସ ସମ୍ମିଳନୀ ପୁରୀରେ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇ ଯାଇଥିବାରୁ ତାହା ଗୃହୀତ ହୋଇ ପାରି ନ ଥିଲା। ସରଳା ଦେବୀ ଏପ୍ରିଲ ୧ ତାରିଖ ୧୯୩୬ ମସିହାରେ ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୩୭ ରୁ ୧୯୪୪ ସ୍ୱତନ୍ତ୍ର ଓଡିଶା ବ୍ୟବସ୍ଥାପକ ସଭାର ପ୍ରଥମ ମହିଳା ସଦସ୍ୟା ଭାବେ ଦକ୍ଷତାର ସହିତ ଦାୟିତ୍ୱ ତୁଲାଇ ବହୁ ହିତକର ଆଇନ, ବାଲ୍ୟବିଧବା ଆଇନ ସଂଶୋଧନ, ଯୌତୁକପ୍ରଥା, ବିରୋଧ କରି ଦାସୀ ବା ପୋଇଲି ପ୍ରଥା ଉଚ୍ଛେଦ, ପଶୁ ସମ୍ପଦ ରକ୍ଷା ଆଇନରେ ପ୍ରମୁଖ ଭୂମିକା ତୁଲାଇଥିଲେ। ନାରୀ ଶିକ୍ଷା ଓ ନାରୀ କଲ୍ୟାଣ ପାଇଁ ଚେଷ୍ଟା କରିଥିଲେ। ୧୯୪୨ ଭାରତଛାଡ ଆନ୍ଦେଳନର ପୁରୋଭାଗରେ ରହି ସେ ଇଂରେଜ ସରକାର ବିରୋଧରେ ଲଢ଼ିଥିଲେ ଏବଂ ଜେଲ ଯାଇଥିଲେ। ୧୯୫୫ ଓଡିଶାର ବିଚ୍ଛିନ୍ନାଞ୍ଚଳ ଷଢ଼େଇକଳା-ଖରସୁଆଁ ମିଶ୍ରଣ ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ଆୟୋଜିତ ଆନ୍ଦୋଳନରେ ଯୋଗ ଦେଇ କାରାବରଣ କରିଥିଲେ। ଓଡିଶା ସ୍ୱତନ୍ତ୍ର ପ୍ରଦେଶ ୧୯୩୬ ରେ ହେବାପରେ ସେ ବିଧାନସଭାକୁ ପ୍ରଥମ ମହିଳା ପ୍ରାର୍ଥୀ ରୂପେ ନିର୍ବାଚିତ ହୋଇଥିଲେ। ସେ ଥିଲେ ବିଧାନସଭାର ପ୍ରଥମ ମହିଳା ବାଚସ୍ପତି।

ସେ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସାଧାରଣ ସମ୍ପାଦିକା ଭାବରେ ଇଂରେଜ ଶାସନ ବିରୁଦ୍ଧରେ ସଂଗ୍ରାମ କରି ଦେଶପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ୧୯୨୧ ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ। ୧୯୩୦ ଲବଣ ସତ୍ୟାଗ୍ରହ ବେଳେ ସେ ଥିଲେ ପ୍ରଥମ ଓଡିଆ ମହିଳା। ତାଙ୍କ ନେତୃତ୍ୱରେ ଶହ ଶହ ନାରୀ ୧୯୪୨ ମୁକ୍ତି ଆନ୍ଦୋଳନରେ ଭାଗ ନେଇଥିଲେ ଓ ଇଂରେଜ ସରକାର ଦ୍ୱାରା କାରାବରଣ କରିଥିଲେ। ନାରୀ ଜାଗରଣ, ନାରୀ କଲ୍ୟାଣ, ସାହିତ୍ୟ ସାଧନା କ୍ଷେତ୍ରରେ ତାଙ୍କର ଥିଲା ଅଗ୍ରଣୀ ଭୂମିକା। ସେ ଜମିଦାର ଘର ବୋହୂ ହୋଇ ମଧ୍ୟ ଗାଁ ଗାଁ ବୁଲି ମୁକ୍ତି ଆନ୍ଦୋଳନର ବାର୍ତ୍ତା ପ୍ରଚାର କରୁଥିଲେ। ସରଳାଦେବୀ ବାଲ୍ୟକାଳରୁ ସମାଜରେ ପ୍ରଚଳିତ ବାଲ୍ୟବିବାହ ପ୍ରଥା ଓ କୁସଂସ୍କାରକୁ ବିରୋଧ କରୁଥିଲେ। ଜାତୀୟ କଂଗ୍ରେସର ୩୫ ତମ ଅଧିବେଶନରେ ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ଆଦର୍ଶକୁ ଆପଣାଇଥିଲେ। ସମସ୍ତ ସମ୍ପତ୍ତି ଅଳକା ଆଶ୍ରମକୁ ଦାନ କରି ବିଧବା ବିବାହକୁ ପ୍ରୋତ୍ସାହନ, ଅସ୍ପୃଶ୍ୟତା ଦୂରୀକରଣ, ଚାଷୀ ଆନ୍ଦୋଳନ, ନାରୀଶିକ୍ଷା, ଦାସୀପ୍ରଥା ଉଚ୍ଛେଦ, ପଶୁ ସମ୍ପଦ ରକ୍ଷା, ନାରୀ ଶିକ୍ଷା କଲ୍ୟାଣ, ଓଡିଆ ଭାଷା କିପରି ସରକାରୀ ହେବ ସେଥିପାଇଁ ଦାବୀ କରୁଥିଲେ। ସେ ୯ ବର୍ଷ ବିଧାୟିକା ଥିଲେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ହେଲା ପରେ। ନାରୀ ସ୍ୱାଧୀନତା ଉପରେ ଗୁରୁତ୍ୱ ଦେଉଥିଲେ ସର୍ବଦା। ସଂସ୍କାର ମୂଳକ କାର୍ଯ୍ୟରେ ଓ ସ୍ୱାଧୀନତା ପରେ ରଚନାତ୍ମକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସର୍ବ ଭାରତୀୟ ମହିଳା ସମ୍ମିଳନୀ ଓ ଉତ୍କଳ ବିଶ୍ୱ ବିଦ୍ୟାଳୟର ସିନେଟ ସଭ୍ୟା ଥିଲେ। ଉତ୍କଳ ସାହିତ୍ୟ ସମାଜର ସମ୍ପାଦିକା ଓ ଉପ ସଭାପତି ବି ଥିଲେ। ଡଃ ରାଧାକ୍ରିଷ୍ଣନ ଶିକ୍ଷା କମିଶନରେ ଓଡିଶାର ଏକମାତ୍ର ମହିଳା ପ୍ରତିନିଧି ଥିଲେ। ଓଡିଆ ସାହିତ୍ୟରେ ସବୁ ବିଭାଗରେ ଲେଖନୀ ଚାଳନା କରି ସମ୍ମାନଜନକ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ତାଙ୍କର ଲେଖା ଗୁଡିକ ମଧ୍ୟରେ ରାୟ ରାମାନନ୍ଦ, ବୀରା ରମଣୀ, ବିଶ୍ୱ ବିପ୍ଳବିନୀ ଓ ସାରଳା ମହାଭାରତର ଅନେକ ନାରୀ ଚରିତ୍ର ରଚନା କରି ଯାଇଛନ୍ତି। ସ୍ୱାମୀ ଓ ପୁତ୍ରର ମୃତ୍ୟୁ ତାଙ୍କ ମନୋବଳ ଭାଙ୍ଗି ଦେଇଥିଲା। ଶେଷ ଜୀବନରେ ଶଯ୍ୟାଶାୟୀ ହୋଇ ସେ ଅକ୍ଟୋବର ୪ ତାରିଖ ୧୯୮୬ ରେ ମୃତ୍ୟୁ ବରଣ କଲେ। ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ନାରୀ ଜାଗରଣ, ନାରୀଶିକ୍ଷା, ହରିଜନ ସେବା, ରାଜନୈତିକ ଏବଂ ସମାଜ ମଙ୍ଗଳ କାର୍ଯ୍ୟରେ ତାଙ୍କର ଅବଦାନକୁ ଏ ଜାତି କାଳେ କାଳେ ନମନ କରୁଥିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଅଗଷ୍ଟ ୨୦୨୪ ସୋମବାର







**କେନ୍ଦୁଝର:** ଖୋଲାମେଲାରେ ବିଦ୍ୟୁତ୍ ସବ୍‌ଷ୍ଟେସନ୍



ନଳକୂପ ମୁହଁରୁ ଭୂଇଁର ଦୂରତା ଅଧଫୁଟ୍‌ରୁ କମ୍, ଜଳ ସଂଗ୍ରହ କରିବେ କେମିତି ?



ଆର୍‌ଟିଓ କଲୋନୀ ରାସ୍ତାର ଶୋଚନୀୟ ଅବସ୍ଥା **(ଫଟୋ: ସୁରଜିତ ନ୍ୟୁଜ୍)**

## ବଳଦେବ ହାଇସ୍କୁଲ୍‌ରେ ଶିକ୍ଷକ ଅଭାବ, ପାଠପଢା ବ୍ୟାଘାତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ଅନ୍ୟତମ ପୁରାତନ ହାଇସ୍କୁଲ ଭାବେ ପରିଚିତ ବଳଦେବ ହାଇସ୍କୁଲ ୧୯୫୯ ମସିହାରୁ ସ୍ଥାପିତ ହୋଇଥିଲେ ମଧ୍ୟ ଏବେ ସୁଦ୍ଧା ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ଶିକ୍ଷା ଅନୁଷ୍ଠାନରେ ପ୍ରାୟ ୫୦୦ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି । ପ୍ରଧାନ ଶିକ୍ଷକଙ୍କ ଅବସର ପରେ ସ୍କୁଲରେ ପ୍ରାୟ ୮ରୁ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲି ରହିଥିବାରୁ ଏତେ ସଂଖ୍ୟାରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କର ପାଠପଢାରେ ବ୍ୟାଘାତ ସୃଷ୍ଟି ହେବା ସହ ଭବିଷ୍ୟତ ଅନ୍ଧାରମୟ ହୋଇପଡିଛି । ହାଇସ୍କୁଲରେ ପ୍ରଧାନ ଶିକ୍ଷକଙ୍କ ପଦବୀ ଖାଲି ପଡିଥିବା ବେଳେ ଆହୁରି ଅନ୍ୟ ବିଭାଗର ୭ଟି ପଦବୀଖାଲି ରହିଛି । ଏଥି ସହିତ ବିଦ୍ୟାଳୟରେ କୌଣସି ସଫେଇ କର୍ମଚାରୀ ଓ ରାତ୍ର ଜଗୁଆଳୀ ନଥିବାରୁ ଅନେକ ସମସ୍ୟା ଦେଖାଦେଇଛି । ଏହି ସମସ୍ୟାକୁ ତୁରନ୍ତ ସମାଧାନ କରିବା ପାଇଁ ପୂର୍ବତନ ପୌରାଧକ୍ଷ ଧିରେନ୍ଦ୍ର କୁମାର ସାହୁ, କାଉନସିଲର ପ୍ରଦିପ୍ତ ଜେନା, ଅଧ୍ୟାପକ ଅଜୟ କୁମାର ସାମଲ ପ୍ରମୁଖ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟି ତୁରନ୍ତ ପଦବୀ ଗୁଡିକୁ ପୁରଣ କରିବା ପାଇଁ ଦାବି କରିଛନ୍ତି ।

## ନିଖୋଜ ମହିଳାଙ୍କ କଙ୍କାଳ ଜଙ୍ଗଲରୁ ଉଦ୍ଧାର

**ମୟୂରଭଞ୍ଜ, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ମେର୍ଦ୍ଦା ନିକଟସ୍ଥ ଜଙ୍ଗଲରୁ ଏକ ନର କଙ୍କାଳ ଉଦ୍ଧାର କରାଯାଇଛି । ମେର୍ଦ୍ଦା ପାଖ ଜଙ୍ଗଲରେ କିଛି ବ୍ୟକ୍ତି ଉକ୍ତ କଙ୍କାଳକୁ ଠାବ କରିବା ପରେ ବୈଶିଙ୍ଗା ପୋଲିସକୁ ସୂଚନା ପ୍ରଦାନ କରିଥିଲେ । ପରିପାର୍ଶ୍ୱିକ ସ୍ଥିତିରୁ ଉକ୍ତ କଙ୍କାଳ ଜଣେ ମହିଳାଙ୍କର ବୋଲି ଜଣାପଡିଛି । ପ୍ରାପ୍ତ ସୂଚନା ଅନୁଯାଇ ମେର୍ଦ୍ଦା ଗାଁରୁ ପ୍ରାୟ ୨୦୦ ମିଟର ଦୂର ନିକଟସ୍ଥ ଜଙ୍ଗଲ ଭିତରେ ଏକ ନରକଙ୍କାଳ ପଡ଼ିଥିବାର ସ୍ଥାନୀୟଲୋକେ ଦେଖିବାକୁ ପାଇଥିଲେ । ତେବେ ଜଙ୍ଗଲ ଭିତରେ ଏଭଳି ନର କଙ୍କାଳ ପଡ଼ିଥିବାର ଦେଖି ପ୍ରଥମେ ଲୋକ ଭୟଭୀତ ହୋଇଯାଇଥିଲେ । ପରେ ସେମାନେ ପଡ଼ିଥିବା ନରକଙ୍କାଳ ଠାରୁ ଅନତି ଦୂରରେ ଶାଢ଼ି, ଠେଙ୍ଗା ଏବଂ ମହିଳା ଚପଲ ପଡ଼ିଥିବାର ଦେଖିବାକୁ ମିଳିଛି, ଯେଉଁଥି ପାଇଁ ଏହା ଜଣେ ମହିଳାଙ୍କ କଙ୍କାଳ ହୋଇଥିବାର ଅନୁମାନ କରାଯାଉଛି । ତେବେ ପାଖରେ ପଡ଼ିଥିବା ଅନୁସଙ୍ଗିକ ସାମଗ୍ରୀ ଓ ଶାଢ଼ିରୁ ସମ୍ପୃକ୍ତ କଙ୍କାଳଟି ଗ୍ରାମର ସ୍ୱର୍ଗତ ବୀର ସିଂର ସ୍ତ୍ରୀ ଫୁଲମଣି ସିଂର ବୋଲି ସ୍ଥାନୀୟ ଲୋକ ସନ୍ଦେହ କରୁଛନ୍ତି । ଫୁଲମଣୀର ପରିବାରଲୋକଙ୍କ କହିବା ମୁତାବକ ଗାଁକୁ କିଛି ଦିନ ପୂର୍ବରୁ ବଣୁଆହାତୀ ପଶିଆସିଥିବା ବେଳେ ହାତୀ ଭୟରେ ସମସ୍ତେ ଜୀବନ ବଞ୍ଚାଇ ଗାଁ ବାହାରକୁ ପଳାଇ ଯାଇଥିଲେ । ହେଲେ ସମସ୍ତେ ଗାଁକୁ ଫେରି ଆସିଥିବାବେଳେ ଫୁଲମଣି ସେଇଦିନରୁ ନିଖୋଜ ଥିବାନେଇ ଫୁଲମଣୀର ମାପୁଅ ସୂଚନା ଦେଇଛନ୍ତି । ତେବେ ପ୍ରକୃତରେ ଏହା ଫୁଲମଣିଙ୍କର କଙ୍କାଳ ନା ଆଉ କାହାର ଏବଂ ଯଦି ଏହା ଫୁଲମଣିଙ୍କର ମୃତ କଙ୍କାଳ ତାହେଲେ ବଣୁଆହାତୀ ଆକ୍ରମଣରେ ନା ମୃତ୍ୟୁର କାରଣ ଆଉ କିଛି ତାହା ଏବେବି ପ୍ରଶ୍ନବାଚୀ । ଅନ୍ୟପଟେ ଠାବ ହୋଇଥିବା କଙ୍କାଳ ଉକ୍ତ ମହିଳାଙ୍କର ନା ଆଉ କାହାର ତଥା ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ନା ମୃତ୍ୟୁର କାରଣ ଅନ୍ୟ କିଛି ତାହାର ସଠିକ୍ ସୂଚନା କେବଳ ଶବ ବ୍ୟବଚ୍ଛେଦ ପରେ ହିଁ ମିଳିବ ବୋଲି ପୋଲିସ କହିଛି ।

# ହଂସପାଳ ଫ୍ଲାଏଓଭରବ୍ରିଜ୍: ସପ୍ତାହକରେ ଉଠିଗଲା ପିଚୁ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ୪୮ ମାସର ପ୍ରତୀକ୍ଷା ପରେ ହଂସପାଳ ଫ୍ଲାଏ ଓଭରବ୍ରିଜ୍ ଗୋଟିଏ ପାଖ ଖୋଲାଗଲା ହେଲେ ଆଶ୍ଚର୍ଯ୍ୟର କଥା ସପ୍ତାହ ଭିତରେ ନୂଆ କରି କରାଯାଇଥିବା ରାସ୍ତାରୁ ପିଚୁ ଉଠିଗଲା । କେବଳ ଯେ ପିଚୁ ଉଠିଛି ତାହା ନୁହେଁ, ଗଡ଼ାଣି ସ୍ଥାନରେ ସମ୍ପୂର୍ଣ୍ଣ ରାସ୍ତା ନଷ୍ଟ ହୋଇଯାଇଛି । ଫଳରେ ଉଚ୍ଚରୁ ତଳକୁ ଗଡୁଥିବା ଗାଡ଼ିଗୁଡ଼ିକ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି । ୨୦୨୦ ଅଗଷ୍ଟ ୮ରେ ହଂସପାଳ ଫ୍ଲାଏଓଭରବ୍ରିଜ୍‌ର ଶିଳାନ୍ୟାସ କରାଯାଇଥିଲା । ୨୪ କୋଟି ୬ ଲକ୍ଷ ଟଙ୍କା ବ୍ୟୟରେ ୫୫୮ ମିଟର ଲମ୍ବା ଓ ୬ ଲେନ୍ ବିଶିଷ୍ଟ ଏହି ଫ୍ଲାଏଓଭର୍ ୧୮ ମାସରେ ଶେଷହେବ ବୋଲି ଘୋଷଣା କରାଗଲା । ଟେଣ୍ଡର୍ ପାଇଥିବା



ବ୍ରିଜେଶ ଅଗ୍ରୱାଲ ୪ ବର୍ଷ ବିତି ଯାଇଥିଲେ ହେଁ କାମ ଶେଷ କରି ପାରିଲେନାହିଁ । ଫଳରେ ଗତ ଜୁନ୍ ମାସରେ ବ୍ରିଜେଶ ଅଗ୍ରୱାଲ୍ ଟେଣ୍ଡର ବାତିଲ କରି ବାକିଥିବା କାମ କରିବାକୁ ଓଡ଼ିଶାର ଠିକାସଂସ୍ଥା ଅଭୀପ୍ସା କନ୍‌ଷ୍ଟ୍ରକ୍‌ସନ୍‌କୁ ଦାୟିତ୍ୱ ଦେଇଥିଲା । ଏନ୍‌ଏଚ୍‌ଏଆଇ ଜୁଲାଇ ମାସ ଶେଷସୁଦ୍ଧା କାମ ସରିବ ବୋଲି କୁହାଯାଇଥିଲେ ହେଁ ଅଗଷ୍ଟ ପହିଲାରେ ମାତ୍ର ଗୋଟିଏ ଫାଳ ରାସ୍ତା ଖୋଲିଲା ହେଲେ ତରବରିଆ ଭାବେ କେମିତି କାମ ହେଉଛି, ତାହା ଏବେ ପ୍ରମାଣିତ ହୋଇଛି । ଅଗଷ୍ଟ ୨ରେ ରାସ୍ତାରେ ଗାଡ଼ି ଯିବା ଆସିବା କରିଥିଲା ହେଲେ ମାତ୍ର ୬ଦିନ ଭିତରେ ରାସ୍ତାର ଅଧିକାଂଶ ସ୍ଥାନରୁ ପିଚୁ ଉଠିଗଲା । ଯାଜପୁରରୁ ଗଞ୍ଜାମ ଯାଉଥିବା ବେଳେ ଦୁର୍ଘଟଣାର ସାମ୍ନା କରିଥିଲା ଏକ ମାଲ୍‌ବାହୀ ଗାଡ଼ି । ଗାଡ଼ି ଚାଳକ ସରୋଜ ସାମଲଙ୍କ କହିବା କଥା, ଓଭରବ୍ରିଜ୍ ଉପରୁ ତଳକୁ ଠିକ୍ ଭାବେ ସ୍ଲୋପିଂ କରାଯାଇନାହିଁ । ହଠାତ୍ ଗାଡ଼ି ଉଚ୍ଚରୁ ପୁରା ତଳକୁ ଗଡୁଛି ଆଉ ତଳରାସ୍ତା ପିଚୁ ଉଠି ଖରାପ ହୋଇଯିବାରୁ ଭାରସାମ୍ୟ ହରାଇ ଗାଡ଼ି ଡାହାଣ ପାଖକୁ ମାଡ଼ିଗଲା ତେବେ ସୌଭାଗ୍ୟବଶତଃ ଗାଡ଼ି ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ବଡ଼ ଦୁର୍ଘଟଣାରୁ ବର୍ତ୍ତିଗଲା । ଏ ତ୍ରୁଟି ନସୁଧାରିଲେ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି ବୋଲି ମତପ୍ରକାଶ ପାଇଛି । ତେଣୁ ତୁରନ୍ତ ଠିକ୍ ଭାବେ ରାସ୍ତା ସ୍ଲୋପିଂ ଓ ମରାମତି କରିବାକୁ ଦାବି ହୋଇଛି ।

## କେନ୍ଦୁଝରରେ ଗଡ଼ିଲା କୌଶଳ ରଥ

**କେନ୍ଦୁଝର, ନ୍ୟୁଜ୍**

ଛାତ୍ରଛାତ୍ରୀଙ୍କୁ ନୂତନ ବୈଷୟିକ ଓ କୌଶଳଭିତ୍ତିକ ଶିକ୍ଷା ବାବଦରେ ସଚେତନ କରିବା ଲକ୍ଷ୍ୟ ନେଇ ଜିଲ୍ଲାବ୍ୟାପୀ 'କୌଶଳ ରଥ' ଗଡ଼ିବା ଆରମ୍ଭ କରିଛି । କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ କେନ୍ଦୁଝର ସାଂସଦ ଅନନ୍ତ ନାୟକ ସବୁଜ ପତାକା ଦେଖାଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲାପାଳ ଶାଲ ସିଂହ, ଜିଲ୍ଲା ପରିଷଦର ଅଧକ୍ଷା ସାଗରିକା ସାହୁ, ବନଖଣ୍ଡ ଅଧିକାରୀ ଏଚଡ଼ି ଧନରାଜ, ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଗଣେଶ୍ୱର ନାୟକ ଓ ଅନ୍ୟ ଅଧିକାରୀ ସୁଧା ଓରାମ ଶୋଭନ ନାୟକ, ବିଜୟାଲକ୍ଷ୍ମୀ ନାୟକ, ବିଶାଲ ଜୈସୱାଲ ଏବଂ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ସାଥୀ ଅଭିଷେକ ଚକ୍ର ଓ ମୁସ୍କାନ ଚେଲାନି ଉପସ୍ଥିତ ଥିଲେ । ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ଏହି ରଥ ଆଗାମୀ ୪ଦିନ ଧରି ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ବିଦ୍ୟାଳୟ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବ । ପ୍ରଥମ ଦିନରେ ଏହା ଓଏସଏମଇ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଡ଼ିଏନ ହାଇସ୍କୁଲ, ଏକଲବ୍ୟ ହାଇସ୍କୁଲ ଓ ନରଣପୁର ହାଇସ୍କୁଲ ଗସ୍ତ କରି ସେହିସବୁ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲା । ସୂଚନାଯୋଗ୍ୟ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଏହା ଚମ୍ପୁଆ ଓ ବଡ଼ବିଲ ଗସ୍ତ କରିବ ।

## ବସୁନ୍ଧରା ଯୋଜନାରେ ଗରିବ ବୃଦ୍ଧାଙ୍କୁ ଜମି ପଟ୍ଟା ପ୍ରଦାନ

**ବିଷମ କଟକ, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ହାଜାରିଡାଙ୍ଗ ପଞ୍ଚାୟତର ପଥର ଗଡ଼ ଗ୍ରାମର ସନାଇ ହିକକାଙ୍କୁ ବସୁନ୍ଧରା ଯୋଜନାରେ ବିଷମକଟକ ତହସିଲଦାର କେ. ଭେଙ୍କଟଶ୍ୱର ରେଡି ଜମି ପଟ୍ଟା ପ୍ରଦାନ କରିଛନ୍ତି । ସନାଇ ହିକକା ଅତ୍ୟନ୍ତ ଗରିବ ଶ୍ରେଣୀର ବୃଦ୍ଧା ହୋଇଥିବାର ଖବର ତହସିଲଦାରଙ୍କ ପାଖରେ ରହିଥିଲା । ତେଣୁ ତାଙ୍କୁ ବସୁନ୍ଧରା ଯୋଜନାରେ ବିଷମକଟକ ତହସିଲଦାର କେ. ଭେଙ୍କଟଶ୍ୱର ରେଡି ଜମି ପଟ୍ଟା ପ୍ରଦାନ କରିଛନ୍ତି । ତହସିଲଦାରଙ୍କ ଏପରି କାର୍ଯ୍ୟ ପାଇଁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।



## ବାଙ୍ଗଲାଦେଶରେ ହିନ୍ଦୁଙ୍କ ସୁରକ୍ଷା ନେଇ ଦାବିପତ୍ର ପ୍ରଦାନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ବାଙ୍ଗଲାଦେଶରେ ହିନ୍ଦୁଙ୍କ ସୁରକ୍ଷା ଦାବିରେ ବୌଦ୍ଧ ଜିଲ୍ଲା ବଜରଙ୍ଗ ଦଳ ଦଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବାଙ୍ଗଲାଦେଶ ଗୃହଯୁଦ୍ଧରେ ହିନ୍ଦୁଙ୍କ ଉପରେ ହେଉଥିବା ଉତ୍ପୀଡନକୁ ତୁରନ୍ତ ବନ୍ଦ କରାଯିବା, ଯେଉଁଭଳି ଭାବରେ ହେଉ ହିନ୍ଦୁଙ୍କ ଉପରେ ଆକ୍ରମଣ ବନ୍ଦ କରାଇବା ଓ ମୌଳବାଦୀ ମାନେ ଭାରତକୁ ପଶି ଆସି ହିଂସା ସୃଷ୍ଟି କରିବା ସମ୍ଭାବନା ଥିବାରୁ ଆବଶ୍ୟକ ପଦକ୍ଷେପ ନେବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି । ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦର ସମ୍ପାଦକ ପ୍ରେମାନନ୍ଦ ମିଶ୍ର, ବଜରଙ୍ଗ ଦଳର ସଂଯୋଜକ ସୀବ ସାହୁ, ସହ ସଂଯୋଜକ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## 'ବିନା ହେଲ୍‌ମେଟ୍‌ରେ ବାଇକ୍ ଚାଳନା:ଦୁର୍ଘଟଣା ପାଇଁ ଦାୟୀ କିଏ ?'

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ପେଟ୍ରୋଲ୍ ଡିଜେଲ୍ ଦର ବୃଦ୍ଧି ଯୋଗୁ ହେଉ କି ଖର୍ଚ୍ଚ କମାଇବା ପାଇଁ ହେଉ ଅଥବା ପ୍ରଦୂଷଣ ମାତ୍ରା ପାଇଁ ଚିନ୍ତାପ୍ରକଟ କରି ଅନେକ ଲୋକ ଏବେ ବ୍ୟାଟେରୀ ଚଳିତ ଗାଡି ବ୍ୟବହାର କରୁଛନ୍ତି । ରାସ୍ତାରେ ଏବେ ବ୍ୟାଟେରୀ ଚାଳିତ ଇଲେକ୍ଟ୍ରି ଗାଡି ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସାରା ରାଜ୍ୟରେ ପରିବହନ ବିଭାଗ ତରଫରୁ ଚେକିଙ୍ଗ କରାଯାଇ ନାବାଳକ ଗାଡି ଚାଳକ ମାନଙ୍କୁ ଧରି ଫାଇନ୍ ଆଦାୟ କରାଯାଉଛି । ଧର୍ମକୁ ଆଖିଠାର ଭଳି ଅଳ୍ପ କିଛିଙ୍କୁ ଧରି ଦେଇ ବିଭାଗ ବାଃ ବାଃ ସାଉଣ୍ଟି ଖୁସି ହେଉଛି । ସେପଟେ ଦିନକୁ ଦିନ ଦୁର୍ଘଟଣାର ମାତ୍ରାରେ ଅହେତୁକ ବୃଦ୍ଧି ଘଟୁଛି । ରାସ୍ତାରେ ହଜାର ହଜାର ନାବାଳକ ବ୍ୟାଟେରୀ ଚାଳିତ ଗାଡି ବିନା ହେଲ୍‌ମେଟ୍‌ରେ ଯାଉଥିବା ଦେଖିବାକୁ ମିଳୁଛି । ଏପରିକି ସେମାନଙ୍କର ଗାଡ଼ିରେ ଦୁଇଜଣରୁ ଅଧିକ ମଧ୍ୟ ଯିବାଆସିବା କରୁଛନ୍ତି । ଏଥିପ୍ରତି ଯେମିତି କେନ୍ଦୁଝର ପରିବହନ ବିଭାଗ ନିଦାବିଷ୍ଟୁ ପାଲଟି ଚୁପ୍ ବସିଛି । ଏ ବିଷୟରେ କେନ୍ଦୁଝର ପରିବହନ ଅଧିକାରୀ ଚେକିଙ୍ଗ ଚାଲିଛି ଓ ଫାଇନ୍ କଟାଯାଉଛି କହି କଥାକୁ ଆଡେଇ ଯାଇଛନ୍ତି । କେବଳ ଯେ ଇଲେକ୍ଟ୍ରି ଗାଡ଼ି ତାହା ନୁହେଁ, ଅନେକ ନାବାଳକ ବାଇକ୍ ଧରି ଦୁଇଜଣରୁ ଅଧିକ ବସି ଗୋନାସିକା କଲେଜ, ସିଟିଜି କଲେଜ, ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଜାଭିୟର ସ୍କୁଲ, ଗାୟତ୍ରୀ କଲେଜକୁ କାଳେ କେଉଁଠି ଗାଡି ଚେକିଙ୍ଗ ହେଉଥିବା ଭୟରେ ଖୁବ୍ ଦ୍ରୁତ ଗତିରେ ସ୍କୁଲ୍‌କୁ ଶିଘ୍ର ପହଞ୍ଚିବା ପାଇଁ ଯାଉଛନ୍ତି । ସ୍କୁଲ୍ ରାସ୍ତାରେ ଲଗାତାର ଚେକିଙ୍ଗ କରିଲେ ସିନା ଏପରି ନାବାଳକ ଗାଡି ଚାଳକ ଗାଡି ଚଳାଇବାକୁ ଡରିବେ, ନହେଲେ ଏ ଚେକିଙ୍ଗର କିଛି ମୂଲ୍ୟ ନାହିଁ ବୋଲି କହିଛନ୍ତି କେନ୍ଦୁଝରର ବରିଷ୍ଠ ନାଗରିକ । ନାବାଳକ ଗାଡି ଚଳାଇବା ବେଳେ ଯଦି ଦୁର୍ଘଟଣାରେ ମୃତ୍ୟୁ ହୁଏ ସେଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ କରିଛନ୍ତି ବୁଦ୍ଧିଜୀବୀ ।

## କର୍ମଜୀବୀ ମହିଳାଙ୍କ ପାଇଁ ଋତୁସ୍ରାବ ଜନିତ ଛୁଟି ଘୋଷଣା

**କଟକ, ନ୍ୟୁଜ୍ ବ୍ୟୁରୋ**

ମୋହନ ମାଝୀ ସରକାରଙ୍କ ନେତୃତ୍ୱରେ ଓଡ଼ିଶାରେ ପ୍ରଥମ ଥର ପାଇଁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ସରକାର କର୍ମଜୀବୀ ମହିଳାଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଋତୁସ୍ରାବ ଜନିତ ଛୁଟି ନେଇ ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି । ରାଜ୍ୟ ସରକାର କର୍ମଜୀବୀ ମହିଳାଙ୍କ ସ୍ୱାର୍ଥ ପାଇଁ ଏକ ଭଲ ନିଷ୍ପତ୍ତି ନେଇଛନ୍ତି ବୋଲି ଚାରିଆଡ଼େ ଚର୍ଚ୍ଚା ହେଉଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ୭୮ତମ ସ୍ୱାଧୀନତା ଦିବସରେ କଟକରେ ଜାତୀୟ ପତାକା ଉତ୍ତୋଳନ କରିବା ଅବସରରେ ଋତୁସ୍ରାବ ପାଇଁ ଦିନେ ଛୁଟି ଘୋଷଣା କରିଥିଲେ । ଶ୍ରୀମତୀ ପରିଡ଼ାଙ୍କ ଘୋଷଣା ଅନୁଯାୟୀ ଏଣିକି ଋତୁସ୍ରାବ ପାଇଁ ଉଭୟ ସରକାରୀ ଓ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ମହିଳାଙ୍କୁ ଗୋଟିଏ ଦିନ ଛୁଟି ମିଳିବ । ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା ହୋଇଥିବା ଏହି ନିୟମ ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ କାର୍ଯ୍ୟାଳୟ ପାଇଁ ଲାଗୁ ହେବ । ରାଜ୍ୟ ସରକାର ଖୁବ୍‌ଶୀଘ୍ର ଋତୁସ୍ରାବ ସ୍ୱାସ୍ଥ୍ୟ ନୀତି ଆଣିବାକୁ ଯାଉଛନ୍ତି । ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରଥମ ୧୦୦ ଦିନିଆ କାର୍ଯ୍ୟ ଭିତରେ ଏପରି ଏକ ବଡ଼ ନିଷ୍ପତ୍ତି ନିଆଯାଇଛି । ଋତୁସ୍ରାବ ସମୟରେ ଛୁଟି ଦେବା ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲା । ଏହା ଏବେ କାର୍ଯ୍ୟକାରୀ ହେବାକୁ ଯାଉଛି । ମହିଳାମାନେ ଋତୁସ୍ରାବ ଦିନ କିମ୍ବା ତା'ପର ଦିନ ଏହି ଛୁଟି ପାଇପାରିବେ ।

# ପୋଡୁଚାଷ ଉଜାଡୁଛି ପରିବେଶ: ପ୍ରତିବର୍ଷ ଲକ୍ଷେ ଗଛ ଲଗାଇବାକୁ ତାରାଙ୍କ ଶପଥ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟର ଜଳବାୟୁ ପାଇଁ ବିପଦ ଆଣୁଛି ପୋଡୁଚାଷ ଅଙ୍ଗାର ବିକ୍ରି ସହ ଜଙ୍ଗଲ ଜମି ପଟ୍ଟା ହାତେଇବାକୁ କଟା ଚାଲିଛି ଜଙ୍ଗଲ । ବାହାରକୁ ସବୁଜ ବନାନୀ ଦେଖାଯାଉଥିବାବେଳେ ଭିତରୁ ଜଙ୍ଗଲ ପଦା ହୋଇଗଲାଣି । ଅନିୟମିତ ବର୍ଷା, ତାପମାତ୍ରା ବୃଦ୍ଧି, ଭୂତଳ ଜଳସ୍ତର ହ୍ରାସ ଏହାର ଗୋଟିଏ ଗୋଟିଏ ପ୍ରମାଣ । ଜୟପୁର ନିର୍ବାଚନ ମଣ୍ଡଳୀର ବାୟାଗୁଡ଼ା ଗ୍ରାମରେ ସମ୍ବାଦ ଗ୍ରୁପ୍ ପକ୍ଷରୁ ଅନୁଷ୍ଠିତ ପରିବେଶ ପଞ୍ଚାୟତ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ମତ ରଖିଛନ୍ତି ଅତିଥି ଓ ପରିବେଶବିତ୍‌ମାନେ ସର୍ବିଏ ଜଙ୍ଗଲ ହ୍ରାସ, ମୃତ୍ତିକା କ୍ଷୟ, ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାରକୁ ନେଇ ଚିନ୍ତା ପ୍ରକାଟ କରିଛନ୍ତି । ଆଲୋଚନା, ସଚେତନତା ବଦଳରେ ନିଜ ସ୍ତରରୁ ପରିବେଶ ସୁରକ୍ଷା ଆରମ୍ଭ କରିବାକୁ ମତ ପ୍ରକାଶ ପାଇଥିଲା । ମୁଖ୍ୟଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ କହିଲେ, ପରିବେଶର ସୁରକ୍ଷା ପାଇଁ ଚର୍ଚ୍ଚା ଅଧିକା ହେଉଛି କିନ୍ତୁ ପଦକ୍ଷେପ ଶୂନ୍ । ଗଛ କଟା ଅଧିକା ହେଉଥିବା ବେଳେ ସେହି ପରିମାଣର ଲାଗିପାରୁନି । ନିଜେ ଗଛ ଲଗାଇ ତାହାର ରକ୍ଷଣାବେକ୍ଷଣ କରିବା ଦିଗରେ ସମସ୍ତେ ଦାୟିତ୍ୱବାନ ହୁଅନ୍ତୁ । ଔଷଧୀୟ ବୃକ୍ଷରୋପଣ ସହ ଫଳନ୍ତି ଗଛ ଲଗାଇଲେ ଆଗାମୀ ପିଢ଼ି ଉପକୃତ ହେବେ । ପୂର୍ବରୁ କୋରାପୁଟରେ ଯେଉଁ ପରିମାଣର ଜଙ୍ଗଲ ଥିଲା ଏବେ ଆଉ ନାହିଁ । ବନ ବିଭାଗ ମାଫିଆଙ୍କ ପ୍ରତି କୋହଳ ମନୋଭାବ ରଖୁଥିବାରୁ ଜଙ୍ଗଲ



ହ୍ରାସ ହେଉଛି । ପ୍ରତିଦିନ ସହରକୁ ଶହ ଶହ ବସ୍ତା ଅଙ୍ଗାର ବିକ୍ରି ପାଇଁ ଆସୁଛି । ବନ ବିଭାଗ ଜାଣିଶୁଣି ପଦକ୍ଷେପ ନେଉନାହିଁ । ପରିବେଶ ସୁରକ୍ଷା ପାଇଁ ଏଣିକି ପ୍ରତିବର୍ଷ ୧ ଲକ୍ଷ ଗଛ ଲଗାଇବା ସହ ଏହା ବାବଦକୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ ବୋଲି ବିଧାୟକ ଶପଥ ନେଇଥିଲେ । ଜୟପୁର ଭାରପ୍ରାପ୍ତ ରେଞ୍ଜର ସଚ୍ଚିଦାନନ୍ଦ ପରିଡ଼ା କହିଲେ, ଜଙ୍ଗଲ ନଷ୍ଟ ପାଇଁ କେବଳ ବନ ବିଭାଗ ଦାୟୀ ନୁହେଁ । ଜନସାଧାରଣଙ୍କ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମାଫିଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେଲେ ୧୯୭୨ ମସିହାର ଆଇନ୍‌ରେ ପରିବର୍ତ୍ତନ ହେବା ଦରକାର । ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ସୁଧାକର ପଟ୍ଟନାୟକ କହିଥିଲେ, ଜଙ୍ଗଲ ହ୍ରାସକୁ ରୋକିବା ସହିତ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର କମାଇବା ଆବଶ୍ୟକ ଏମ୍‌ଏସ ସ୍ୱାମୀନାଥନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଶାନ୍ତ ପରିଡ଼ା ନିଜ ବାଡ଼ିରୁ ପରିବେଶ ସୁରକ୍ଷାର ବାର୍ତ୍ତା ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ । ଜୟପୁର ସହରରେ ତ୍ରୁଟିପୂର୍ଣ୍ଣ ଟାଉନ୍ ପ୍ଲାନିଂ ବ୍ୟବସ୍ଥା ଯୋଗୁଁ ସାହି ଏବଂ ଘର ଆଗରେ ଗଛ ଲଗାଇବାକୁ ଜାଗା ଖଣ୍ଡିଏ ନାହିଁ ବୋଲି ଶ୍ରୀ ପରିଡ଼ା କହିଥିଲେ । ଯେଉଁ ପର୍ଯ୍ୟନ୍ତ ଜଙ୍ଗଲକୁ ନିଜର ମା' ବୋଲି ଲୋକେ ଭାବିବେ ନାହିଁ ସେ ପର୍ଯ୍ୟନ୍ତ ସୁରକ୍ଷା ଦେବା ମୁସ୍କିଲ୍ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା ।

## ରେଳ ଷ୍ଟେସନ୍‌ରେ ରୋଜଗାର ହରାଉଛନ୍ତି କୁଲି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ରେଳ ଷ୍ଟେସନ୍‌ରେ ଆଧୁନିକ ପରିବହନ ସାମଗ୍ରୀ ଓ ବ୍ୟବସ୍ଥା ଯୋଗୁଁ କୁଲିଙ୍କ ବେଉସା ପ୍ରଭାବିତ ହୋଇଛି । ଏକଦା ପ୍ଲାଟ୍‌ଫର୍ମରେ ସାମଗ୍ରୀ ବୋହି ପରିବାର ପ୍ରତିପୋଷଣ କରୁଥିବା ଏହି କୁଲିମାନେ ଦିନକୁ ଶହେ ଟଙ୍କା ରୋଜଗାର କରିବା ମଧ୍ୟ କାଠିକର ପାଠ ହୋଇପଡ଼ିଛି । ଫଳରେ ଦିନକୁ ଦିନ କୁଲିଙ୍କ ସଂଖ୍ୟା କମି ଆସୁଥିବା ବେଳେ ଅନେକ ବେଉସା ବଦଳାଇବାରେ ଲାଗିଛନ୍ତି । ଭୁବନେଶ୍ୱର ରେଳ ଷ୍ଟେସନ୍‌ରେ ଏବେ ୮୦ ଜଣ ଲାଇସେନ୍ସପ୍ରାପ୍ତ କୁଲି କାର୍ଯ୍ୟରତ ଅଛନ୍ତି । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଯାତ୍ରୀମାନଙ୍କୁ ସେବା ଯୋଗାଇବାକୁ ଦିନ ତମାମ ଅପେକ୍ଷା କରିଥାନ୍ତି । ପୂର୍ବରୁ ରେଳ ଷ୍ଟେସନ୍‌ଗୁଡ଼ିକରେ କୁଲି ମିଳୁ ନଥିଲେ ଏବଂ ରେଳବାଇ ପକ୍ଷରୁ କୁଲିମାନଙ୍କୁ ଆର୍ଥିକ ସହାୟତା ଦିଆଯାଉଥିଲା । କୁଲିମାନେ ଷ୍ଟେସନ୍‌ଗୁଡ଼ିକରେ ପାର୍ସଲ କାମ, ଜିନିଷ ପରିବହନ ଇତ୍ୟାଦି କାର୍ଯ୍ୟ କରୁଥିଲେ ଏବଂ ସେମାନଙ୍କୁ ମାସିକ ୪୦୦ ଟଙ୍କା ରେଳବାଇ ବେତନ ଆକାରରେ ପ୍ରଦାନ କରୁଥିଲା । ଏହା ସହ କୁଲିମାନେ ଯାତ୍ରୀମାନଙ୍କ ଜିନିଷ ନେବା ଆଣିବା କରି ଦୁଇ ପଇସା ରୋଜଗାର କରି ପରିବାର ଚଳାଉଥିଲେ । କିନ୍ତୁ ଲୋକେ ଦିନକୁ ଦିନ ପରିବହନ ସାମଗ୍ରୀ ଯଥା ଟ୍ରଲି ବ୍ୟାଗ୍ ବ୍ୟବହାର ସାଙ୍ଗକୁ ଷ୍ଟେସନ୍‌ରେ ଲିଫ୍ଟ, ଏସ୍କାଲେଟର ଯୋଗୁଁ କୁଲିଙ୍କର ଆବଶ୍ୟକ ପଡ଼ିଲାନାହିଁ । ସେହିଭଳି ଏବେ ଷ୍ଟେସନ୍‌ଗୁଡ଼ିକରେ ବ୍ୟାଟେରୀଚାଳିତ ଗାଡ଼ିଗୁଡ଼ିକ ଚାଲୁଛି । ଏହି ଗାଡ଼ିଗୁଡ଼ିକରେ ବୟସ୍କ ଓ ଗର୍ଭବତୀ ମହିଳାମାନଙ୍କୁ ନେବା ଆଣିବା ବ୍ୟବସ୍ଥା ରହିଥିବା ସମୟରେ ଏଥିରେ ଯାତ୍ରୀମାନଙ୍କର ଜିନିଷପତ୍ର ନେବା ଆଣିବା ହେଉଛି । ଫଳରେ ଏବେ କୁଲିମାନଙ୍କ ଆବଶ୍ୟକତା କମିଯାଉଛି । ଯେଉଁଥିପାଇଁ ଜଣେ କୁଲି ଦିନକୁ ୧୦୦ ଟଙ୍କା ରୋଜଗାର କରିବା କାଠିକର ପାଠ ହୋଇପଡ଼ିଛି । ଅପରପକ୍ଷେ ରେଳବାଇ କର୍ତ୍ତୃପକ୍ଷ କୁଲିଙ୍କ ପାଇଁ ସେଭଳି ବ୍ୟବସ୍ଥା ମଧ୍ୟ କରୁନାହାନ୍ତି । ବର୍ତ୍ତମାନ ସମୟରେ କୁଲିମାନେ ଷ୍ଟେସନ୍‌ରେ ଛିଡ଼ା ହେବାର ଅଧିକାର ପାଇବା ଛଡ଼ା ଅନ୍ୟ କୌଣସି ସୁବିଧା ପାଇପାରୁନାହାନ୍ତି ବୋଲି ପୂର୍ବତଟ ରେଳବାଇ ପୋର୍ଟର୍ସ ୟୁନିୟନ ପକ୍ଷରୁ କୁହାଯାଉଛି । ୟୁନିୟନ ପକ୍ଷରୁ କୁହାଯାଇଛି ଯେ, ଷ୍ଟେସନ୍‌ଗୁଡ଼ିକରେ କୁଲିମାନଙ୍କ ପାଇଁ ଗୋଟିଏ ବିଶ୍ରାମ ଗୃହ ରହିବା କଥା । କିନ୍ତୁ ସେହି ବ୍ୟବସ୍ଥା ରହିନାହିଁ । ଅପରପକ୍ଷେ ଷ୍ଟେସନ୍‌ଗୁଡ଼ିକରେ କାର୍ଯ୍ୟରତ ଉଚ୍ଚ ଶିକ୍ଷିତ କୁଲିମାନଙ୍କୁ ରେଳବାଇ ପକ୍ଷରୁ ଷ୍ଟେସନ୍‌ରେ ପୂର୍ବପରି ପାର୍ସଲ ଏବଂ ଜିନିଷ ବୋଝେଇ ଓ ଖଲାସୀ କାର୍ଯ୍ୟ ଦେଲେ ସେମାନଙ୍କର ପରିବାର ପୋଷିପାରନ୍ତେ ବୋଲି ପୂର୍ବତଟ ରେଳବାଇର ପୋର୍ଟର୍ସ (କୁଲି) ୟୁନିୟନ୍ କାର୍ଯ୍ୟକାରୀ ସଭାପତି ସୁର ଜେନା କହିଛନ୍ତି ।

## ବନ୍ୟଜନ୍ତୁଜନିତ ଫସଲ ନଷ୍ଟରେ ଅନୁଗୁଳ ରାଜ୍ୟରେ ପ୍ରଥମ

**ଅନୁଗୁଳ, ନ୍ୟୁଜ୍ ବ୍ୟୁରୋ**

ଚାଷୀଙ୍କ ଚିନ୍ତା ବଢ଼ାଉଛନ୍ତି ବନ୍ୟଜନ୍ତୁ । ବିଶେଷ କରି ହାତୀ ଓ ସମ୍ବର ପାଇଁ ଚାଷ ଉଜୁଡୁଛି । ଭାଲୁ ବି କିଛି କମ୍ ହଇରାଣ କରୁନାହାନ୍ତି । ଅନୁଗୁଳ ବନଖଣ୍ଡରେ ଚାଷ ଜମି ହ୍ରାସ ପାଇ ଆସୁଥିଲା ବେଳେ ଫସଲ ନଷ୍ଟ ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ ହେଉଛି । କେତେ କଷ୍ଟରେ ଧାରକରଜ କରି ଚାଷୀ ବିଲ ସଜାଡ଼ିଲା ବେଳକୁ ଜଙ୍ଗଲୀ ଜନ୍ତୁ ତାକୁ ଖାଇ ନଷ୍ଟ କରୁଛନ୍ତି । ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ବନ୍ୟଜନ୍ତୁଜନିତ ଫସଲହାନିରେ ଅନୁଗୁଳ ବନଖଣ୍ଡ ସମଗ୍ର ରାଜ୍ୟରେ ପ୍ରଥମରେ ରହିଛି । ଏ ବାବଦରେ ରାଜ୍ୟ ସରକାର କୋଟି କୋଟି ଟଙ୍କା କ୍ଷତିପୂରଣ ଆକାରରେ ଦଣ୍ଡ ଗଣିଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷରେ ଅନୁଗୁଳ ବନଖଣ୍ଡରେ ବନ୍ୟଜନ୍ତୁଙ୍କ ଦ୍ୱାରା ମୋଟ ୨୮୪୫ ଏକର ଫସଲ ନଷ୍ଟ ହୋଇଛି । ଯେଉଁଥିରେ ୬୨୩,୩୪ ଏକର ଅର୍ଥକରା ଫସଲ ଓ ୨୨୨୧.୯୬ ଏକର ଧାନ, ମାଣ୍ଡିଆ, ମକା ଆଦି ଅନ୍ୟ ଫସଲ ଅନ୍ତର୍ଭୁକ୍ତ । ଅର୍ଥକରୀ ଫସଲ ମଧ୍ୟରେ ଆମ୍ବ, ପଣସ, ସପୁରି ଠାରୁ ନେଇ ଆଖୁ, ତରଭୁଜ ଓ ପନିପରିବା ରହିଛି ।୨୦୨୩-୨୪ ଆର୍ଥିକ ବର୍ଷରେ ହାତୀ ଦ୍ୱାରା ସର୍ବାଧିକ ଫସଲ ନଷ୍ଟ ହୋଇଛି । ୨୭୮୩ ଜଣଙ୍କ ୫୭୫.୨୨ ଏକର ଅର୍ଥକାରୀ ଫସଲକୁ ହାତୀ ଖାଇ ଓ ଦଳି ନଷ୍ଟ କରିଛନ୍ତି । ସେହିପରି ଭାଲୁ ଦ୍ୱାରା ଜଣଙ୍କର ୦.୦୧ ଏକର ଓ ସମ୍ବର ଦ୍ୱାରା ୩୫୩ ଜଣଙ୍କ ୪୮,୧୧ ଏକର ଅର୍ଥକରୀ ଫସଲ ନଷ୍ଟ ହୋଇଛି । ଅନ୍ୟପଟେ ୫୯୩୬ ଜଣଙ୍କ ୧୯୯୭.୯୦ ଏକର ଧାନ ଓ ଅନ୍ୟ ଫସଲକୁ ହାତୀ ନଷ୍ଟ କରିଥିବା ବେଳେ ୧୦୩୯ ଜଣଙ୍କ ୨୨୪.୦୬ ଏକର ଧାନ ଓ ଅନ୍ୟ ଫସଲକୁ ସମ୍ବର ନଷ୍ଟ କରିଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷରେ ବନ୍ୟଜନ୍ତୁଙ୍କ ଦ୍ୱାରା ଫସଲ, ଘର, ଗୁହାଳ ଓ ଜୀବନହାନିଜନିତ କ୍ଷୟକ୍ଷତିରେ ଅନୁଗୁଳ ସମଗ୍ର ରାଜ୍ୟରେ ସବୁଠୁ ଆଗରେ ରହିଥିଲା । ବନଖଣ୍ଡ ଅଧିକାରୀଙ୍କୁ ଏଥିପାଇଁ ମୋଟ ୧୨୭୮୫ଟି ଦରଖାସ୍ତ ମିଳିଥିଲା । ଉକ୍ତ ଆର୍ଥିକ ବର୍ଷରେ ଅର୍ଥକରୀ ଫସଲହାନି ପାଇଁ ୧୩୦.୨୯ ଲକ୍ଷ, ଧାନ ଓ ଅନ୍ୟ ଫସଲ ନଷ୍ଟ ପାଇଁ ୨୪୭ ଲକ୍ଷ ଟଙ୍କା ବନ ବିଭାଗ କ୍ଷତିପୂରଣ ପ୍ରଦାନ କରିଛି । ୨୦୨୪-୨୫ ଆର୍ଥିକ ବର୍ଷର ଜୁଲାଇ ମାସ ସୁଦ୍ଧା ମଧ୍ୟ ବନ୍ୟଜନ୍ତୁଙ୍କ ଦ୍ୱାରା ଫସଲ ନଷ୍ଟ କ୍ଷେତ୍ରରେ ରାଜ୍ୟରେ ଏକ ନମ୍ବରରେ ରହିଛି । ଅନୁଗୁଳ ଏହି ସମୟ ମଧ୍ୟରେ ଡିଏଫଓଙ୍କ ନିକଟରେ ୧୯୫୩ଟି ଦରଖାସ୍ତ ପଞ୍ଜିକୃତ ହୋଇସାରିଲାଣି । ସମଗ୍ର ରାଜ୍ୟରେ ଉକ୍ତ ସମୟ ମଧ୍ୟରେ ମୋଟ ୯୦୨୬ଟି ଦରଖାସ୍ତ ପଞ୍ଜିକୃତ ହୋଇଥିବା ଜଣାଯାଇଛି । ତେବେ ୨୦୨୪ ଜୁନ୍ ସୁଦ୍ଧା ଅନୁଗୁଳ ବନଖଣ୍ଡରେ ୭୮୩ ଜଣଙ୍କର ୧୭୨.୨୬୪ ଏକର ଧାନ ଓ ଅନ୍ୟ ଫସଲ ନଷ୍ଟ ହୋଇଛି । କେବଳ ହାତୀ ଦ୍ୱାରା ଏହି ଫସଲ ହାନି ହୋଇଥିବା ବନବିଭାଗ ସୂତ୍ରରୁ ଜଣାପଡ଼ିଛି । ଏଥିପାଇଁ କୋଟି ୯୭ ଲକ୍ଷ ୪୩ ହଜାର ୨୭୨ ଟଙ୍କା କ୍ଷତିପୂରଣ ରାଶି ଚାଷୀଙ୍କୁ ଦିଆଯାଇଛି । ସୂଚନାଯୋଗ୍ୟ, ଅନୁଗୁଳ ବନଖଣ୍ଡରେ ହାତୀ ଉପଦ୍ରବ ଥମିବାର ନାଁ ନେଉନି ଜଙ୍ଗଲ ପଦା ହୋଇ ଖଣିଖାଦାନ ବୃଦ୍ଧି ପାଉଥିବାରୁ ହାତୀ ଚଲାପଥ ପ୍ରଭାବିତ ହେଉଛି । ହାତୀମାନେ ଉଗ୍ର ହୋଇ ଜନବସତି ଆଡ଼କୁ ଚାଲି ଆସୁଛନ୍ତି । ଏହାଦ୍ୱାରା ବନ୍ତଳା, ଛେଣ୍ଡିପଦା ଭଳି କୃଷିବହୁଳ ଅଞ୍ଚଳରେ ବିଶେଷ କ୍ଷୟକ୍ଷତି ଘଟୁଛି ।

# ସୀମା ବିବାଦ ଯୋଗୁ ଏମ୍ସ ରାସ୍ତାରେ କୁଢ଼ କୁଢ଼ ଆବର୍ଜନା

**ଖଣ୍ଡଗିରି, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତିଦିନ ହଜାର ହଜାର ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଭୁବନେଶ୍ୱର ଏମ୍ସକୁ ଆସୁଛନ୍ତି । ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇବାକୁ ଆସୁଥିବା ରୋଗୀ ଏବେ ଦୁର୍ଗନ୍ଧ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । କିଏ ନାକରେ ରୁମାଲ ବାନ୍ଧି ଏମ୍ସ ଭିତରକୁ ପ୍ରବେଶ କରୁଛନ୍ତି ତ ଆଉ କିଏ ଗାମୁଛା ବାନ୍ଧି ଯାଉଛନ୍ତି । ଜାତୀୟ ରାଜପଥ-୧୬ରୁ ଭୁବନେଶ୍ୱ ଏମ୍ସକୁ ସଂଯୋଗ କରୁଥିବା ଦେଢ଼ କିଲୋମିଟର ରାସ୍ତାପାର୍ଶ୍ୱରେ ଏବେ ଏଭଳି ପରିବେଶ ସୃଷ୍ଟି ହୋଇଛି । ରାସ୍ତା ପାର୍ଶ୍ୱରେ କୁଢ଼ କୁଢ଼ ଅଳିଆ ବସ୍ତାରେ ବନ୍ଧା ହୋଇ ପଡ଼ିଥିବାରୁ ଏବେ ଡମ୍ପିଂୟାର୍ଡରେ ଭ୍ରମ ସୃଷ୍ଟି କରୁଛି । ଦିନେ କି ମାସେ ନୁହେଁ, ବରଂ ବର୍ଷେ ହେଲା ଏଠାରେ ସଫେଇ କରାଯାଉ ନଥିବାରୁ ଏବେ ଅବସ୍ଥା ଅଣାୟତ୍ତ ହେବାରେ ଲାଗିଛି । ଏମ୍ସ ସମ୍ମୁଖରେ ପଡ଼ି ରହିଥିବା ଅଳିଆ କିଏ ସଫା କରିବ ତାହାକୁ ନେଇ ଏବେ ବିବାଦ ଦେଖାଦେଇଛି । ଏହାର ସମ୍ମୁଖ ଅଞ୍ଚଳ ରଣସିଂହପୁର ପଞ୍ଚାୟତ ଅଧୀନରେ ଆସୁଥିବା ବେଳେ ପଛପାର୍ଶ୍ୱ ଭୁବନେଶ୍ୱର ମହାନଗର ନିଗମର ୬୫ ନମ୍ବର ୱାର୍ଡ ଅଧୀନରେ ଆସୁଛି । ଯେଉଁ ସ୍ଥାନରେ ଅଳିଆ ଆବର୍ଜନା ପଡ଼ିରହିଛି ତାହା ପଞ୍ଚାୟତରେ ଆସୁଥିବାରୁ ସଫେଇ ଦିଗରେ କେହି ପଦକ୍ଷେପ ନେଉ ନାହାନ୍ତି । ସଫେଇ କରିବାକୁ ପଞ୍ଚାୟତ ପାଖରେ ପର୍ଯ୍ୟାପ୍ତ ଅର୍ଥ ନଥିବାରୁ ସେମାନେ ମଧ୍ୟ କାମ କରିପାରୁ ନଥିବା ଅଭିଯୋଗ ହୋଇଛି । ପଞ୍ଚାୟତବାସୀଙ୍କ କହିବା ମୁତାବକ ସଫେଇ ନିମନ୍ତେ ପଞ୍ଚାୟତରେ ୩ଟି ଅଳିଆ ଗାଡ଼ି ନିୟୋଜିତ ହୋଇଛି । ମାତ୍ର ଯେତିକି ଅନୁଦାନ ଆସୁଛି ସେଥିରେ ଏତେ ବଡ଼ ଅଞ୍ଚଳ ସଫେଇ କରିବା ସମ୍ଭବପର ହେଉନାହିଁ । ପୂର୍ବରୁ ମଧ୍ୟ ଏ ସମ୍ପର୍କରେ ବିଡିଓଙ୍କୁ ଅବଗତ କରାଯାଇଛି ।



ସେ ମଧ୍ୟ ସଫେଇ କରିବାକୁ ପରାମର୍ଶ ଦେଇଥିଲେ । ମାତ୍ର ସମ୍ବଳ ଅଭାବରୁ ସଫେଇ ହୋଇପାରୁ ନାହିଁ । ସେପଟେ ଏହି ଅଞ୍ଚଳରେ ଜବରଦଖଲ ଦିନକୁ ଦିନ ବଢୁଛି । ରାସ୍ତାପାର୍ଶ୍ୱରେ ଗଢ଼ିଉଠୁଥିବା ଦୋକାନରୁ ବାହାରୁଥିବା ବର୍ଜ୍ୟବସ୍ତୁ ଯୋଗୁଁ ଏବେ ଆବର୍ଜନାର ପାହାଡ଼ ସୃଷ୍ଟି କରିଛି । କେବଳ ସେତିକି ନୁହେଁ, ଭୁବନେଶ୍ୱର ଏମ୍ସରୁ ସୁସ୍ଥ ହୋଇ ଫେରୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଲୁଗାପଟାକୁ ଏଠାରେ ଫିଙ୍ଗିଦେଇ ଚାଲିଯାଉଛନ୍ତି । ଏବେ ରୋଗୀଙ୍କ କପଡ଼ାଠାରୁ ଆରମ୍ଭ କରି ପ୍ଲାଷ୍ଟିକ୍ ବୋତଲ, ଗ୍ଲାସ୍, ଖଲିଠୁଙ୍ଗା, ମଦ ବୋତଲ ଭଳି ବିଭିନ୍ନ ପ୍ରକାରର ବର୍ଜ୍ୟ ଏଠାରେ ବହୁ ଦିନ ଧରି ପଡ଼ିରହିବା ଦ୍ୱାରା ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ମୃତ ଗାଈଗୋରୁଙ୍କୁ ମଧ୍ୟ ଲୋକେ ଏଠାରେ ଫୋପାଡ଼ି ଦେଇ ଯାଉଛନ୍ତି । ଏବେ ବର୍ଷା ଦିନ ଚାଲୁଥିବାରୁ ସ୍ଥିତି ଆହୁରି ଅସମ୍ଭାଳ ହୋଇପଡ଼ିଛି । ରାସ୍ତା ଦେଇ ପ୍ରତିଦିନ ବହୁ ଅଧିକାରୀ, ପ୍ରଶାସକ ତଥା ସ୍ୱାସ୍ଥ୍ୟକର୍ମୀ ଯାତାୟାତ କରୁଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟି ପଡୁନାହିଁ । ବର୍ଷକୁ ବର୍ଷ ଭୁବନେଶ୍ୱର ଏମ୍ସରେ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ଏହାର ପ୍ରବେଶ ପଥରୁ ମାତ୍ର ଦୁଇଶହ ମିଟର ଦୂରରେ ଏଭଳି ଅଘୋଷିତ ଡମ୍ପିୟାର୍ଡ ଏହାର ସୁନାମରେ ଆଞ୍ଚ ଆଣୁଥିବା ସହିତ ଅସ୍ୱାସ୍ଥ୍ୟକର ସ୍ଥିତି ସୃଷ୍ଟି କରୁଛି । ତେଣୁ ତୁରନ୍ତ ଏହି ବର୍ଜ୍ୟବସ୍ତୁଗୁଡ଼ିକୁ ସ୍ଥାନାନ୍ତର କରିବାକୁ ପ୍ରଶାସନ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ୬୫ ନମ୍ବର ୱାର୍ଡ କର୍ପୋରେଟର୍ ରଶ୍ମିରଞ୍ଜନ ପାଟଶାଣୀ କହିଛନ୍ତି ଯେ ପ୍ରତିଦିନ ଏତେ ସଂଖ୍ୟକ ଲୋକ ଆସୁଥିବାରୁ ଏମ୍ସ ଅଞ୍ଚଳର ସଫେଇ ନିତାନ୍ତ ଆବଶ୍ୟକ । ପୂର୍ବରୁ ମଧ୍ୟ ଏହି ସ୍ଥାନରେ ସମ୍ପୂର୍ଣ୍ଣ ସଫେଇ କରାଯାଇଥିଲା । ତେଣୁ ଏହି ଅଞ୍ଚଳକୁ ବିଏମ୍‌ସିରେ ସାମିଲ୍ କରାଯାଉ ।

# ଯୁଥ୍ ଅଲିମ୍ପିକ୍ସରେ ସାମିଲ ହେବ କ୍ରିକେଟ

**ନୂଆଦିଲ୍ଲୀ**

କ୍ରିକେଟ ପ୍ରେମୀଙ୍କ ପାଇଁ ଖୁସି ଖବର। ଆଗକୁ ଯୁଥ୍ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରିବା ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍ (ଆଇସିସି) ଯୋଜନା କରୁଥିବା ଜଣାପଡିଛି। ଆମେରିକାର ଲସ୍ ଏଞ୍ଜେଲ୍ସରେ ହେବାକୁ ଥିବା ଅଲିମ୍ପିକ୍ସରେ କ୍ରିକେଟ ସାମିଲ ହେଉଛି। ପ୍ରଥମ ଥର ପାଇଁ କ୍ରିକେଟ ଅଲିମ୍ପିକ୍ସର ଅଂଶ ହେବାକୁ ଯାଉଛି। ଅନ୍ୟ ପକ୍ଷରେ ମୁମ୍ବାଇରେ ୨୦୩୦ ମସିହାରେ ମୁମ୍ବାଇରେ ଖେଳା ଯିବାକୁ ଥିବା ଯୁଥ୍ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରିବା ପାଇଁ ଆଇସିସି ପ୍ରସ୍ତାବ ଦେଇଥିବା ଜଣାପଡିଛି। ଶନିବାର ଆଇସିସି ପକ୍ଷରୁ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି)କୁ ବିଧିବଦ୍ଧ ଭାବରେ ପ୍ରସ୍ତାବ ଦିଆଯାଇଥିବା ଜଣାପଡିଛି। ଆଇସିସିର ଜେନେରାଲ ମ୍ୟାନେଜର ୱିଲିୟମ ଗ୍ଲେନରାଇଟ୍ ଏହି ଘଟଣା ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଭାରତ ୨୦୩୬ରେ ଅଲିମ୍ପିକ୍ସ ପାଇଁ ମଧ୍ୟ ବିଡ୍ ଦାଖଲ କରିବାକୁ ଯାଉଛି।



# ଅନ୍ତର୍ଜାତିକ କ୍ରିକେଟ୍‌ରେ ବିରାଟଙ୍କ ୧୬ ବର୍ଷ ପୂର୍ତ୍ତି

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ହାର୍ଟ ଏବଂ ଆତ୍ମା କିଙ୍ଗ୍ କୋହଲି ଅଗଷ୍ଟ ୧୮ରେ ଅନ୍ତର୍ଜାତୀୟ କ୍ରିକେଟରେ ତାଙ୍କର ୧୬ ବର୍ଷ ପୂରଣ କରିଛନ୍ତି। ତାଙ୍କର ଏହି ଯାତ୍ରା ଗର୍ବ, ଗୌରବ ଏବଂ ମହାନତାର ପ୍ରତିଫଳନ। ଯେତେବେଳେ ବିରାଟ କୋହଲି ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ବିଜୟ ଆଡ଼କୁ ଅଗ୍ରସର ହୋଇଥିଲେ ସେତେବେଳେ ସେ ଭାରତର ଯୁ-୧୯ ଦଳର ଅଧିନାୟକ ହୋଇଥିଲେ।

ସେ ହାରାହାରି ୪୭ ବଲ୍‌ରେ ୨୩୫ ରନ୍ ଏବଂ ଷ୍ଟ୍ରାଇକ୍ ହାର ୯୪.୭୫ ସହ ଟୁର୍ଣ୍ଣାମେଣ୍ଟର ଟପ୍ ରନ ସ୍କୋରର ହୋଇଥିଲେ। ଏହା ପରେ ସେ ୨୦୦୮ ରେ ଶ୍ରୀଲଙ୍କା ବିପକ୍ଷ ଏକ ଓଡିଆଇ ସିରିଜରେ ଡେବ୍ୟୁ କରିଥିଲେ।

ବିରାଟ ଶ୍ରୀଲଙ୍କା ବିପକ୍ଷ ଡେବ୍ୟୁ ମ୍ୟାଚ୍‌ରେ ଗୌତମ ଗମ୍ଭୀରଙ୍କ ସହ ଓପନର ଭାବରେ ଯାଇଥିଲେ ମଧ୍ୟ ସେ ମାତ୍ର ୧୨ ରନ୍ ସ୍କୋର କରିବାରେ ସଫଳ ହୋଇଥିଲେ। କିନ୍ତୁ ସିରିଜ୍ ଶେଷ ହେବା ବେଳକୁ ସେ ପାଞ୍ଚଟି ମ୍ୟାଚ୍‌ରେ ମୋଟ୍ ୧୫୯ ରନ୍ ସଂଗ୍ରହ କରିଥିଲେ।



ଏନେଇ ଗୌତମ ଗମ୍ଭୀର କୁହନ୍ତି, ଶ୍ରୀଲଙ୍କାରେ ତାଙ୍କର ଡେବ୍ୟୁ ଯେତିକି ମୋର ମନେ ଅଛି, ସେ ଶୀଘ୍ର ବାହାରିଥିଲେ, କିନ୍ତୁ ତାଙ୍କୁ ନେଟ୍‌ରେ ବ୍ୟାଟିଂ ଦେଖି ଆମେ ଜାଣିଥିଲୁ ଯେ, ଜଣେ ଖେଳାଳି ଯିଏ ଦୀର୍ଘଦିନ ଧରି ଦେଶ ପାଇଁ ଖେଳିବାକୁ ଯାଉଛନ୍ତି। ତାଙ୍କ ପାଖରେ ଏତେ ପ୍ରତିଭା ଅଛି, ଦଳ ପାଇଁ ମ୍ୟାଚ୍ କିପରି ଜିତିବେ ତାହା ତାଙ୍କୁ ଜଣା। ସେ ନିଶ୍ଚିତ ଭାବେ ଜଣେ ଉତ୍କୃଷ୍ଟ ଧରଣର ଖେଳାଳି। ଯେତେବେଳେ ସେ ଦଳରେ ଆସିଥିଲେ ଆରମ୍ଭରେ ମଧ୍ୟ ସେ ମ୍ୟାଚ୍ ଜିତିଥିଲେ। ଯାହା ତାଙ୍କ କ୍ରିକେଟ କ୍ୟାରିୟରର ସବୁଠାରୁ ସକାରାତ୍ମକ ଅଟେ।

ବିରାଟ କୋହଲି ୫୩୩ଟି ମ୍ୟାଚ୍‌ରେ ୨୬୯୪୨ ରନ୍ ସଂଗ୍ରହ କରିଛନ୍ତି। ସେ ବର୍ତ୍ତମାନ ଚତୁର୍ଥ ସ୍ଥାନରେ ଅଛନ୍ତି। ସେ ୧୧୩ଟି ଟେଷ୍ଟ ମ୍ୟାଚ୍ ଖେଳି ୮୮୪୮ ରନ୍, ଓଡିଆଇରେ ୧୩୯୦୬ ରନ୍ ଏବଂ ଟି-୨୦ରେରେ ୪୧୮୮ ରନ୍ ସଂଗ୍ରହ କରିଛନ୍ତି। କୋହଲି ଜଣେ ଭାରତୀୟ ଅଧିନାୟକ ଭାବରେ ସାତଟି ଦ୍ୱିଶତକ ହାସଲ କରିଛନ୍ତି। ସେ ୱାଲି ହାମଣ୍ଡ ଏବଂ ମହେଲା ଜୟୱାର୍ଦ୍ଦେନଙ୍କ ସହିତ ସମାନ। ୨୫୨ଟି ମ୍ୟାଚ୍ ଖେଳି ସେ ଷ୍ଟାଲୱାର୍ଟର ୮୦୦୪ ରନ କରିଛନ୍ତି। ଏଥିରେ ୮ଟି ଶତକ ଏବଂ ୫୫ଟି ଅର୍ଦ୍ଧଶତକ ରହିଛି। ସେ ଗୋଟିଏ ସିଜନରେ ସର୍ବାଧିକ ରନ୍ ସ୍କୋର କରିବାର ରେକର୍ଡ ରଖିଛନ୍ତି ଯାହା ୧୬ଟି ମ୍ୟାଚ୍ ଖେଳି ୯୭୩ ରନ୍ ସଂଗ୍ରହ କରିଥିଲେ।

# ଇଣ୍ଡୋନେସିଆରେ ଆୟୋଜିତ ହେବାକୁ ଥିବା ଆନ୍ତର୍ଜାତିକ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିଅନ୍‌ସିପ୍‌ରେ ଭାଗ ନେବେ ସୋଆ ଛାତ୍ର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ଅଗଷ୍ଟ ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ଇଣ୍ଡୋନେସିଆର ପେକାନ୍‌ବାରୁ ସିଟି ସହରରେ ଆୟୋଜିତ ହେବାକୁ ଥିବା ଇଣ୍ଟରନ୍ୟାସ୍‌ନାଲ୍ ଚ୍ୟାଲେଞ୍ଜ ପ୍ରତିଯୋଗିତାରେ ଭାଗ ନେବେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଇଜିନିୟରିଂ ଛାତ୍ର ଅମ୍ରିତ୍ ମହାନ୍ତି। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)ର କମ୍ପ୍ୟୁଟର ସାଇନ୍‌ସ ଇଜିନିୟରିଂ ବିଭାଗର ୪ର୍ଥ ବର୍ଷର ଛାତ୍ର ଅମ୍ରିତ୍ ଏହି ପ୍ରତିଯୋଗିତାର ପୁରୁଷ ଡବଲ୍ସରେ ଭାଗ ନେବେ। ପ୍ରଥମ ଥର ପାଇଁ ଏହି ଖେଳାଳି ଜଣଙ୍କ ଆନ୍ତର୍ଜାତିକ ସ୍ତରରେ ନିଜର କ୍ରୀଡ଼ା ପ୍ରଦର୍ଶନ କରିବେ।

ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ଇଣ୍ଡୋନେସିଆ ଯାତ୍ରା କରିବା ପୂର୍ବରୁ ଅମ୍ରିତ୍ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ ଭେଟି ତାଙ୍କର ଅଶୀର୍ବାଦ ନେଇଥିଲେ। ପ୍ରଫେସର ନାୟକ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉତ୍ତମ ପ୍ରଦର୍ଶନ କାମନା କରିଥିଲେ। ଏହି ଅବସରରେ ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଉପସ୍ଥିତ ଥିଲେ। ଅମ୍ରିତ ୨୦୧୯ରେ ରାଜ୍ୟ ଅଣ୍ଡର-୧୯ ବାଳକ ସିଙ୍ଗଲ୍ସରେ ରନର୍ସ ଅପ୍ ରହିଥିବା ବେଳେ ୨୦୧୯ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନ୍‌ସିପ୍‌ରେ ଅଣ୍ଡର-୧୭ ବାଳକ ବିଭାଗରେ ମଧ୍ୟ ରନର୍ସଅପ୍ ହୋଇଥିଲେ। ଇଣ୍ଡୋନେସିଆରେ ଆୟୋଜିତ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ତାଙ୍କର ପାର୍ଟନର ରହିବେ ଅଭିଜିତ ମହାରଣା।

# ବିସିସିଆଇର କଠୋର ନିୟମ ବିଷୟରେ କହିଲେ ଜୟ ଶାହା

**ନୂଆଦିଲ୍ଲୀ**

କିଛି ଦିନ ହେବ ଦିଲୀପ ଟ୍ରଫିର ଆଗାମୀ ସିଜିନ ଏକ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଟୁର୍ଣ୍ଣାମେଣ୍ଟ ୫-୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ ଖେଳାଯିବ, ଯେଉଁଥିରେ ଭାରତୀୟ ଜାତୀୟ କ୍ରିକେଟ ଦଳ ପାଇଁ ଖେଳୁଥିବା ଖେଳାଳିଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଜାତୀୟ ଦଳ ପାଇଁ ଖେଳୁଥିବା ଖେଳାଳିମାନେ ମଧ୍ୟ ଘରୋଇ କ୍ରିକେଟ ଖେଳିବା ଉଚିତ ବୋଲି ଅନେକ ଦାବି କରାଯାଇଛି। ଏହି ସମୟରେ ବିସିସିଆଇ ସଚିବ ଜୟ ଶାହା ବଡ଼ ରହସ୍ୟ ଖୋଲି କହିଛନ୍ତି, ଯଦି ଜଣେ ଖେଳାଳି ଆହତ ହୁଅନ୍ତି ତେବେ ସେ କିପରି ଟିମ୍ ଇଣ୍ଡିଆରେ ପ୍ରତ୍ୟାବର୍ତ୍ତନ କରିପାରିବେ ?

ଜୟ ଶାହା ଏକ ପୁରୁଣା ଘଟଣାକୁ ମନେ ପକାଇ କହିଛନ୍ତି, ୨୦୨୨ ଏସିଆ କପ ସମୟରେ ରବିନ୍ଦ୍ର ଜାଡ଼େଜାଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ଶାହା ସେହି ସମୟରେ ଜାଡ଼େଜାଙ୍କୁ ଫୋନ କରି ତାଙ୍କୁ ଘରୋଇ କ୍ରିକେଟ ଖେଳିବାକୁ କହିଥିଲେ। ଏହି କାରଣରୁ, ଜାଡେଜା ସେହି ସମୟରେ ରଣଜୀ ସିଜିନରେ ସୌରାଷ୍ଟ୍ର ପାଇଁ ଖେଳିଥିଲେ ଏବଂ ପରେ ବର୍ଡର -ଗାଭାସ୍କର ଟ୍ରଫି ୨୦୨୨ପାଇଁ ଭାରତୀୟ ଦଳକୁ ଫେରିଥିଲେ।

ଜୟ ଶାହା କହିଛନ୍ତି, ଆମେ କିଛି କଠୋର ନିୟମ କରିଛୁ। ଯେତେବେଳେ ରବିନ୍ଦ୍ର ଜାଡେଜା ଆହତ



ହୋଇଥିଲେ, ମୁଁ ତାଙ୍କୁ ଫୋନ କରି ଘରୋଇ କ୍ରିକେଟ ଖେଳିବାକୁ କହିଥିଲି। ବର୍ତ୍ତମାନ ଏକ ନିୟମ ହୋଇଛି ଯେ କୌଣସି ଖେଳାଳି ଆହତ କାରଣରୁ ବାହାରକୁ ଯିବେ, ସେ ସେବେ ଟିମ୍ ଇଣ୍ଡିଆକୁ ଫେରିବେ, ଯେବେ ଘରୋଇ କ୍ରିକେଟରେ ନିଜର ଫିଟ୍‌ନେସ୍ ପ୍ରମାଣ କରିବେ।

ନିକଟରେ ବିରାଟ କୋହଲି ଏବଂ ରୋହିତ ଶର୍ମା ଦିଲୀପ ଟ୍ରଫିରେ ଖେଳିବାର ଖବର ଚର୍ଚ୍ଚାରେ ଥିଲା, କିନ୍ତୁ ରିପୋର୍ଟ ଅନୁଯାୟୀ ଏହି ଦୁଇ ବରିଷ୍ଠ ଭାରତୀୟ ଖେଳାଳି ଆଗାମୀ ଟୁର୍ଣ୍ଣାମେଣ୍ଟରେ ଖେଳିବେ ନାହିଁ। ଏହା ଉପରେ ଜୟ ଶାହା କହିଛନ୍ତି ଯେ ବିରାଟ ଏବଂ ରୋହିତ ଆଘାତ ହେବାର ଆଶଙ୍କା ରହିଛି ଏବଂ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ବିପକ୍ଷ ଆଗାମୀ ସିରିଜକୁ ମଧ୍ୟ ମ୍ୟାନେଜମେଣ୍ଟକୁ ଧ୍ୟାନରେ ରଖିବାକୁ ପଡ଼ିବ।

# ରୋହିତଙ୍କ ପାଖରେ ବଡ଼ ସୁଯୋଗ

## ବାଂଲାଦେଶ ଟେଷ୍ଟରେ ଭାଙ୍ଗିପାରିବେ ଜୋ ରୁଟ୍ ଓ ରାହୁଲ ଦ୍ରାବିଡ଼ଙ୍କ ରେକର୍ଡ଼

**ନୂଆଦିଲ୍ଲୀ**

ଭାରତ ଏବଂ ବାଂଲାଦେଶ ମଧ୍ୟରେ ସେପ୍ଟେମ୍ବରରେ ଦୁଇଟି ଟେଷ୍ଟ୍ ମ୍ୟାଚ୍ ହେବାକୁ ଯାଉଛି। ଦୁଇ ଦଳ ମଧ୍ୟରେ ପ୍ରଥମ ମ୍ୟାଚ ସେପ୍ଟେମ୍ବର ୧୯ ରୁ ଆରମ୍ଭ ହେବ । ଏହି ଦୁଇ ଟେଷ୍ଟ ମ୍ୟାଚ୍ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ଏକ ଅଂଶ। ଟେଷ୍ଟ ସିରିଜ୍‌ରେ ଭାରତୀୟ ଦଳର ଷ୍ଟାର ବ୍ୟାଟ୍ସମ୍ୟାନ ରୋହିତ ଶର୍ମାଙ୍କ ନିକଟରେ ବଡ଼ ସୁଯୋଗ ରହିଛି। ମାତ୍ର କିଛି ରନ୍‌ରେ ସେ ଜୋ ରୁଟ୍‌ଙ୍କୁ ପଛରେ ପକାଇପାରିବେ । ରୋହିତ ଏବେ ଭଲ ଫର୍ମରେ ଅଛନ୍ତି ଏବଂ କ୍ରିଜ୍‌କୁ ଆସିବା ମାତ୍ରେ ବିସ୍ଫୋରକ ବ୍ୟାଟିଂ କରୁଛନ୍ତି।

ଅନ୍ତର୍ଜାତୀୟ କ୍ରିକେଟର ୪୮୩ଟି ମ୍ୟାଚ୍‌ରେ ରୋହିତ ଶର୍ମା ୧୯,୨୩୪ ରନ କରିଛନ୍ତି। ଯଦି ସେ ବାଂଲାଦେଶ ବିପକ୍ଷ ଟେଷ୍ଟ



ସିରିଜ୍‌ରେ ୨୦୯ ରନ ସ୍କୋର କରନ୍ତି, ତେବେ ସେ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ ସ୍କୋର କରିବାରେ ଜୋ ରୁଟ୍‌ଙ୍କୁ ଅତିକ୍ରମ କରିବେ। ରୁଟ୍ ବର୍ତ୍ତମାନ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟରେ ମୋଟ ୧୯୪୪୨ ରନ ସଂଗ୍ରହ କରିଛନ୍ତି।

ଏହାଛଡ଼ା ରାହୁଲ ଦ୍ରାବିଡ଼ଙ୍କୁ ମଧ୍ୟ ପଛରେ ପକାଇବାର ସୁଯୋଗ ରହିଛି। ଆନ୍ତର୍ଜାତୀୟ କ୍ରିକେଟରେ ଉଭୟ ରୋହିତ ଶର୍ମା ଏବଂ ରାହୁଲ ଦ୍ରାବିଡ୍ ୪୮-୪୮ ଶତକ ହାସଲ କରିଛନ୍ତି। ସେ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଶତକ ହାସଲ କରିବା ପରେ ରାହୁଲ ଦ୍ରାବିଡ୍‌ଙ୍କୁ ଅତିକ୍ରମ କରିବେ। ଅନ୍ତର୍ଜାତୀୟ କ୍ରିକେଟରେ ରୋହିତ ଭାରତ ପାଇଁ ଚତୁର୍ଥ ସର୍ବାଧିକ ରନ ସ୍କୋରର। ତାଙ୍କ ଅପେକ୍ଷା ସଚିନ ତେନ୍ଦୁଲକର, ବିରାଟ କୋହଲି ଏବଂ ରାହୁଲ ଦ୍ରାବିଡ ଭାରତ ପାଇଁ ଅଧିକ ରନ ସଂଗ୍ରହ କରିଛନ୍ତି।

# 'ଲେଡି ବୁମ୍‌ରା'ଙ୍କୁ ଦେଖି ଦୁନିଆ ତାଜୁବ
## ସ୍କୁଲ ୟୁନିଫର୍ମରେ ଦେଖାଇଲେ ବୋଲିଂର ଯାଦୁ



**ନୂଆଦିଲ୍ଲୀ**

ଜସପ୍ରୀତ ବୁମ୍‌ରା ବର୍ତ୍ତମାନ ବିଶ୍ୱରର ସର୍ବୋତ୍ତମ ବୋଲରମାନଙ୍କ ମଧ୍ୟରୁ ଜଣେ। ତାଙ୍କର ଦମ୍‌ଦାର ବୋଲିଂ ହେତୁ ଭାରତ ଟି-୨୦ ବିଶ୍ୱକପ ୨୦୨୪ ଟାଇଟଲ ହାତେଇଥିଲା। ବୁମ୍‌ରା ଜଣେ ଅନନ୍ୟ ବୋଲର। ତାଙ୍କର ଆକ୍ସନ ଏବଂ ବୋଲିଂ ସମ୍ପୂର୍ଣ୍ଣ ଭିନ୍ନ, ଯାହା ପ୍ରତ୍ୟେକ ଯୁବପିଢି କପି କରିବାକୁ ଚେଷ୍ଟା କରନ୍ତି । ବର୍ତ୍ତମାନ ଜଣେ ସ୍କୁଲଛାତ୍ରୀ ବୁମ୍‌ରାଙ୍କ ବୋଲିଂକୁ ଅନୁରୂପ ଭାବେ କପି କରି ବୋଲିଂ କରିଛନ୍ତି ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଭିଡିଓ ଦେଖିବା ପରେ, ଆପଣ ମଧ୍ୟ ଏହି ଝିଅଙ୍କ 'ଲେଡି ବୁମ୍‌ରା' ବୋଲି ଡାକିବାରେ ନିଜକୁ ଅଟକାଇ ପାରିବେ ନାହିଁ। ବୁମରାଙ୍କ ବୋଲିଂକୁ ନକଲ କରିବା ଅତ୍ୟନ୍ତ କଷ୍ଟକର। କିନ୍ତୁ ଏହି ସ୍କୁଲ ଛାତ୍ରୀଜଣକ ବୁମ୍‌ରାଙ୍କ ବୋଲିଂ ଅବିକଳ କରିଛନ୍ତି ଯାହାକୁ ଦେଖି ପୁରା ଦୁନିଆ ତାଜୁବ ହୋଇଯାଇଛି।

# ଆମେ ଆଉ କୁସ୍ତି କରିବାକୁ ସମର୍ଥ ହେବୁ ନାହିଁ, ଆମେ ଭିତରୁ ଭାଙ୍ଗି ଯାଇଛୁ : ସୋମବୀର ରାଠି

**ଚଣ୍ଡିଗଡ଼**

ଷ୍ଟାର ରେସଲର ଭିନେଶ ଫୋଗଟ ପ୍ୟାରିସ୍‌ରୁ ଭାରତ ଫେରିଛନ୍ତି। ଏନେଇ ତାଙ୍କୁ ଦିଲ୍ଲୀ ବିମାନବନ୍ଦରରେ ସ୍ୱାଗତ କରାଯାଇ ଥିଲା। ଅଲିମ୍ପିକ୍ସରେ ପଦକ ଜିତିଥିବା ରେସଲର ବଜରଙ୍ଗ ପୁନିଆ ଏବଂ ସାକ୍ଷୀ ମଲ୍ଲିକ ମଧ୍ୟ ଭିନେଶଙ୍କୁ ସ୍ୱାଗତ କରିବା ପାଇଁ ବିମାନବନ୍ଦର ଆସି ଥିଲେ। ଭାରତ ଆସିବା ପରେ ତାଙ୍କୁ ସମର୍ଥନ କରିଥିବା ଲୋକଙ୍କୁ ଭିନେଶ ଧନ୍ୟବାଦ ଜଣାଇଛନ୍ତି। ତେବେ ଏହି ସମୟ ମଧ୍ୟରେ ଭିନେଶ ମଧ୍ୟ ଭାବପ୍ରବଣ ହୋଇପଡ଼ିଥିଲେ। ଏବେ ଭିନେଶଙ୍କ ସ୍ୱାମୀ ତାଙ୍କ ବିଷୟରେ ଏକ ବଡ଼ ବିବୃତ୍ତି ଦେଇଛନ୍ତି।

ଭିନେଶଙ୍କ ସ୍ୱାମୀ ସୋମବୀର ରାଠି କହିଛନ୍ତି, ଦେଢ଼ରୁ ଦୁଇ ବର୍ଷ ଧରି କ'ଣ ଚାଲିଛି ଆପଣ ଦେଖୁଛନ୍ତି। ଆମ ସହ ଫେଡେରେଶନ ନାହିଁ। ଆମ ସହିତ କେହି ନାହାନ୍ତି। ଆମେ ସବୁକିଛି ଦେଖିଛୁ, ନା ଜଣେ ଆମ



ସହିତ ଅଛନ୍ତି, ଯଦି ଖେଳାଳିଙ୍କ ସହିତ କେହି ଠିଆ ହୁଅନ୍ତି ନାହିଁ ତେବେ ଖେଳାଳି କ'ଣ କରିବାକୁ ସମର୍ଥ ହେବେ ?

ସେ ଆହୁରି ମଧ୍ୟ କହିଛନ୍ତି, 'ଆମେ ଆଉ କୁସ୍ତି କରିବାକୁ ସମର୍ଥ ହେବୁ ନାହିଁ। ଆମେ ଭିତରୁ ଭାଙ୍ଗି ଯାଇଛୁ। ବର୍ତ୍ତମାନ କାହା ପାଇଁ ଖେଳ ଖେଳିବୁ ? ଆମେ କୁସ୍ତିରୁ ଅବସର ଘୋଷଣା କରିଛୁ। ଆମର ଯାତ୍ରା ଏ ପର୍ଯ୍ୟନ୍ତ ଥିଲା। ବର୍ତ୍ତମାନ ଆମେ ରହିବୁ ନାହିଁ। ଆଗକୁ କିଛି କରିବାକୁ ସକ୍ଷମ, ଏହା ବହୁତ କଷ୍ଟସାଧ୍ୟ। ଆମେ ଏକ ପଦକ ଆଣିବା ପାଇଁ କଠିନ ଚେଷ୍ଟା କରିଥିଲୁ। ବିଶେଷକରି ମୁଁ ଏଥିପାଇଁ ବହୁତ ଦୁଃଖିତ। କାରଣ ଆମେ ଦେଶ ପାଇଁ ଏହା କରିବାକୁ ଚାହୁଁଥିଲୁ।

ସୂଚନାଯୋଗ୍ୟ, ପ୍ୟାରିସ୍ ଅଲିମ୍ପିକ୍ସରେ ୫୦ କିଲୋଗ୍ରାମ ମହିଳା ରେସଲିଂ ଇଭେଣ୍ଟରେ ଭିନେଶ ଲଢ଼ିଥିଲେ। ତାଙ୍କର ପ୍ରଥମ ମ୍ୟାଚ୍‌ରେ ଭିନେଶ ଗତ ଅଲିମ୍ପିକ୍ସର ସ୍ୱର୍ଣ୍ଣ ପଦକ ବିଜେତା ତଥା ବିଶ୍ୱ ଚାମ୍ପିଅନ ରେସଲରଙ୍କୁ ପରାସ୍ତ କରିଥିଲେ। ଏହା ପରେ ଭିନେଶ କ୍ୱାର୍ଟର ଫାଇନାଲ ଏବଂ ସେମିଫାଇନାଲରେ ଏକ ଶକ୍ତିଶାଳୀ ବିଜୟ ହାସଲ କରି ଫାଇନାଲ ପାଇଁ ବଡ଼ ଆଶା ରଖିଥିଲେ। ତେବେ ଫାଇନାଲ ଦିନ ୧୦୦ ଗ୍ରାମ ଅଧିକ ଓଜନ ହେତୁ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। ଅଯୋଗ୍ୟ ହେବା ପରେ ଭିନେଶ ଏକ ରୌପ୍ୟ ପଦକ ମାଗିଥିଲେ ଏବଂ ସିଏସଏସ୍‌ରେ ଆବେଦନ କରିଥିଲେ। ଏହି ସମୟ ମଧ୍ୟରେ ଦେଶର ଜଣାଶୁଣା ଓକିଲ ହରିଶ ସାଲଭେ୍ ତାଙ୍କ କେସ୍ ଲଢ଼ିଥିଲେ। କିଛି ପ୍ରଶ୍ନର ଉତ୍ତର ଦେବାକୁ ସିଏଏସ୍ ଭିନେଶଙ୍କୁ କହିଥିଲା। ତେବେ ତାଙ୍କ ମାମଲାକୁ ଖାରଜ କରିଦିଆଯାଇଥିଲା।

# ପ୍ୟାରିସ୍ ଅଭିଜ୍ଞତା ବାଣ୍ଟିଲେ ଅମିତ ଓ ସମ୍ବିତ୍



**ଭୁବନେଶ୍ୱର**

ପ୍ୟାରିସ୍-୨୦୨୪ ଅନ୍ୟ ସମସ୍ତ ଅଲିମ୍ପିକ୍ସଠାରୁ ସମ୍ପୂର୍ଣ୍ଣ ନିଆରା ଥିଲା। ଯେତିକି ରୋମାଞ୍ଚ ଭରାଥିଲା ସେତିକି ଆହ୍ୱାନ ଆଣି ଦେଇଥିଲା। ଅନେକ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଖେଳାଳିଙ୍କୁ ଯେଭଳି କଷ୍ଟକର ସମୟ ଦେଇ ଗତି କରିବାକୁ ପଡୁଥିଲା ବିବିଧ ଇଭେଣ୍ଟ୍ ଭାବେ ଏହାକୁ କଭର୍ କରିବା କ୍ରୀଡ଼ା ସାମ୍ବାଦିକଙ୍କ ପାଇଁ ସେତିକି ଯନ୍ତ୍ରଣାଦାୟକ ଥିଲା। ରବିବାର ପ୍ୟାରିସ୍ ଅଲିମ୍ପିକ୍ସର ଅଭୁଲା ଅଭିଜ୍ଞତା ସବୁ ବାଣ୍ଟିବା ବେଳେ ଏଭଳି କଥା କହିଛନ୍ତି କ୍ରମାଗତ ହକି ପଦକ ଜିତିଥିବା ଅମିତ ରୋହିଦାସ ଏବଂ ଅଲିମ୍ପିକ୍ସ ମଞ୍ଚରେ ପହଞ୍ଚିଥିବା ପ୍ରଥମ ଓଡ଼ିଆ କ୍ରୀଡ଼ା ସାମ୍ବାଦିକ ସମ୍ବିତ ମହାପାତ୍ର।

ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ପକ୍ଷରୁ ରବିବାର ଅନୁଷ୍ଠିତ ଡକ୍ଟର ଅଶୋକ ପଟ୍ଟନାୟକ ସ୍ମାରକୀ ବକ୍ତୃତାରେ ମୁଖ୍ୟ ଆକର୍ଷଣ ପାଲଟିଥିଲେ ଅମିତ ରୋହିଦାସ। ଓସ୍‌ଜାର ସଭାପତି ସଂଦୀପ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ମାରକୀ ବକ୍ତୃତା ପୂର୍ବରୁ ଅମିତ ରୋହିଦାସ ଡକ୍ଟର ଅଶୋକ ପଟ୍ଟନାୟକଙ୍କୁ ୨୫ତମ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଓସ୍‌ଜାର ଉପସଭାପତି ସମୀକ୍ଷା ପଟ୍ଟନାୟକ, ସମ୍ପାଦକ ସୁରେଶ ସ୍ୱାଇଁ, ଯୁଗ୍ମ ସମ୍ପାଦକ ହିମାଂଶୁ ପତି ମିଶ୍ର, ସଂଜୀବ ବିଶ୍ୱାଳ, କୋଷାଧ୍ୟକ୍ଷ ଦେବାଶିଷ ସୁନ୍ଦରାୟ, କାର୍ଯ୍ୟକାରୀ କମିଟି ସଦସ୍ୟ କେ. ରବି, ବିମଳ କୁମାର ରାଉଳ, ଶକ୍ତି ପ୍ରସାଦ ନନ୍ଦ, ମନୋରଂଜନ ଦାସଙ୍କ ସହ ବରିଷ୍ଠ ସଦସ୍ୟ ରଜନୀକାନ୍ତ ଶତ୍ରୁଶଲ୍ୟ, ସନ୍ତୋଷ ମହାନ୍ତି, ବିଜୟ ରଣା, ଶୁଭଲକ୍ଷ୍ମୀ ବଳ, ରଂଜନ ରାୟ, ପ୍ରତାପ ପ୍ରଧାନ, ପ୍ରଫୁଲ୍ଲ କିଶୋର ସାହୁ, ଦେବୀ ପ୍ରସନ୍ନ ପାଣିଗ୍ରାହୀ ଏବଂ କ୍ରୀଡ଼ା ବିଭାଗର ଅବସରପ୍ରାପ୍ତ କର୍ମଚାରୀ ମଳୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ଦ୍ୱି-ବାର୍ଷିକ ସମ୍ମିଳନୀ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ୩ୟ ଦ୍ୱି-ବାର୍ଷିକ ସମ୍ମିଳନୀ ବ୍ୟାଙ୍କର ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଅନୁଷ୍ଠାନର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ମୁଖ୍ୟ ଅତିଥି ଓ ନିଖିଳ ଓଡ଼ିଶା ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ସଭାପତି ବୈକୁଣ୍ଠନାଥ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କର୍ମଚାରୀ ସଂଘର ସଭାପତି ତଥା ନିଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦକ ନିରଞ୍ଜନ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ସଭାରେ ବିଭିନ୍ନ ଆଲୋଚ୍ୟ ବିଷୟ ମଧ୍ୟରୁ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ସ୍ୱାସ୍ଥ୍ୟବୀମା ଓ ପେନସନ ସଂଶୋଧନ ପାଇଁ ଦ୍ୱି-ପାକ୍ଷିକ ରାଜିନାମା ଅନ୍ୟତମ। ଏହା ବ୍ୟତୀତ ଅବସରପ୍ରାପ୍ତ କର୍ମଚାରୀ ସଂଘର ୨୦୨୪-୨୦୨୬ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିମ୍ନଲିଖିତ ସଭ୍ୟମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିରଞ୍ଜନ ମିଶ୍ର-ସଭାପତି, ପ୍ରମୋଦ କୁମାର ନାୟକ-ଉପ-ସଭାପତି, ତାରାଚାନ୍ଦ ମହାନ୍ତି-ସାଧାରଣ ସମ୍ପାଦକ, ଅଲେଖ ଚନ୍ଦ୍ର ସାହୁ-ସହକାରୀ ସାଧାରଣ ସମ୍ପାଦକ, ଅଜିତ୍ କୁମାର ବିଶ୍ୱାଳ-କୋଷାଧ୍ୟକ୍ଷ, ଅଭୟ କୁମାର ଓଝା ଓ ଅଶୋକ କୁମାର ମହାନ୍ତି-ସମୀକ୍ଷକ ଭାବେ ନିର୍ବାଚିତ ହୋଇଥିବା ବେଳେ ୮ଜଣ କାର୍ଯ୍ୟକାରୀ ସଦସ୍ୟ ଭାବେ ଅଜିତ୍ କୁମାର ପଟ୍ଟନାୟକ, ରାଜକିଶୋର ରଥ, ନିରଞ୍ଜନ ମହାପାତ୍ର, ଜୟନ୍ତ କୁମାର ସ୍ୱାଇଁ, ପ୍ରମୋଦ କୁମାର ଶ୍ରୀଚନ୍ଦନରାୟ, ସୁରେନ୍ଦ୍ର କୁମାର ପ୍ରଧାନ, ସୁଶିଲ କୁମାର ପଟ୍ଟନାୟକ, ଗୁରୁକୃଷ୍ଣ ଦାସ ଏବଂ ଉପଦେଷ୍ଟା ଭାବେ ପ୍ରଦୋଷ ପଟ୍ଟନାୟକ ଓ ଲକ୍ଷ୍ମୀ ନାରାୟଣ ତ୍ରିପାଠୀ ନିର୍ବାଚିତ ହୋଇଛନ୍ତି। ଶେଷରେ ପ୍ରମୋଦ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସୀୟ କରାଟେରେ ଭାଗନେବେ ୬ ଓଡ଼ିଆ

**ଭୁବନେଶ୍ୱର**

ଏସୀୟ କନିଷ୍ଠ କରାଟେରେ ଅଂଶଗ୍ରହଣ କରିବା ଲାଗି ୬ଜଣ ଓଡ଼ିଆ ଖେଳାଳି ଫିଲିପାଇନ୍ସ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଖେଳାଳିମାନେ ହେଲେ ମୋନାଲି ସାହୁ (ବ୍ୟକ୍ତିଗତ ଫାଇଟ୍), ଅଂଶୁମାନ ଆଚାର୍ଯ୍ୟ (ବ୍ୟକ୍ତିଗତ ଫାଇଟ୍), ଓମ୍ ଶୁଭମ୍ ମହାନ୍ତି (ବ୍ୟକ୍ତିଗତ ଫାଇଟ୍) ଓ ଶୁଭକାନ୍ତ ବିଶ୍ୱାଳ (ବ୍ୟକ୍ତିଗତ ଫାଇଟ୍)। ଏମାନଙ୍କ ସହ ପ୍ରଶିକ୍ଷକ ଭାବେ ସେଠାକୁ ଯାତ୍ରା କରିଛନ୍ତି କରାଟେ କୁଇନ୍ ଭାଲିନା ଭାଲେଣ୍ଟିନା। ଓଡ଼ିଶା ଦଳର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ବହନ କରୁଛି। ଶନିବାର ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘ ତରଫରୁ ଏହି ଖେଳାଳିମାନଙ୍କୁ ଶୁଭକାମନା ପ୍ରଦାନ କରାଯାଇଥିଲା। ଉତ୍କଳ କରାଟେ ସ୍କୁଲ୍‌ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ କରାଟେ ସଂଘର କର୍ମକର୍ତ୍ତା ଇଂ. ଚିତ୍ତରଞ୍ଜନ ସ୍ୱାଇଁ, ଡ. ହରିପ୍ରସାଦ ପଟ୍ଟନାୟକ, ଡ. ଗୌରୀ ମହାନ୍ତି, ଏସ୍ ?ଆର ସାସମଲ୍, ଖାରବେଳ ମଲ୍ଲିକ, ପ୍ରଦୀପ କୁମାର ସରକାର, ପ୍ରଶାନ୍ତ ଧଳ, କାଳୀପ୍ରସାଦ ନନ୍ଦ, ସନତ ନାୟକ, ସଂଜୟ କୁମାର ଦାସ, ସନ୍ତୋଷ କୁମାର ମହାରଣା, ଏନ୍.ବି ପଟ୍ଟନାୟକ, ଅରବିନ୍ଦ ପଟ୍ଟନାୟକ ଓ ଦୀପକ କୁମାର ସାମନ୍ତରା ପ୍ରମୁଖ ଖେଳାଳିମାନଙ୍କୁ ଶୁଭକାମନା ଜଣାଇଥିଲେ।

GOVERNMENT OF ODISHA
OFFICE OF THE EXECUTIVE ENGINEER
KEONJHAR IRRIGATION DIVISION, KEONJHAR
Notice Invitation of Tenders
e-Procurement Notice No.- 02 / 2024-25 on dated 16.08.2024
E-mail Id: eekjrirrdivn@gmail.com

A-237

| | | | |
|---|---|---|---|
| 1 | Nature of the work | : | Manpower supply |
| 2 | No.of Works | : | 1(Six) no's |
| 3 | Value of Works | : | Rs 26.65Lakhs |
| 4 | Tender paper cost | | Refer to DTCN |
| 5 | EMD/Bid Security | | Refer to DTCN |
| 6 | Period of Completion | | Refer to DTCN |
| 7 | Class of Conctractors | : | Refer to DTCN |
| 8 | Procurement officer | : | Executive Engineer, Keonjhar Irrigation Division, Keonjhar |
| 9 | Bid Identification no. | | KIDN-02/2024-25 |
| 10 | Availability of Tender for Online Bidding | : | From 11 AM Dt 19.08.2024 to 3.00 PM Dt 28.08.2024 |
| 11 | Date and Time for Tender Opening | : | Dt. 28.08.2024 @ 4.00 PM onwards in O/o the Executive Engineer, Keonjhar Irrigation Division, Keonjhar |
| 12 | Seeking Clarification Date and Time | | From 11 AM Dt 19.08.2024 to 5.00 PM Dt 23.08.2024 |
| 12 | Date and Time for lottery (If required) | : | Dt 29.08.2024 @ 03.30 PM onwards in O/o the Executive Engineer, Keonjhar Irrigation Division, Keonjhar |

The Bidders have to participate in ONLINE bidding only. Further details can be seen from the e-procurement portal: www.tendersodisha.gov.in .Any addendum/corrigendum/cancellation of tenders can be seen from the above portal.

Sd/- Executive Engineer
Keonjhar Irrigation Division
Keonjhar

OIPR-32476/11/0003/2425

# ଓ.ପି. ଜିନ୍ଦଲ କପ୍ ଫୁଟବଲ : ଜଗା ୟୁନାଇଟେଡ୍ ଚାମ୍ପିଅନ

**ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ**

ଅନୁଗୁଳ ପିଟିସି ଗ୍ରାଉଣ୍ଡରେ ଖେଳଯାଇ ଥିବା ଓ.ପି ଜିନ୍ଦଲ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଜଗା ୟୁନାଇଟେଡ୍ ଭୁବନେଶ୍ୱର ଚାମ୍ପିଅନ ହୋଇଛି । ଫାଇନାଲ ମୁକାବିଲାରେ ଜଗା ୟୁନାଇଟେଡ୍, ଝାରସୁଗୁଡ଼ାର ଝାଡେଶ୍ୱର ଫୁଟବଲ୍ କ୍ଲବକୁ ପେନାଲ୍ଟି ସୁଟ୍‌ଆଉଟ୍‌ରେ ୪-୩ ଗୋଲରେ ପରାସ୍ତ କରିଛି।

ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୁଳ ମ୍ୟୁନିସିପାଲଟି ଚେୟାରମ୍ୟାନ ଅକ୍ଷୟ କୁମାର ସାମନ୍ତ, ଜେଏସପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ, ସିଡିଓ ତଥା ଇଡି ଜିଲ୍ଲା ପରିଷଦ ହେମନ୍ତ କୁମାର ସିଂ,ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସେଠ୍ ଏବଂ ଆଥ୍‌ଲେଟିକ୍ ଆସୋସିଏସନର କୋଷାଧ୍ୟକ୍ଷ କିଶୋର କୁମାର କର ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ସାଂସଦ ରୁଦ୍ର ନାରାୟଣ ପାଣି ତଥା ଅନ୍ୟ ମାନ୍ୟଗଣ୍ୟ ଅତିଥିବୃନ୍ଦ, ଜେଏସ୍‌ପି ଫାଉଣ୍ଡେସନର ଅବଦାନ ପାଇଁ ଜେଏସ୍‌ପି ଅଧ୍ୟକ୍ଷ ନବୀନ ଜିନ୍ଦଲ ଏବଂ ଜେଏସ୍‌ପି ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କୁ ପ୍ରଶଂସା କରିଥିଲେ ଏବଂ କ୍ରୀଡ଼ାର ବିକାଶ ତଥା ସାମାଜିକ କଲ୍ୟାଣ କାର୍ଯ୍ୟରେ ଜେଏସପିର ଯୋଗଦାନକୁ ପ୍ରଶଂସା କରିଥିଲେ। ଉଲ୍ଲେଖନୀୟ ପ୍ରଦର୍ଶନକାରୀଙ୍କୁ ଏହି ଅବସରରେ ପୁରସ୍କାର



ପ୍ରଦାନ କରାଯାଇଥିଲା। ଝାରସୁଗୁଡ଼ାର ରିଙ୍କୁ ଓରାମ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ସମ୍ମାନିତ ହୋଇଥିଲେ। ଜଗା ୟୁନାଇଟେଡ୍ ଭୁବନେଶ୍ୱରର ଶିଶିର ନାୟକ ଶ୍ରେଷ୍ଠ ଗୋଲକିପର ପୁରସ୍କାର ପାଇଥିଲେ ଏବଂ ତୋଫାନ୍ ନାୟକଙ୍କୁ ତାଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ମ୍ୟାନ୍ ଅଫ୍ ଦି ଫାଇନାଲ୍ ମ୍ୟାଚ୍ ଭାବରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଦାମୋଦର ମିତ୍ତଲ ଟୁର୍ଣ୍ଣାମେଣ୍ଟକୁ ଏକ ବଡ଼ ସଫଳତା ଦେବାରେ ଜଡିତ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ସମ୍ପ୍ରଦାୟର ସେବା ପାଇଁ ସେ ଜେଏସ୍‌ପିର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସ୍ଥାନୀୟ କ୍ରୀଡ଼ା ପ୍ରତିଭାକୁ ଉତ୍ସାହିତ କରିବା ପାଇଁ ଫାଉଣ୍ଡେସନର ପ୍ରାଥମିକତା ଉପରେ ଆଲୋକପାତ କରିଥିଲେ। ଫାଇନାଲ୍ ମ୍ୟାଚ୍‌ରେ ଶିବ ଶଙ୍କର ପଣ୍ଡା, ଦିଲୀପ କୁମାର ରାଉତ, ଆଲୋକ ଦେହୁରୀ ଏବଂ ଭଲେଶ୍ୱର ଘଡାଇ ରେଫେରି ଭାବେ ମ୍ୟାଚ୍ ପରିଚାଳନା କରିଥିଲେ।

ଜିଏମ-ସିଏସଆର ଜୟନ୍ତ କୁମାର ମହାନ୍ତି ଏବଂ ତାଙ୍କ ଦଳ ଜିଲ୍ଲା କ୍ରୀଡ଼ା ପ୍ରାଧିକରଣ ଅନୁଗୁଳର ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟକୁ ସଫଳତାର ସହ ଆୟୋଜନ କରିଥିଲେ। ୧୨ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୨ଟି ଦଳ ସମ୍ମାନଜନକ ଓ.ପି ଜିନ୍ଦଲ ଟ୍ରଫି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।





ଭୁବନେଶ୍ୱର : ଆଜି ରାକ୍ଷୀ ପୂର୍ଣ୍ଣିମା । ଭାଇ ପାଇଁ ରାକ୍ଷୀ ଦୋକାନରେ ନିଜ ପସନ୍ଦର ରାକ୍ଷୀ କିଣିବାରେ ବ୍ୟସ୍ତ ଦୁଇ ଭଉଣୀ । (ଫଟୋ :ସମ୍ବାଦ କଳିକା)

## ବ୍ୟାପକ ହେଉଛି କୋଲକାତା କାଣ୍ଡର ପ୍ରତିବାଦ

# ପ୍ରତି ୨ ଘଣ୍ଟାରେ ଅପଡେଟ ଦେବାକୁ ସବୁ ରାଜ୍ୟକୁ କେନ୍ଦ୍ରର ନିର୍ଦ୍ଦେଶ

**ନୂଆଦିଲ୍ଲୀ,**
କୋଲକାତାରେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ସାରା ଦେଶରେ ଡାକ୍ତର ଆନ୍ଦୋଳନ ବ୍ୟାପକ ହେବାରେ ଲାଗିଛି । ସାରା ଦେଶରେ ଚିକିତ୍ସା ସେବା ପ୍ରଭାବିତ ହୋଇଛି । ଏହାକୁ ନେଇ ଆକ୍ସନମୋଡକୁ ଆସିଛି କେନ୍ଦ୍ର ଗୃହ ମନ୍ତ୍ରଣାଳୟ । ଜାରି ରହିଥିବା ଡାକ୍ତର ଆନ୍ଦୋଳନ ଓ ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କରେ ୨ ଘଣ୍ଟାରେ ଥରେ ଅପଡେଟ ଦେବାକୁ ପ୍ରତ୍ୟକ ରାଜ୍ୟକୁ ନିର୍ଦ୍ଦେଶ ଦେଇଛି ଗୃହ ମନ୍ତ୍ରଣାଳୟ । ରାଜ୍ୟ ପୋଲିସ ପ୍ରଶାସନକୁ ଗୃହ ମନ୍ତ୍ରଣାଳୟ ତରଫରୁ ଏନେଇ ଚିଠି ହୋଇଛି । ଚିଠିରେ ଉଲ୍ଲେଖ ରହିଥିବା ନିର୍ଦ୍ଦେଶ ଅନୁସାରେ, ବିରୋଧ ପ୍ରଦର୍ଶନ ଜାରି ରହିଥିବା ବେଳେ ଆଇନ ଶୃଙ୍ଖଳା ବ୍ୟବସ୍ଥା ଉପରରେ ପ୍ରତି ରାଜ୍ୟ ନଜର ରଖିବେ । ରାଜ୍ୟଗୁଡିକରେ ସ୍ଥିତି କିପରି ରହିଛି ସେନେଇ ଗୃହ ମନ୍ତ୍ରଣାଳୟକୁ ପ୍ରତି ଦୁଇ ଘଣ୍ଟାରେ ଅପଡେଟ ଦେବେ । ଅପରାହ୍ନ ୪ଟା ପରଠାରୁ ଫ୍ୟାକ୍ସ, ଇ-ମେଲ, ହ୍ୱାଟ୍ସଆପ ଦ୍ୱାରା ଗୃହ ମନ୍ତ୍ରଣାଳୟର ନିୟନ୍ତ୍ରଣ କକ୍ଷକୁ ରିପୋର୍ଟ ପଠାଇବେ । ଗୃହ ମନ୍ତ୍ରଣାଳୟ ହ୍ୱାଟ୍ସଆପ ନମ୍ବର, ଫ୍ୟାକ୍ସ ଆଇଡି ଓ ଇ-ମେଲ ଆଇଡି ମଧ୍ୟ ପ୍ରଦାନ କରାଯାଇଛି ।



ଅଗଷ୍ଟ ୯ ତାରିଖରେ କୋଲକାତାର ସରକାରୀ ଆର.ଜି କର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଡ୍ୟୁଟିରେ ଥିବାବେଳେ ଜଣେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା କରାଯାଇଥିଲା । ଘଟଣାର ପରଦିନ କୋଲକାତା ପୋଲିସର ଜଣେ ସିଭିଲିଆନ ଭଲ୍ୟୁଣ୍ଟିଅରଙ୍କୁ ଗିରଫ କରାଯାଇଥିଲା । କୋଲକାତା ହାଇକୋର୍ଟ ମଙ୍ଗଳବାର ଏହି ମାମଲା ସିବିଆଇକୁ ହସ୍ତାନ୍ତର କରିଥିଲେ। ଏହି ଘଟଣାରେ କୋଲକାତା ସମେତ ଦେଶର ବିଭିନ୍ନ ସ୍ଥାନରେ ଡାକ୍ତରମାନେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ ଜାରି ରଖିଛନ୍ତି। ଏହି ଘଟଣାର ତଦନ୍ତଭାର 'ସିବିଆଇ' ଗ୍ରହଣ କରିବା ପୂର୍ବରୁ ନାଟକୀୟ ଢଙ୍ଗରେ ବୁଧବାର ରାତିରେ ଏକ ଗୋଷ୍ଠୀ ହସ୍ପିଟାଲକୁ ପ୍ରବେଶ କରି ବ୍ୟାପକ ଭଙ୍ଗାରୁଜା କରିଥିଲେ । ପ୍ରମାଣ ନଷ୍ଟ କରିବା ପାଇଁ ଏହା ଏକ ରାଜନୈତିକ ଷଡଯନ୍ତ୍ର ବୋଲି ଅଭିଯୋଗ ହୋଇଥିଲା । ଏହି ଘଟଣାରେ ପୀଡିତାଙ୍କୁ ନ୍ୟାୟ ଦେବାକୁ ପାଇଁ ସାରା ଦେଶରେ ଆନ୍ଦୋଳନ ଜାରି ରହିଛି । ସମସ୍ତ ରାଜ୍ୟରେରେ ଡାକ୍ତରମାନେ ପ୍ରତିବାଦ କରୁଛନ୍ତି । ଗତକାଲି 'ଆଇଏମଏ' ତରଫରୁ ୨୪ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା । ହସ୍ପିଟାଲଗୁଡିକରେ ମହିଳା ଡାକ୍ତରଙ୍କ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛି 'ଆଇଏମଏ' ।

# ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ରେଂଜ ଆଇ.ଜି / ଡି.ଆଇ.ଜି ଙ୍କ ସହ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ବୈଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଶନିବାର ଅପରାହ୍ନରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧକ୍ଷତାରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି, ଅପରାଧ ଦମନ ଓ ନିୟନ୍ତ୍ରଣ ଏବଂ ପ୍ରଶାସନିକ ପ୍ରସଙ୍ଗ ସମ୍ପର୍କରେ ଏକ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ରାଜ୍ୟର ରେଞ୍ଜ ଆଇଜି, ଡିଆଇଜି ଏବଂ ସମସ୍ତ ଜିଲ୍ଲାର ଏସପିଙ୍କ ସହ ଭିଡ଼ିଓ କନଫରେନସିଂ ଜରିଆରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜାତୀୟ ସ୍ତରରେ ଓଡିଶା ପୋଲିସର ସ୍ୱତନ୍ତ୍ର ସୁନାମ ରହିଛି । ଏହାକୁ ଆଗାମୀ ଦିନରେ ବଜାୟ ରଖିବାକୁ ସମସ୍ତଙ୍କ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ଡିଜିପି ଶ୍ରୀ ଖୁରାନିଆ ମତବ୍ୟକ୍ତ କରିଥିଲେ । ଆସନ୍ତା ୨୦ ତାରିଖରୁ ବିଧାନସଭା ଦ୍ୱିତୀୟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି ଏବଂ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖିବାକୁ ସେ ପରାମର୍ଶ ଦେଇଥିଲେ। ସାଇବର ଅପରାଧ ବଢ଼ି ଚାଲିଥିବା ବେଳେ ଏହା ଉପରେ ରୋକ ଲଗାଇବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ସେ ଗୁରୁତ୍ୱ ଦେଇଥିଲେ। ଏହା ସହ ନକ୍ସଲ ଓ ଆତଙ୍କବାଦ କାର୍ଯ୍ୟକଳାପ ଉପରେ ସ୍ୱତନ୍ତ୍ର ନଜର ରଖିବା ଦିଗରେ ନିର୍ଦ୍ଦେଶ ଦେଇଥିଲେ। ଏତଦବ୍ୟତୀତ ଜନ ସାଧାରଣଙ୍କ ଅଭିଯୋଗକୁ ଧର୍ଯ୍ୟର ସହ ଶୁଣିବାକୁ ଡିଜିପି ପରାମର୍ଶ ଦେଇଥିଲେ। ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ବ୍ୟକ୍ତି ବିଶେଷଙ୍କୁ ଉତ୍ତମ ବ୍ୟବହାର ଏବଂ ସେମାନଙ୍କର ଅଭିଯୋଗକୁ ନିରପେକ୍ଷତାର ସହ ତଦନ୍ତ କରିବାକୁ ସେ ପରାମର୍ଶ ଦେଇଥିଲେ। ନୂତନ ଭାବେ ଲାଗୁ ହୋଇଥିବା ନିୟମ ଅନୁଯାୟୀ କାର୍ଯ୍ୟ କରିବା ଦିଗରେ ଡିଜିପି ପରାମର୍ଶ ଦେଇଥିଲେ। ଆଜିର ଏହି ବୈଠକରେ ବିନୟତୋଷ ମିଶ୍ର, ନିର୍ଦ୍ଦେଶକ (ଏସସିଆରବି) , ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି), ସଞ୍ଜୀବ ପଣ୍ଡା, କମିଶନର ପୋଲିସ (ଭୁବନେଶ୍ୱର-କଟକ), ଆର. କେ. ଶର୍ମା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ), ସୌମେନ୍ଦ୍ର ପ୍ରିୟଦର୍ଶୀ, ନିର୍ଦ୍ଦେଶକ (ଗୁଇନ୍ଦା), ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା), ଏସ. ଦେବଦତ୍ତ ସିଂ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଅପରେସନ), ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ), ରାଜେଶ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଲୱେ ଏବଂ କୋଷ୍ଟାଲ ସିକ୍ୟୁରିଟି), ଯତୀନ୍ଦ୍ର କୋୟଲ, ଆଇ.ଜି.ପି (ପ୍ରୋଭିଜନିଙ୍ଗ), ଶ୍ରୀମତୀ ଏସ. ସାଇନୀ, ଆଇ.ଜି.ପି (ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା), ଏସ. ପ୍ରବୀଣ କୁମାର, ଆଇ.ଜି.ପି (କାର୍ମିକ), ସଫିନ ଅହମ୍ମଦ, ଆଇ.ଜି.ପି (କ୍ରାଇମବ୍ରାଞ୍ଚ)ଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଗଣ ଉପସ୍ଥିତ ଥିଲେ ।





## ଶ୍ରୀମନ୍ଦିର ସମ୍ମୁଖରେ ସୂଚନା କେନ୍ଦ୍ର ନିର୍ମାଣକୁ ଜୋରଦାର ବିରୋଧ

# ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ପ୍ରଦାନ : ସିଂହଦ୍ୱାରର ହେବ ସୌନ୍ଦର୍ଯ୍ୟ ହାନି

**ପୁରୀ, ନ୍ୟୁଜ ବ୍ୟୁରୋ**
ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ନୂଆ ସୂଚନା କେନ୍ଦ୍ର ନିର୍ମାଣକୁ ସେବାୟତ ଓ ବୁଦ୍ଧିଜୀବୀଙ୍କ ବିରୋଧ । ନୂଆ ସୂଚନା କେନ୍ଦ୍ର ଦ୍ୱାରା ଶ୍ରୀମନ୍ଦିର ସିଂହଦ୍ୱାରର ହେବ ସୌନ୍ଦର୍ଯ୍ୟ ହାନି । ସୂଚନା କେନ୍ଦ୍ର ନିର୍ମାଣ ବନ୍ଦ ଦାବି ନେଇ ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଦିଆଗଲା ଦାବିପତ୍ର। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ନିର୍ମାଣ ଚାଲିଛି ସୂଚନା କେନ୍ଦ୍ର । ତେବେ ଏହି ନୂଆକରି ନିର୍ମାଣ ହେଉଥିବା ସୂଚନା କେନ୍ଦ୍ରକୁ ନେଇ ଉଠିଛି ବିରୋଧର ସ୍ୱର। ସିଂହଦ୍ୱାର ସମ୍ମୁଖରେ ଏହି ସୂଚନା କେନ୍ଦ୍ର ନିର୍ମାଣ ହେବାଦ୍ୱାରା ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖର ସୌନ୍ଦର୍ଯ୍ୟ ହାନୀ ହେବ । ସିଂହଦ୍ୱାରର ଡାହାଣ ପାର୍ଶ୍ୱରେ ଥିବା ସିଂହ ମୂର୍ତ୍ତି ଲୁଚିଯିବା ସହ ସିଂହଦ୍ୱାର ସମ୍ମୁଖ ରାସ୍ତା ମଧ୍ୟ ସଙ୍କୁଚିତ ହେବ । ଫଳରେ ଶ୍ରୀମନ୍ଦିରକୁ ଭକ୍ତମାନେ ପ୍ରବେଶ ନେଇ ବହୁ ଅସୁବିଧା ଭୋଗିବେ । କେବଳ ସେତିକି ନୁହେଁ ରଥଯାତ୍ରା ସମୟରେ ମହାପ୍ରଭୁଙ୍କର ପହଣ୍ଡି ବିଜେ ସମୟରେ ମଧ୍ୟ ସଙ୍କୁଚିତ ରାସ୍ତା ଯୋଗୁ ସମସ୍ୟା ସୃଷ୍ଟି ହେବ। ସେହିପରି ସିଂହଦ୍ୱାର ସମ୍ମୁଖରେ ଠିଆ ହୋଇ ପ୍ରଭୁ ପତିତପାବନ ଦର୍ଶନ କରୁଥିବା ଭକ୍ତମାନେ ମଧ୍ୟ ଭଲଭାବେ ଦର୍ଶନ କରିପାରିବେ ନାହିଁ । ଏଣୁ ସିଂହଦ୍ୱାର ସମ୍ମୁଖ ପରିବର୍ତ୍ତେ ଅନ୍ୟ କୌଣସି ସ୍ଥାନରେ ନୂଆ ସୂଚନା କେନ୍ଦ୍ର ନିର୍ମାଣ କରାଯାଉ ବୋଲି ଦାବି କରିଛନ୍ତି ବୁଦ୍ଧିଜୀବୀ ଓ ସେବାୟତ। ତେବେ ବୁଦ୍ଧିଜୀବୀ ଓ ସେବାୟତଙ୍କ ମତାମତ ନିଆନଯାଇ ଶ୍ରୀମନ୍ଦିର ପ୍ରଶାସନ ଏଭଳି ଏକପାଖିଆ ନିଷ୍ପତ୍ତି ନେବା ଠିକ୍ ନୁହେଁ ବୋଲି ମତ ରଖିଛନ୍ତି ସେବାୟତ ଓ ବୁଦ୍ଧିଜୀବୀ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପୂର୍ବରୁ ସିଂହଦ୍ୱାର ସମ୍ମୁଖରେ ମଧ୍ୟ ଏକ ସୂଚନା କେନ୍ଦ୍ର ରହିଥିଲା। ତେବେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପରେ ଶ୍ରୀମନ୍ଦିର ସିଂହଦ୍ୱାରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଏବଂ ସିଂହଦ୍ୱାର ସମ୍ମୁଖକୁ ଉନ୍ମୁକ୍ତ ରଖିବା ପାଇଁ ସୂଚନା କେନ୍ଦ୍ରକୁ ହଟେଇ ଦିଆଯାଇ ନିକଟସ୍ଥ ବାଗେଡିଆ ଧର୍ମଶାଳାରେ ସ୍ଥାପନା କରଯାଇଥିଲା । ଯାହାକି ଏହା ସୂଚର ରୂପେ କାର୍ଯ୍ୟ କରୁଥିବା ବେଳେ ପୁଣି କାହିଁକି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ଅବରୋଧ କରାଯାଇ ଆଉ ଏକ ସୂଚନା କେନ୍ଦ୍ର ନିର୍ମାଣ କରାଯାଉଛି ସେନେଇ ପ୍ରଶ୍ନ ଉଠିଛି । ଏନେଇ ପୁରୀ ସହରର ବୁଦ୍ଧିଜୀବୀ ଦିଲୀପ ବରାଳ କହିଛନ୍ତି, 'ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ହେଉଥିବା ସୁଚନା କେନ୍ଦ୍ରର ନିର୍ମାଣ ନେଇ ଏଏସଆଇର ଅନୁମତି ନାହିଁ । ଭିଭିଆଇପିଙ୍କ ସ୍ୱାର୍ଥ ପାଇଁ ପ୍ରସାଶନିକ ଅଧିକାରୀମାନେ ଏହି ସୁଚନା କେନ୍ଦ୍ର ନିର୍ମାଣ କରୁଛନ୍ତି । ଏହି କାର୍ଯ୍ୟ ତୁରନ୍ତ ବନ୍ଦ ହେବା ଦରକାର । ଏହି ସୂଚନା କେନ୍ଦ୍ର ହେଲେ ଶ୍ରୀମନ୍ଦିର ସିଂହଦ୍ୱାରର ଏକ ସିଂହ ମୂର୍ତ୍ତି ଦେଖାଯିବ ନାହିଁ । ସିଂହ ଦ୍ୱାର ସୋନ୍ଦର୍ଯ୍ୟ ନଷ୍ଟ ହେବ । ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟ ରକ୍ଷା ପାଇଁ ଏହି କାର୍ଯ୍ୟ ବନ୍ଦ କରିବା ନେଇ ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ମୁଁ ଦାବି ପତ୍ର ଦେଇଛି ।' ଶ୍ରୀ ମନ୍ଦିରର ସୌନ୍ଦର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ହେଲେ ଏଠି ସୂଚନା କେନ୍ଦ୍ର ଦ୍ୱାରା ଶ୍ରୀମନ୍ଦିର ସିଂହଦ୍ୱାରର ସୁନ୍ଦରତା ନଷ୍ଟ ହଉଛି । ଶ୍ରୀ ମନ୍ଦିର ଆସୁଥିବା ଭିଆଇପି ବିଭିନ୍ନ ସାମଗ୍ରୀ ରଖିବା ପାଇଁ ଏହି ସୂଚନା କେନ୍ଦ୍ର ନାମକୁ ମାତ୍ର ହେଉଥିବା ଦିଲୀପ ବରାଳ ଅଭିଯୋଗ କରିଛନ୍ତି । ଏହାକୁ ବନ୍ଦ କରାନଗଲେ ସେ ହାଇକୋର୍ଟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି । ସେହିପରି ଶ୍ରୀ ମନ୍ଦିର ବରିଷ୍ଠ ସେବାୟତ ଗୌରହରି ପ୍ରଧାନ କହିଛନ୍ତି, 'ଶ୍ରୀମନ୍ଦିର ପରିକ୍ରମା ମାର୍ଗ ହେବା ପରେ ଶ୍ରୀ ମନ୍ଦିର ସମ୍ମୁଖ ଉନ୍ମୁକ୍ତ ଦ୍ୱାରା ସୁନ୍ଦରତା ବୃଦ୍ଧି ପାଇଛି । ହେଲେ ସିଂହ ଦ୍ୱାର ରେ ପୁନର୍ବାର ସୁଚନା କେନ୍ଦ୍ର ହେଲେ ମନ୍ଦିର ର ସୁନ୍ଦରତା ରହିବ ନାହିଁ। ସୁଚନା କେନ୍ଦ୍ରକୁ ବହୁତ ଛୋଟ ଆକାରରେ କରାଯାଉଛି। ହେଲେ ଏହାକୁ ଅନ୍ୟ ସ୍ଥାନରେ ବଡ ଆକାରରେ କରାଗଲେ ଭକ୍ତ ଉପକୃତ ହୋଇ ପାରିବେ । ତେବେ ଏହାର ନିର୍ମାଣ ପୁର୍ବରୁ ସେବାୟତ ଓ ବୁଦ୍ଧିଜୀବୀଙ୍କ ମତାମତ ନେବା ଉଚିତ୍ ।'ସେପଟେ ଏନେଇ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରତିକ୍ରିୟା ରଖି କହିଛନ୍ତି, 'ଶ୍ରୀମନ୍ଦିର ପରିଚାଳନା କମିଟିର ନିଷ୍ପତ୍ତି ଅନୁଯାୟୀ ସିଂହଦ୍ୱାର ନିକଟରେ ପୁନର୍ବାର ସୂଚନା କେନ୍ଦ୍ର ନିର୍ମାଣ କରାଯାଉଛି । ଏହାଦ୍ୱାରା ଭକ୍ତ ମାନେ ସହଜରେ ସୂଚନା କେନ୍ଦ୍ରକୁ ଆସି ବିଭିନ୍ନ ସାହାଯ୍ୟ ସୁବିଧା ପାଇପାରିବେ। ଏନେଇ ଯଦି କୌଣସି ବ୍ୟକ୍ତି ବିଶେଷ ପ୍ରଶାସନ ପାଖରେ ନିଜର ମତାମତ ରଖନ୍ତି ତେବେ ତା'କୁ ଶ୍ରୀମନ୍ଦିର ପରିଚାଳନା କମିଟିରେ ଉପସ୍ଥାପନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।'

## ପିଏମ୍-ପୋଷଣ ଚାଉଳ ଯୋଗାଣରେ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି

# ଚାଉଳର ପରିମାଣ ଓ ମାନ ଉଭୟ ଉପରେ ଦିଆଯିବ ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପିଏମ୍-ପୋଷଣ ଯୋଜନା ଅନ୍ତର୍ଗତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଓ ପୁଷ୍ଟିକର ମଧ୍ୟାହ୍ନ ଭୋଜନ ଯୋଗାଇଦେବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛି । ପିଏମ୍-ପୋଷଣ ଚାଉଳ ଯୋଗାଣରେ ହେଉଥିବା ଅବ୍ୟବସ୍ଥାର ମୁକାବିଲା କରିବା ପାଇଁ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାକୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି । ଜିଲ୍ଲାପାଳଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ମଧ୍ୟାହ୍ନ ଭୋଜନ ଚାଉଳ ପରିବହନ କଣ୍ଟ୍ରାକମର ଜିଲ୍ଲା ଶିକ୍ଷାଅଧିକାରୀଙ୍କ ଠାରୁ ଚାଉଳ ବିତରଣ ସମ୍ବନ୍ଧୀୟ ବିବରଣୀ ଗ୍ରହଣ କରି ନିଜସ୍ୱ ପରିବହନ ଯାନ ଦ୍ୱାରା ଖାଦ୍ୟ ଯୋଗାଣ ନିଗମଠାରୁ ପୋଷଣଯୁକ୍ତ ଚାଉଳ ସଂଗ୍ରହ କରି ସିଧାସଳଖ ବିଦ୍ୟାଳୟରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା ରାଜ୍ୟ ଯୋଗାଣ ନିଗମରୁ ଉତ୍ତମ ମାନର ଚାଉଳ ଉଠାଣ କରାଯିବ । ପିଏମ୍-ପୋଷଣ ଚାଉଳ ଗ୍ରହଣ କରୁଥିବା ଅଧିକାରୀ ଚାଉଳର ପରିମାଣ ଓ ମାନ ଉଭୟ ଉପରେ ଗୁରୁତ୍ୱ ଦେବେ । ଚାଉଳ ଯୋଗାଣରେ ଥିବା କଣ୍ଟ୍ରାକଫରମାନେ ନିଜ ସହ ଓଜନ ମେସିନ୍ ରଖିବେ । ଯୋଗାଣ ସମୟରେ ଉପସ୍ଥିତ ଅଧିକାରୀ ବିତରଣ ଚାଲାଣକୁ ପ୍ରଥମେ ଯାଞ୍ଚ କରିବେ । ଯଦି ଚାଉଳର ଗୁଣବତ୍ତା ନିମ୍ନ ମାନର ଥିବା କିମ୍ବା ନିର୍ଦ୍ଧାରିତ ପରିମାଣଠାରୁ କମ୍ ଥିବ ତେବେ ସେମାନେ ଚାଉଳ ଗ୍ରହଣ କରିବେ ନାହିଁ ଏବଂ ଏହି ବାବଦରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ । ସମ୍ପୃକ୍ତ ଅଧିକାରୀ ଚାଉଳର ପରିମାଣ, କେତେ ସଂଖ୍ୟକ ଚାଉଳ ବସ୍ତା ରହିଛି ଓ ଗୁଣବତ୍ତାକୁ ବିତରଣ ଚାଲାଣରେ ଲେଖିବେ । ଏଥିସହିତ ଚାଲାଣରେ ନିଜେ ଦସ୍ତଖତ କରିବା ସହ ତାରିଖ ମଧ୍ୟ ଲେଖିବେ । ପିଏମ୍-ପୋଷଣ ଚାଉଳ ପରିବହନ ଓ ବିତରଣ ବ୍ୟବସ୍ଥାରେ ଦେଖାଯାଉଥିବା ଅବ୍ୟବସ୍ଥାକୁ ପ୍ରତିହତ କରିବା ପାଇଁ ଜିଲ୍ଲାସ୍ତରରେ ଏସ.ଏମ.ଏସ ଆଲର୍ଟ ସିଷ୍ଟମର ମଧ୍ୟ ବ୍ୟବସ୍ଥା କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ସୂଚନାଯୋଗ୍ୟ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପତ୍ର ସଂଖ୍ୟା- ୩୧୨ ତା-୧୩.୦୩.୨୦୧୫ ରିଖରେ ମଧ୍ୟାହ୍ନ ଭୋଜନ ପାଇଁ ବ୍ୟବହୃତ ଚାଉଳର ଯୋଗାଣ ସମ୍ବନ୍ଧୀୟ ପ୍ରାମାଣିକ ଧାରା (ଏସ.ଓ.ପି) କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ବର୍ତ୍ତମାନ ରାଜ୍ୟ ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟ (ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ)ଙ୍କ ପତ୍ର ସଂଖ୍ୟା- ୫୪୫ ତା- ୦୩.୦୮.୨୦୨୪ ରିଖରେ ପୁଷ୍ଟମିକର ଚାଉଳ ଉଠାଣ ଓ ବିତରଣ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଉଲ୍ଲେଖ କରାଯାଇଛି ।

# ଓଡ଼ିଶା ଆସିବେ ୫ ମହାବଳ : ବାଘଙ୍କ ପାଇଁ ପ୍ରସ୍ତୁତ ଦେବ୍ରିଗଡ଼ ଅଭୟାରଣ୍ୟ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**
ଓଡ଼ିଶା ଆସିବେ ୫ ମହାବଳ । ଏମାନଙ୍କ ମଧ୍ୟରୁ ୩ଟି ମହାବଳ ବାଘକୁ ସମ୍ବଲପୁର ଦେବ୍ରିଗଡ଼ ଅଭୟାରଣ୍ୟକୁ ଅଣାଯିବ । ଏନେଇ Central Zoo Authorityଙ୍କୁ ପୂର୍ବରୁ ପ୍ରସ୍ତାବ ଦିଆଯାଇଥିବା ବେଳେ ଏହି ପ୍ରସ୍ତାବକୁ ସ୍ୱୀକୃତି ମିଳିଥିବାରୁ ମହାବଳ ବାଘ ସମ୍ବଲପୁର ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଅଧୀନରେ ଥିବା ଦେବ୍ରିଗଡ଼ ଅଭୟାରଣ୍ୟକୁ ଅଣାଯିବ । ସମ୍ବଲପୁର ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଅଧୀନରେ ଥିବା ଦେବ୍ରିଗଡ଼ ଅଭୟାରଣ୍ୟରେ ବିଭିନ୍ନ ପ୍ରଜାତିର ଜୀବ ଜନ୍ତୁ ଅଛନ୍ତି । ପାଖରେ ହୀରାକୁଦ ଜଳ ଭଣ୍ଡାର ଥିବାରୁ ଏଠାରେ ଜୀବଜନ୍ତୁଙ୍କ ପାଇଁ ପର୍ଯ୍ୟାପ୍ତ ପାଣିର ବ୍ୟବସ୍ଥା ରହିଛି । ଆଉ ବର୍ତ୍ତମାନ ହୀରାକୁଦ ବନ୍ୟପ୍ରାଣୀ ବିଭାଗର ସଠିକ ବନ୍ୟ ପରିଚାଳନା ଯୋଗୁଁ ଏଠାରେ ପର୍ଯ୍ୟାପ୍ତ ତୃଣଭୂମି ସୃଷ୍ଟି ହୋଇ ପାରିଛି । ଏହାସହ ଅଭୟାରଣ୍ୟର ଆଖପାଖ ଗାଁ ଲୋକେ ଏଠାରେ ନିଯୁକ୍ତି ପାଇବା ସହ ଜୀବଜନ୍ତୁ ସୁରକ୍ଷାରେ ପ୍ରମୁଖ ଭୂମିକା ନିଭାଉଛନ୍ତି । ତେଣୁ ଏଠାକୁ ବାଘ ଆସିଲେ କୌଣସି ଅସୁବିଧା ନାହିଁ । ଦେବ୍ରିଗଡ଼ ଅଭୟାରଣ୍ୟ ପାଇଁ ୩ଟି ମହାବଳ ଅଗଷ୍ଟ ଶେଷ ସୁଦ୍ଧା ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରୁ ଆସିବେ । ବନ ବିଭାଗର ତଥ୍ୟ ଅନୁସାରେ ଦେବ୍ରିଗଡ଼ ପାଇଁ ୩ ମହାବଳ ମଧ୍ୟରୁ ଗୋଟିଏ ମହାବଳ ଏବଂ ୨ଟି ବାଘୁଣୀ ଅଣାଯିବ । ଏନେଇ ହୀରାକୁଦ ବନ୍ୟପ୍ରାଣୀ ବିଭାଗର ଅଂଶୁପ୍ରଜ୍ଞା ଦାସ କହିଛନ୍ତି, 'ଦେବ୍ରିଗଡ଼ ଅଭୟାରଣ୍ୟରେ ବାଘ ପାଇଁ ଉପଯୁକ୍ତ ପରିବେଶ ଅଛି । ଗତ ବର୍ଷ ଯେତେବେଳେ ଗୋଟିଏ ମାହବଳ ବାଘ ତେଲେଙ୍ଗାନାରୁ ଚାଲି ଚାଲି ଆସି ଛତିଶଗଡ ଦେଇ ଦେବ୍ରିଗଡ଼ରେ ବର୍ଷେ ଧରି ରହିଲା । ଯାହା ପ୍ରମାଣିତ କରୁଛି ଯେ, ଦେବ୍ରିଗଡ଼ ବାଘଙ୍କ ପାଇଁ ଉପଯୁକ୍ତ ସ୍ଥାନ । ବାଘଟି ଏହି ଜାନୁଆରୀରୁ ଫେବୃଆରୀ ମାସରେ ଦେବ୍ରିଗଡ଼ ଛାଡି ଛତିଶଗଡ ଆଡକୁ ମୁହାଁଇଥିଲା । ଆମେ ଏନେଇ ତାଙ୍କ କର୍ତ୍ତୃପକ୍ଷଙ୍କୁ ଜଣେଇ ଦେଇଥିଲୁ ଯେ, ବାଘଟି ଏଠାରୁ ପଳାଇଛି ।' ସୂଚନାଯୋଗ୍ୟ ଯେ ଗତ ଡିସେମ୍ବର ୧, ୨୦୨୨ରେ ଏହି ବାଘ ତେଲେଙ୍ଗାନାରୁ ଦେବ୍ରିଗଡ଼କୁ ଆସି ପାଖାପାଖି ଏକ ବର୍ଷ ରହିଥିଲା । ଦେବ୍ରିଗଡ଼ରେ ବାଘ ଆସିବା ପ୍ରସଙ୍ଗ ନେଇ ଅଂଶୁପ୍ରଜ୍ଞା ଦାସ କହିଛନ୍ତି, 'ଆମେ ପ୍ରଥମେ ଦେବ୍ରିଗଡ଼ ଅଭୟାରଣ୍ୟରେ ପ୍ରୋଟୋକଲକୁ କମ୍ୟୁନିଟି ସହାୟତାରେ ବହୁତ ଭଲ ଭାବେ ମେଣ୍ଟେନ କରିଛୁ । ଭିତରେ ଯେତିକି ଗାଁ ଥିଲେ ସବୁ ଅସୁବିଧାରେ ରହୁଥିଲେ । ସବୁ ଗାଁ ଗୁଡିକୁ ଆମେ ବାହାରେ ଥଇଥାନ କରିଛୁ। ଭିତରେ ଯେଉଁ ଜାଗା କରାଗଲା ସେଥିରେ ଆମେ ଗ୍ରାସ ଲ୍ୟାଣ୍ଡ ବନେଇଛୁ। ଏହା ଦ୍ୱାରା ଜନ୍ତୁଙ୍କୁ ଜଙ୍ଗଲ ଭିତରେ ଯଥେଷ୍ଟ ପରିମାଣର ଖାଦ୍ୟ ମିଳିଲା । ସେମାନେ ଯେଉଁ ଗାଁ ମୁହାଁ ହେଉଥିଲେ, ସବୁ ବେଳେ ଗାଁ ଯାଇ ଫସଲ କ୍ଷୟକ୍ଷତି କରୁଥିଲେ ସେଟା ଏବେ ଧିରେ ଧିରେ କମି ଆସିଲାଣି ।' ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ଆହୁରି ମଧ୍ୟ କହିଛନ୍ତି, 'ଯେହେତୁ ଐବଭସତ୍ତ୍ୱବସ୍ତ୍ୱ ଆମେ ଭଲ ବନେଇଛୁ, ଆମ କର୍ମଚାରୀ ବି ଭଲ କାମ କରି ଭଲ ବାବରେ ବନେଇଛନ୍ତି । ଆଖପାଖି ଗାଁ ଲୋକମାନେ ସମ୍ପୂର୍ଣ୍ଣ ଭାବରେ ସାହାଯ୍ୟ ସହଯୋଗ କରିଛନ୍ତି। ସେଥିପାଇଁ ଗତବର୍ଷ ତେଲେଙ୍ଗାନାରୁ ଆସିଥିବା ବାଘଟି ବର୍ଷେ ଧରି ଭଲ ଭାବରେ ରହି ପାରିଲା ।


ପାୱାରଗ୍ରୀଡ
POWERGRID

**ସୂଚନା**

୧. ସିଇଆରସି ( ବ୍ୟବସାୟର ସଞ୍ଚାଳନ)ବିନିୟମ ୧୯୯୯ ଓ ସିଇଆରସି ( ଶୁଳ୍କର ସର୍ତ୍ତ ଓ ନିୟମ) ବିନିୟମ ୨୦୧୯ର ବିନିୟମ -୮୬ ଅନୁଯାୟୀ ଅନୁମୋଦନ :୧) ୨୦୧୯-୨୪ର ତାରିଫ୍ ବ୍ଲକ୍ ନିମନ୍ତେ ଟ୍ରାନ୍ସମିସନ ଟାରିଫ୍‌ର ଟ୍ରୁଇଂ ଅଫ୍ ଓ ୨ ପୂର୍ବ କ୍ଷେତ୍ରରେ ଏସ୍‌ଏଲ୍‌ଡିସି ପ୍ରଣାଳୀର ଏସ୍‌ସିଏଡିଏ / ଇଏମ୍‌ଏସ୍ ସିଷ୍ଟମ୍‌ର ବିସ୍ତାର /ଅନ୍ୟାନ୍ୟ ଅନୁଯାୟୀ ପରିସମ୍ପତ୍ତି ନିମନ୍ତେ ୨୦୨୪-୨୯ଟାରିଫ୍ ବ୍ଲକ ନିମନ୍ତେ ଟ୍ରାନ୍ସମିସନ ଟାରିଫ୍ ନିର୍ଦ୍ଧାରଣ।
୨. ଉପଯୁକ୍ତ ପାରିଷଣ ପ୍ରଣାଳୀ ସଂଯୁକ୍ତ ପରିସମ୍ପତ୍ତିର ଲାଭାର୍ଥୀ : ୧ ବିହାର ଷ୍ଟେଟ୍ ପାୱାର (ଫୋଲଡିଂ ) କମ୍ପାନୀ ନିମନ୍ତେ ଲିମିଟେଡ୍ (୨) ୱେଷ୍ଟ ବେଙ୍ଗଲ ଷ୍ଟେଟ୍ ଇଲେକ୍ଟ୍ରିସିଟି ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ୍ (୩) ଗ୍ରୀଡ୍ କର୍ପୋରେସନ ଅଫ୍ ଓଡ଼ିଶା ଲିମିଟେଡ୍ (୪) ଦାମୋଦର ଭ୍ୟାଲି କର୍ପୋରେସନ (୫) ପାୱାର ଡିପାର୍ଟମେଣ୍ଟ, ସିକିମ୍ ସରକାର ଗାଙ୍ଗଟକ (୬) ଝାଡଖଣ୍ଡ ବିଜୁଳୀ ବିତରଣ ନିଗମ ଲିମିଟେଡ୍ ।
୩. ଟାରିଫ୍ ବିବରଣୀ :
କ) ୨୦୧୯-୨୪ ବ୍ଲକ (₹ ଲକ୍ଷରେ)

| ପରିସମ୍ପତ୍ତି ବିବରଣୀ | ଡିଓସିଓ / ଇସିଓଡି | ୩୧.୦୩.୨୦୨୪ ପର୍ଯ୍ୟନ୍ତ କାର୍ଯ୍ୟ ପୂର୍ଣ୍ଣ ହେବାର ଖର୍ଚ୍ଚ | | ୨୦୧୯-୨୦ | ୨୦୨୦-୨୧ | ୨୦୨୧-୨୨ | ୨୦୨୨-୨୩ | ୨୦୨୩-୨୪ |
|---|---|---|---|---|---|---|---|---|
| ସଂଯୁକ୍ତ ପରିସମ୍ପତ୍ତି | ୦୬.୦୭. ୨୦୧୬ | ୪୦୫୦.୪୫ | ଟ୍ରୁଇଂ ଅଫ୍ ଆଧାରରେ ସଂଶୋଧିତ ଏଏଫ୍‌ସି | ୧୦୦୯.୨୦ | ୯୫୨.୫୯ | ୯୦୨.୮୫ | ୮୬୩.୨୮ | ୮୪୮.୩୨ |

ଖ) ୨୦୨୪-୨୯ ବ୍ଲକ

| ପରିସମ୍ପତ୍ତି ବିବରଣୀ | ୩୧.୦୩.୨୦୨୯ ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଖର୍ଚ୍ଚ | | ୨୦୨୪-୨୫ | ୨୦୨୫-୨୬ | ୨୦୨୬-୨୭ | ୨୦୨୭-୨୮ | ୨୦୨୮-୨୯ |
|---|---|---|---|---|---|---|---|
| ସଂଯୁକ୍ତ ପରିସମ୍ପତ୍ତି | ୪୦୫୦.୪୫ | ଏଏଫ୍‌ସି | ୬୩୫.୩୨ | ୨୩୧.୬୩ | ୨୩୧.୬୩ | ୨୩୧.୬୨ | ୨୩୧.୬୩ |

୪. ଟାରିଫ୍ ନିର୍ଦ୍ଧାରଣ ନିମନ୍ତେ କରାଯାଇଥିବା ଆବେଦନର ଏକ କପି ଆବେଦକଙ୍କ ୱେବସାଇଟ୍ www.powergrid.in ପୋଷ୍ଟ କରାଯାଇଛି।
୫.ଆବେଦନରେ ନିହିତ ଟାରିଫ୍‌ର ନିର୍ଦ୍ଧାରଣ ହେତୁ ପ୍ରସ୍ତାବ ଉପରେ ଲାଭାର୍ଥୀ ସହିତ କୌଣସି ବ୍ୟକ୍ତି ଦ୍ୱାରା ପରାମର୍ଶ ଓ ଆପତ୍ତି ଯଦି କୌଣସି ଥାଏ ଆବେଦକଙ୍କୁ ଏହାର କର୍ପୋରେଟ୍ କାର୍ଯ୍ୟାଳୟ ଠିକଣାରେ ଏକ କପି ସହିତ ସଚିବ,କେନ୍ଦ୍ରୀୟ ବିଦ୍ୟୁତ ବିନିୟାମକ ଆୟୋଗ, ତୃତୀୟ ଏବଂ ଚତୁର୍ଥ ମହଲା ଚନ୍ଦ୍ର ଲୋକ ବିଲ୍ଡିଂ ଜନପଥ ନୂଆଦିଲ୍ଲୀ- ୧୧୦୦୦୧ (ବା ଅନ୍ୟ ଠିକଣା ଉପରେ ଯେଉଁ ଠାରେ ଆୟୋଗର କାର୍ଯ୍ୟାଳୟ ରହିଛି)କୁ ଏହି ସୂଚନା ପ୍ରକାଶନର ୩୦ ଦିନ ଭିତରେ ପ୍ରସ୍ତୁତ କରାଯାଇ ପାରିବ।

ସ୍ଥାନ- ଗୁରୁଗ୍ରାମ
ତାରିଖ : ୧୭.୦୮.୨୦୨୪

ସ୍ୱା./-
ମହାପ୍ରବନ୍ଧକ (ବାଣିଜ୍ୟିକ)

**ପାୱାରଗ୍ରୀଡ୍ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍**
ଭାରତ ସରକାରଙ୍କ ଏକ ଉଦ୍ୟୋଗ
ପଞ୍ଜୀକୃତ କାର୍ଯ୍ୟାଳୟ : ବି-୯ କୁତୁବ ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, କଟୱାରିଆ ସରାଇ ନୂଆଦିଲ୍ଲୀ-୧୧୦୦୧୬
କେନ୍ଦ୍ରୀୟ କାର୍ଯ୍ୟାଳୟ : ସୌଦାମିନୀ, ପ୍ଲଟ ସଂଖ୍ୟା-୨, ସେକ୍ଟର-୨୯, ଗୁରୁଗ୍ରାମ, ହରିଆନା-୧୨୨୦୦୧
ଫୋନ୍ : ୦୧୨୪-୨୫୭୧୭୦୦-୭୧୯ ୱେବସାଇଟ :www.powergrid.in ସିଆଇଏନ୍ : ଏଲ୍୪୦୧୦୧ଡିଏଲ୍୧୯୮୯ଜିଓଆଇ୦୩୮୧୨୧
ଏକ ମହାରତ୍ନ ପିଏସ୍‌ୟୁ
PG/CC/Notice-53/Advt-74/2024-25 Perfect10


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନିଜ ଆଡୁ ହସ୍ତକ୍ଷେପ...

ଡ୍ୟୁଟି ବେଳେ ସୁରକ୍ଷା ଦାବି କରି ଆନ୍ଦୋଳନ କରୁଛନ୍ତି । ତେଣୁ ସୁପ୍ରିମକୋର୍ଟ ଏହି ଭୟଙ୍କର ଘଟଣାରେ ହସ୍ତକ୍ଷେପ କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼, ଜଷ୍ଟିସ ଜେବି ପାରଡିୱାଲା ଓ ଜଷ୍ଟିସ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଏହାର ଶୁଣାଣି ଆସନ୍ତା ୨୦ ତାରିଖରେ କରିବେ। ସୂଚନାଯୋଗ୍ୟ ଯେ, ଗତ ଅଗଷ୍ଟ ୯ ତାରିଖରେ କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ସେମିନାର ରୁମରୁ ୩୧ ବର୍ଷୀୟ ମହିଳା ଡାକ୍ତରଙ୍କ କ୍ଷତାକ୍ତ ମୃତଦେହ ମିଳିଥିଲା। ଏହି ଘଟଣା ବିରୋଧରେ ପୂରା ଦେଶରେ ଏବେ ବି ବିକ୍ଷୋଭ ଜାରି ରହିଛି। ଘଟଣାର ୧୨ ଘଣ୍ଟା ମଧ୍ୟରେ ପୁଲିସ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସଞ୍ଜୟ ରୟକୁ ଗିରଫ କରିଥିଲା।

## ଅଷ୍ଟମ ବେତନ...

ସେହିଭଳି ସପ୍ତମ ବେତନ ଆୟୋଗର ସୁପାରିସ କାର୍ଯ୍ୟକାରୀ ହେବାଦ୍ୱାରା ସର୍ବନିମ୍ନ ପେନସନ ରାଶି ୩୫୦୦ ଟଙ୍କା ପରିବର୍ତ୍ତେ ୯ ହଜାର ଟଙ୍କାକୁ ବୃଦ୍ଧି ପାଇଥିଲା । ଅନ୍ୟପକ୍ଷରେ ସର୍ବାଧିକ ବେତନ ୨ ଲକ୍ଷ ୫୦ ହଜାର ଓ ସର୍ବାଧିକ ପେନସନ ୧ ଲକ୍ଷ ୨୫ ହଜାରରେ ସ୍ଥିର ହୋଇଥିଲା। କିନ୍ତୁ ଏକ ରିପୋର୍ଟ ଅନୁଯାୟୀ ଅଷ୍ଟମ ବେତନ ଆୟୋଗ କାର୍ଯ୍ୟକାରୀ ସମୟରେ ଫିଟ୍‌ମେଣ୍ଟ ଫ୍ୟାକ୍ଟର ୧.୯୨ ରହିପାରେ। ବର୍ତ୍ତମାନର ସର୍ବନିମ୍ନ ବେତନ ୧୮ ହଜାର ଟଙ୍କା ଥିବାରୁ ନୂଆ ବେତନ ଆୟୋଗ ରିପୋର୍ଟ ଆସିଲେ ସର୍ବନିମ୍ନ ବେତନ ୩୪୫୬୦ ଟଙ୍କା ହେବ। ସେହିଭଳି ସର୍ବନିମ୍ନ ପେନସନ ୧୭,୨୮୦ ଟଙ୍କା ହେବ। ତେଣୁ ଯଦି ମୋଦି ସରକାର ନୂଆ ବେତନ ଆୟୋଗ ଗଠନ କରି କର୍ମଚାରୀମାନଙ୍କ ବେତନରେ ସଂଶୋଧନ ଆଣନ୍ତି ତାହେଲେ ସେମାନଙ୍କ ଦରମା ବଢିଯିବ। ସେହିଭଳି ପେନସନଭୋଗୀମାନେ ମଧ୍ୟ ଉପକୃତ ହେବେ।

## ୩ ଦିନ ପ୍ରବଳ...

ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୧୯ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼ ଓ କେନ୍ଦୁଝର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୨୦ ତାରିଖ ପାଇଁ ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାକୁ ସତର୍କ ସୂଚନା ଜାରି ହୋଇଛି ।୨୧ ପରେ ବର୍ଷାର ପରିମାଣ କମିବ। ଅନ୍ୟପଟେ ଚଳିତ ମୌସୁମୀରେ ୭୬୦.୦ ମିମି ସ୍ୱାଭାବିକ ବର୍ଷା ହେବା କଥା କିନ୍ତୁ ୬୮୦.୫ ମିମି ବର୍ଷା ହୋଇଛି । ଏହା ୧୦ ପ୍ରତିଶତ ନିଅଣ୍ଟିଆ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ଜେଏନୟୁରେ ଆର୍ଥିକ ...

ହେଉଛନ୍ତି । ସେ କହିଛନ୍ତି ଯେ ଜେଏନୟୁ ଅର୍ଥ ଅଭାବର ସମ୍ମୁଖୀନ ହେଉଛି । ସେହି କାରଣରୁ, ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ଏହାର କିଛି ସମ୍ପତ୍ତି ବିକ୍ରୟ କରିବାକୁ ଚିନ୍ତା କରୁଛି । ସେ କହିଛନ୍ତି ଯେ ଗୋମତି ଗେଷ୍ଟ ହାଉସ ଏବଂ ଫିରୋଜ ସାହା ରୋଡର ସମ୍ପତ୍ତିର ପୁନଃବିକାଶ କରି ସରକାରୀ ଘରୋଇ ଭାଗିଦାରୀ ଅଧୀନରେ ସେଗୁଡିକୁ ଭଡ଼ାରେ ଦେବାକୁ ଚାହୁଁଛନ୍ତି। ଯେଉଁଥିପାଇଁ ବିଶ୍ୱବିଦ୍ୟାଳୟ ପ୍ରତି ମାସରେ ୫୦,୦୦୦ ରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବ । ଏହି ପରିପ୍ରେକ୍ଷୀରେ ଶିକ୍ଷା ମନ୍ତ୍ରଣାଳୟ ସହିତ ଆଲୋଚନା କରିବା ପାଇଁ ଏକ ପ୍ରସ୍ତାବ ଉପରେ ବିଚାର କରାଯାଉଛି। ସେହିପରି ବିଶ୍ୱବିଦ୍ୟାଳୟ ପରିସରରେ ଥିବା କିଛି ଶିକ୍ଷାନୁଷ୍ଠାନ ବର୍ଷ ବର୍ଷ ଧରି କୌଣସି ଭଡା ଦେଉନାହାନ୍ତି । କିନ୍ତୁ ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ସେହି ସଂସ୍ଥାଗୁଡ଼ିକରୁ ପ୍ରତି ମାସରେ ଭଡା ସଂଗ୍ରହ କରିବାକୁ ଯୋଜନା କରୁଛି । ଯାହାଫଳରେ ବିଶ୍ୱବିଦ୍ୟାଳୟ ଉପରେ ଥିବା ଆର୍ଥିକ ବୋଝ ଦୂର ହୋଇପାରିବ।

## ଭୁବନେଶ୍ୱର ପରେ...

ରାଜୁ ମଣ୍ଡଳ ହୋଇଥାଇପାରନ୍ତି ବୋଲି ମହିଳା ଜଣକ କହିଛନ୍ତି।
ସିମ୍ ବକ୍ସ ଏକ ଡିଭାଇସ ହୋଇଥିବା ବେଳେ ସେଥିରୁ ବିଶ୍ୱର ଯେ କୌଣସି ସ୍ଥାନକୁ କଲ ଓ ଗ୍ରୁପ ମେସେଜ ମଧ୍ୟ କରାଯାଇପାରିବ। ହେଲେ କଲ କେଉଁଠୁ ଯାଉଛି ଏବଂ ତାହା ବିଦେଶୀ କଲ ବୋଲି ରିସିଭରଙ୍କୁ ଜଣାପଡ଼ିନଥାଏ। ବିଶେଷଜ୍ଞଙ୍କ ମତରେ ସିମ୍ ବକ୍ସ ବ୍ୟବହାର କରି ଆତଙ୍କବାଦୀ ନେଟୱାର୍କ ପରିଚାଳନା, ସାଇବର ଫ୍ରଡ ଏବଂ ବିଦେଶକୁ ଗୁପ୍ତ ତଥ୍ୟ ପ୍ରଦାନ ଭଳି ସାଂଘାତିକ ଅପରାଧ ଘଟାଯାଇପାରେ। କମିଶନରେଟ ପୁଲିସ୍‌ର ସ୍ୱତନ୍ତ୍ର ଟିମ୍ ଓ ସାଇଣ୍ଟିଫିକ ଟିମ୍ ସିମ୍ ବକ୍ସ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ଉତର ପ୍ରଦେଶର ବୁଲନ୍ଦସହରରେ ସଡ଼କ ଦୁର୍ଘଟଣା : ୧୦ ମୃତ, ୨୯ ଆହତ

**ବୁଲନ୍ଦସହର,**
ଉତ୍ତର ପ୍ରଦେଶର ବୁଲନ୍ଦସହର ଜିଲ୍ଲାର ସଲେମପୁର ଥାନା ଅଂଚଳରେ ଶିକାରପୁର-ବୁଲନ୍ଦସହର ରୋଡରେ ମ୍ୟାକ୍ସ ପିକଅପ ଓ ଘରୋଇ ବସରେ ରବିବାର ସକାଳେ ହୋଇଥିବା ଦୁର୍ଘଟଣାରେ ୧୦ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୨୯ଜଣ ଆହତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁର୍ଘଟଣା ସଂପର୍କରେ ଅନୁଧ୍ୟାନ କରିବା ସହ ଆହତଙ୍କ ଚିକିତ୍ସା କରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳଙ୍କ ମୁତାବକ ଆଜି ଏକ ପିକଅପ ଭାଡି ଗାଜିଆବାଦରୁ ସଂଭଲ ଅଭିମୁଖେ ଯାଉଥିଲା ଏବଂ ଏକ ଘରୋଇ ବସ ବୁଲନ୍ଦସହର ଅଭିମୁଖେ ଯାଉଥିଲା । ଏହି ସମୟରେ ସଲେମପୁର ଥାନା ଅଂଚଳରେ ପିକଅପ ଓ ଘରୋଇ ବସ ମୁହାଁମୁହିଁ ମଧ୍ୟରେ ଭୀଷଣ ଧକ୍କା ହୋଇଛି । ଦୁଇଟି ଗାଡିରେ ପ୍ରାୟ ୩୯ଜଣ ଲୋକ ଥିଲେ । ଏଥିରୁ ୧୦ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୯ଜଣ ଆହତ ହୋଇଛନ୍ତି । ପୋଲିସ ୮ଟି ମୃତଦେହର ଚିହ୍ନଟ କରିଛି ।

ଓଡ଼ିଆ ଦୈନିକ

ଭୁବନେଶ୍ୱର
୧୯ ଅଗଷ୍ଟ
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24








ଭୁବନେଶ୍ୱର : କୋଲକାତାର ଆର.ଜି.କର ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ର ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା କରାଯିବା ଘଟଣାର ପ୍ରତିବାଦରେ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍, ଭୁବନେଶ୍ୱରର ଡାକ୍ତର, ନର୍ସ ଏବଂ କର୍ମଚାରୀଙ୍କ ବିକ୍ଷୋଭ ପ୍ରଦର୍ଶନ । ଏହି ବର୍ବରୋଚିତ ତଥା ଲଜ୍ଜାଜନକ ଘଟଣାରେ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ପ୍ରଦାନ ସହ ପୀଡିତାଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ବିକ୍ଷୋଭକାରୀମାନେ ଦାବି କରିଛନ୍ତି। (ଫଟୋ : ସମ୍ବାଦ କଳିକା)

## ଜିଏସଟିର ଆସିଷ୍ଟାଣ୍ଟ କମିଶନର ଓ ଦୁଇ ସହଯୋଗୀ ଗିରଫ

**ଭୁବନେଶ୍ୱର, ୧୮ /୦୮
ନ୍ୟୁଜ ବ୍ୟୁରୋ**

ସିଟି ଓ ଜିଏସଟିର ଆସିଷ୍ଟାଣ୍ଟ କମିସନର ବିନୟ ଭୂଷଣ ତ୍ରିପାଠୀ ଏବଂ ତାଙ୍କର ଦୁଇଜଣ ସହଯୋଗୀଙ୍କୁ ଗିରଫ କରିଛି ଭିଜିଲାନ୍ସ । ସରକାରୀ ଟଙ୍କା ଆତ୍ମସାତ ଘଟଣାରେ ଗିରଫ କରିଛି ଭିଜିଲାନ୍ସ । ୫ ଲକ୍ଷ ୫୮ ହଜାରରୁ ଅଧିକ ଟଙ୍କା ଆତ୍ମସାତ ନେଇ ଶନିବାର ବିନୟ ଭୂଷଣ ତ୍ରିପାଠୀଙ୍କ ଘରେ ରେଡ କରିଥିଲା ଭିଜିଲାନ୍ସ । ସମସ୍ତ ଲାଞ୍ଚ ଟଙ୍କାକୁ ନିଜ ପରିବାର ଲୋକଙ୍କ ବିଭିନ୍ନ ଆକାଉଣ୍ଟରେ ଡିପୋଜିଟ କରିଥିଲେ ବିନୟ । ପରେ ସେହି ଟଙ୍କାକୁ ନିଜ ବାପାଙ୍କ ନାଁରେ ଆକାଉଣ୍ଟ ଖୋଲି ଫିକ୍ସ ଡିପୋଜିଟ କରିଥିଲେ । ଯାହାର ତଥ୍ୟ ଭିଜିଲାନ୍ସ ହାତରେ ଲାଗିଛି ।

## ରାଷ୍ଟ୍ରପତି ଭବନରେ ରକ୍ଷା ବନ୍ଧନ ପାଳିବେ ଓଡ଼ିଶାର ୨୫ ସ୍କୁଲ ଛାତ୍ରଛାତ୍ରୀ



**ଭୁବନେଶ୍ୱର, ୧୮/୦୮ ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ରାଷ୍ଟ୍ରପତି ଭବନ ପରିସରରେ ଅନୁଷ୍ଠିତ ହେଉଛି । ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହିତ ଏହି ଉତ୍ସବ ପାଳନ ପାଇଁ ଓଡ଼ିଶାର ବିଭିନ୍ନ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ୨୫ ଜଣ ଛାତ୍ରଛାତ୍ରୀ ରବିବାର ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ନୂଆଦିଲ୍ଲୀ ଅଭିମୁଖେ ଗସ୍ତ କରିଛନ୍ତି । ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ରାଷ୍ଟ୍ରପତି ଭବନରେ ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯିବ । ରକ୍ଷା ବନ୍ଧନ ଉତ୍ସବ ପାଳନ ପରେ ମହାମହିମ ରାଷ୍ଟ୍ରପତିଙ୍କ ସହିତ ଛାତ୍ରଛାତ୍ରୀମାନଙ୍କର ଏକ ସ୍ୱତନ୍ତ୍ର ସାକ୍ଷାତକାର କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଷ୍ଟ୍ରପତି ଛାତ୍ରଛାତ୍ରୀମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିବେ । ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସହାୟତାରେ ୨୫ ଜଣ ଛାତ୍ରଛାତ୍ରୀଙ୍କ ସହିତ ୫ ଜଣ ଶିକ୍ଷକ-ଶିକ୍ଷୟତ୍ରୀ ଓ ଜଣେ ନୋଡ଼ାଲ୍ ଅଧିକାରୀ ନୂଆଦିଲ୍ଲୀ ଗସ୍ତ କରିଛନ୍ତି । ଏଥିରେ ମୟୂରଭଞ୍ଜ ଜିଲ୍ଲା ସ୍ଥିତ ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝର ଜିଲ୍ଲା ସ୍ଥିତ ଡ଼ି.ଏନ୍ ଉଚ୍ଚ ବିଦ୍ୟାଳୟ, ନବରଙ୍ଗପୁର ଜିଲ୍ଲା ସ୍ଥିତ ଉମରକୋଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମ୍ବଲପୁର ଜିଲ୍ଲା ସ୍ଥିତ ବୁଢ଼ାରାଜା ଉଚ୍ଚ ବିଦ୍ୟାଳୟ ଏବଂ ଢେଙ୍କାନାଳ ଜିଲ୍ଲା ସ୍ଥିତ ବି.ବି. ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାମିଲ ହୋଇଛନ୍ତି । ନୂଆଦିଲ୍ଲୀ ଠାରେ ଏହି ଛାତ୍ରଛାତ୍ରୀମାନଙ୍କ ରହଣି ପାଇଁ ଜାତୀୟ ବାଲ୍ ଭବନରେ ସମସ୍ତ ଆୟୋଜନ କରାଯାଇଛି । ରକ୍ଷା ବନ୍ଧନ ଉତ୍ସବ ପାଳନ ପରେ ସମସ୍ତ ଛାତ୍ରଛାତ୍ରୀ ଅଗଷ୍ଟ ୨୧ ତାରିଖରେ ନୂଆଦିଲ୍ଲୀରୁ ଫେରି ଆସନ୍ତା ୨୨ ତାରିଖରେ ନିଜ ନିଜ ଜିଲ୍ଲାକୁ ଗସ୍ତ କରିବେ । ଏହି କାର୍ଯ୍ୟକ୍ରମର ସମସ୍ତ ଦାୟିତ୍ୱ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହାୟତାରେ ସମ୍ପନ୍ନ କରାଯିବ ।

### କିଟ୍‌ର ୬ ଇଞ୍ଜିନୟରିଂ ପାଠ୍ୟକ୍ରମକୁ ଆବେଟ୍ ସ୍ୱୀକୃତି

## ଆବେଟ୍ ଓ ଆଇଇଟି ସ୍ୱୀକୃତି ପାଇବାରେ କିଟ୍ ଦେଶର ଏକମାତ୍ର ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୧୮।୯ ନ୍ୟୁଜ ବ୍ୟୁରୋ**

କିଟ୍ ବିଶ୍ୱବିଦ୍ୟାଳୟର ୬ଟି ଇଞ୍ଜିନୟରିଂ ପାଠ୍ୟକ୍ରମକୁ ୬ବର୍ଷ ପାଇଁ ଆମେରିକାର ପ୍ରତିଷ୍ଠିତ ଆକ୍ରିଡିଟେସନ୍ ବୋର୍ଡ ଫର ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ଆବେଟ୍)ର ସ୍ୱୀକୃତି ମିଳିଛି । ଗୋଟିଏ ବିଶ୍ୱବିଦ୍ୟାଳୟର ୬ଟି ପାଠ୍ୟକ୍ରମକୁ ଆବେଟ ମାନ୍ୟତା ମିଳିବାରେ ଭାରତର ପ୍ରଥମ ବିଶ୍ୱବିଦ୍ୟାଳୟ ହେଉଛି କିଟ୍ । ଆବେଟ୍ ସ୍ୱୀକୃତି ହେଉଛି ଇଂଜିନିୟରିଂ ଓ ଇଂଜିନିୟରିଂ ଟେକ୍ନୋଲୋଜି ଶିକ୍ଷାକୁ ସ୍ୱୀକୃତି ପ୍ରଦାନ କରୁଥିବା ବିଶ୍ୱର ପ୍ରମୁଖ ଅନୁଷ୍ଠାନ । ଏହା ଇଂଜିନିୟରିଂ ଶିକ୍ଷା ପାଇଁ 'ଗୋଲ୍ଡ୍ ଷ୍ଟାଣ୍ଡାର୍ଡମାନ ଥିବା ପାଠ୍ୟକ୍ରମ ସହ ଉତ୍ତୀର୍ଣ୍ଣ ହେଉଥିବା ସ୍ନାତକମାନଙ୍କୁ ଅନ୍ତର୍ଜାତୀୟସ୍ତରରେ କର୍ମକ୍ଷେତ୍ରରେ ପ୍ରବେଶ କରିବାର ସୁଯୋଗ ପ୍ରଦାନ କରିଥାଏ । ସମାନୁପାତିକ ଉନ୍ନତମାନ ପାଇଁ ଆମେରିକାର ଆବେଟ୍ କିଟ୍ ବିଶ୍ୱବିଦ୍ୟାଳୟକୁ ପୂର୍ବରୁ ୨୦୨୨ରେ ଏହି ସ୍ୱୀକୃତି ପ୍ରଦାନ କରିଥିବା ବେଳେ ଚଳିତବର୍ଷ ଏହାକୁ ଆଉ ୬ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛି । କିଟ୍ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍‌ସ ଓ ଇଞ୍ଜିନିୟରିଂ, ଇଲେକ୍ଟ୍ରୋନିକ୍‌ସ ଓ ଟେଲି




କମ୍ୟୁନିକେସନ୍, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ, ଇଲେକ୍ଟ୍ରୋନିକ୍‌ସ ଓ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ, ମେକାନିକାଲ୍ ଓ ସିଭିଲ ଇଞ୍ଜିନିୟରିଂ ଭଳି ୬ଟି ବିଟେକ୍ ପାଠ୍ୟକ୍ରମକୁ ଏହି ସ୍ୱୀକୃତି ମିଳିଛି । ସୂଚନାଯୋଗ୍ୟ ବିଶ୍ୱସ୍ତରରେ ସମ୍ମାନୀତ ବେଞ୍ଚମାର୍କ ପ୍ରଦାନ କରୁଥିବା ଇଂଲଣ୍ଡର ଅନ୍ୟତମ ପ୍ରତିଷ୍ଠିତ ଅନୁଷ୍ଠାନ ଆଇଇଟି କିଟ୍ ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରିଂ ପାଠ୍ୟକ୍ରମ ମଧ୍ୟ ସ୍ୱୀକୃତି ପ୍ରଦାନ କରିଛି । ଉଭୟ ଆବେଟ୍ ଓ ଆଇଇଟି ସ୍ୱୀକୃତି ପାଇବାରେ କିଟ୍ ଭାରତର ଏକମାତ୍ର ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିଛି । ଏବେ କିଟ୍ ବିଶ୍ୱବିଦ୍ୟାଳୟ ଆବେଟ୍ ସ୍ୱୀକୃତି ପାଇଥିବା ବିଶ୍ୱର ପ୍ରତିଷ୍ଠିତ ହାର୍ଭାର୍ଡ୍, କେମ୍ବ୍ରିଜ୍, ଷ୍ଟାନ୍‌ଫୋର୍ଡ, ମିଚିଗାନ୍ ଟେକ୍ନୋଲୋଜିକାଲ୍ ବିଶ୍ୱବିଦ୍ୟାଳୟ, ୟୁନିଭରସିଟି ଅଫ୍ ପେନ୍‌ସିଲ୍ ଭାନିଆ, କଲମ୍ବିଆ ବିଶ୍ୱବିଦ୍ୟାଳୟ, ନ୍ୟୁୟର୍କ ୟୁନିଭରସିଟି ଅଫ୍ ଫ୍ଲୋରିଡ଼ା ଭଳି ଖ୍ୟାତି ସମ୍ପନ୍ନ ବିଶ୍ୱବିଦ୍ୟାଳୟ ତାଲିକାରେ ସ୍ଥାନ ପାଇଛି । ସେହିପରି କିଟ୍ ୱାର୍ଲଡ ଟେକ୍ନୋଲୋଜି ୟୁନିଭରସିଟିଜ୍ ନେଟ୍‌ୱାର୍କ (ଡବ୍ଲୁଟିୟୁଏନ୍)ରେ ସାମିଲ୍ ହେବାର ଗୌରବ ଅର୍ଜନ କରିଛି। କିଟ୍ ଡବ୍ଲୁଟିୟୁଏନ୍‌ର ଏକ ସଦସ୍ୟ ହେବା ଫଳରେ କିଟ୍‌ର ବହୁ ଛାତ୍ରଛାତ୍ରୀ ବିଭିନ୍ନ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ସହ ବ୍ରେନ୍ କ୍ୟାଷ୍ଟର ମେଧାବୃତ୍ତି, ହାକାଥନ୍ ଓ ବିନିମୟ କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରିବେ । ଏହାଦ୍ୱାରା ବିଶ୍ୱର ୨୦ଟି ଖ୍ୟାତି ସମ୍ପନ୍ନ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ସ୍ଥାନ ପାଇପାରିଛି । ଏହା ସହିତ କିଟ୍ ଅଷ୍ଟ୍ରେଲିଆ-ଇଣ୍ଡିଆ କ୍ରିଟିକାଲ୍ ମିନେରାଲ୍‌ସ ରିସର୍ଚ୍ଚ ହବ୍ (ଏଆଇସିଏମ୍‌ଆରଏଚ୍)ର ଅନୁମୋଦନ ପାଇବାର ଗୌରବ ଅର୍ଜନ କରିଛି। ଏହା ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧିନରେ ଥିବା ଶିକ୍ଷା ଓ ଗବେଷଣା ପ୍ରୋତ୍ସାହନ ସହଯୋଗ ଯୋଜନା (ସ୍ପାର୍କ)ରେ ଅନ୍ତର୍ଭୁକ୍ତ। କିଟ୍ ସମେତ ଭାରତର ୧୭ଟି ଆଇଆଇଟି, ଏନ୍‌ଆଇଟି, ଆଇଆଇଏମ୍ ଭଳି ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ଓ ଅଷ୍ଟ୍ରେଲିଆର ୧୧ଟି ଶିକ୍ଷାନୁଷ୍ଠାନ ଏହି କାର୍ଯ୍ୟକ୍ରମରେ ମିଳିତ ଭାବେ କାର୍ଯ୍ୟ କରିବେ । ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ କିଟ୍‌ର ସମସ୍ତ ଛାତ୍ରଛାତ୍ରୀ, ଅଧାପକ ଅଧାପିକା ଓ ଶୁଭେଚ୍ଛୁମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଡ. ସାମନ୍ତ କହିଛନ୍ତି, ଏଭଳି ସ୍ୱୀକୃତି ମିଳିବା ଦ୍ୱାରା କିଟ୍ ଛାତ୍ରଛାତ୍ରୀମାନେ ଆନ୍ତର୍ଜାତିକସ୍ତରରେ ନିଜର ଭବିଷ୍ୟତ ଗଢ଼ିବାରେ ଏକ ସୁଯୋଗ ସୃଷ୍ଟି ହୋଇଛି। ଏହା କୌଣସି ବିଶ୍ୱବିଦ୍ୟାଳୟ ପାଇଁ ଅତ୍ୟନ୍ତ ସମ୍ମାନର ବିଷୟ ବୋଲି ଡ. ସାମନ୍ତ କହିଛନ୍ତି ।

## ପୁଣି ଉପାସରେ ପ୍ରଭୁ ଶ୍ରୀଲିଙ୍ଗରାଜ

**ଭୁବନେଶ୍ୱର,୧୮/୮
ନ୍ୟୁଜ ବ୍ୟୁରୋ**

ପୁଣି ଉପାସରେ ପ୍ରଭୁ ଶ୍ରୀ ଲିଙ୍ଗରାଜ । ଶନିବାର ଠାରୁ ମନ୍ଦିରରେ ପଇତା ଲାଗି ନୀତିକାନ୍ତିରେ ବିଭ୍ରାଟ ପରେ ଉପାସରେ ରହିଛନ୍ତି ଶ୍ରୀଲିଙ୍ଗରାଜ । ପୂଜାପଣ୍ଡା ନିଯୋଗ ଓ ବଡୁ ନିଯୋଗଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା । ପଇତାଲାଗି ନୀତି ହୋଇନଥିବାବେଳେ ନୀତିକାନ୍ତି ବନ୍ଦ ଥିବାରୁ ଉପାସରେ ରହିଛନ୍ତି ଶ୍ରୀ ଲିଙ୍ଗରାଜ ମହାପ୍ରଭୁ । ତେବେ ବିଭ୍ରାଟକୁ ନେଇ ନୀତିକାନ୍ତି ବନ୍ଦ ରହିଥିବାବେଳେ ସାଧାରଣ ଦର୍ଶନ ଚାଲୁ ରହିଛି । ଭକ୍ତମାନେ ଯାଇ ପ୍ରଭୁଙ୍କ ଦର୍ଶନ କରୁଛନ୍ତି । ୨୦୨୦ ମସିହାରୁ ସେବାୟତଙ୍କ ବିବାଦକୁ ନେଇ ମହାପ୍ରଭୁ ଲିଙ୍ଗରାଜଙ୍କ ପଇତା ଲାଗି ନୀତି ବନ୍ଦ ରହିଛି । ଆଉ ପ୍ରଭୁ ଶ୍ରୀଲିଙ୍ଗରାଜ ଉପାସ ଥିବାରୁ ଭକ୍ତଙ୍କ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି । ଗତ ୪ ବର୍ଷ ହେବ ପଇତା ଲାଗି ନୀତିରେ



ବିଭ୍ରାଟ ଦେଖାଦେଉଛି । ଆଉ ରବିବାର ବି ସମାନ ସ୍ଥିତି ଲିଙ୍ଗରାଜ ମନ୍ଦିରରେ ଦେଖିବାକୁ ମିଳିଛି । ଉଭୟ ସେବାୟତ ନିଜ ନିଜ ଜିଦରେ ଅଟଳ ଥିବାବେଳେ ଉପାସରେ ଶ୍ରୀଲିଙ୍ଗରାଜ । ଗହ୍ମା ପୂର୍ଣ୍ଣିମା ପୂର୍ବ ଦିନ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ପଇତା ଲାଗି ନୀତି ହୋଇଥାଏ । ଶନିବାର ସନ୍ଧ୍ୟାରେ ବିନ୍ଦୁସାଗରରେ ପଇତାକୁ ଶୁଦ୍ଧପୂତ କରି ପୂଜାର୍ଚ୍ଚନା କରିବା ପରେ ନୀତି କାନ୍ତି ଆରମ୍ଭ ହୁଏ । ବଡୁ ନିଯୋଗ ଓ ପୂଜାପଣ୍ଡା ନିଯୋଗ ମିଶି ଏହି ନୀତିକାନ୍ତି କରନ୍ତି । ପ୍ରଥମ କାର୍ଯ୍ୟ ଶୁଦ୍ଧପୂତ କାମ ବଡୁ ନିଯୋଗର ଥାଏ । ଏହା କିନ୍ତୁ ଶନିବାର କରିନଥିଲେ ବଡୁ ନିଯୋଗ । ଏହାକୁ ନେଇ ନୀତିକାନ୍ତି ବନ୍ଦ ରହିବା ସହ ରବିବାର ଉପାସରେ ରହିଛନ୍ତି ଶ୍ରୀଲିଙ୍ଗରାଜ । କାରଣ ବଡୁ ନିଯୋଗ ଏହି ନୀତିକୁ ଏକୁଟିଆ ସମ୍ପନ୍ନ କରିବାକୁ ଚାହୁଁଛନ୍ତି। ଯେଉଁ ନୀତିକୁ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଉଭୟ ନିଯୋଗ କରିଆସୁଛନ୍ତି, ହେଲେ ବଡୁ ନିଯୋଗ କହୁଛନ୍ତି, 'ଯେହେତୁ ଏହା ଆମ ସେବା, ଆମେ ଅଙ୍ଗଲାଗି ସେବକ ତେଣୁ ଆମ ଦ୍ୱାରା ହିଁ ଏହା ସମ୍ପନ୍ନ ହେବ ।' ଏହାକୁ ନେଇ ସେମାନେ ଜିଦ ଧରିଥିବାବେଳେ ବିବାଦ ସୃଷ୍ଟି ହୋଇଛି । ଅନ୍ୟପଟେ ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ଆମେ ଉପଯୁକ୍ତ କାଗଜପତ୍ର ଦେଖାଇଥିବାରୁ ଆମେ ହିଁ କରିବୁ ବୋଲି ବଡୁ ସେବାୟତ କହିଛନ୍ତି। କିନ୍ତୁ ଏଥିରେ ବ୍ରାହ୍ମଣ ସେବାୟତ ହସ୍ତକ୍ଷେପ କରିଥିବାରୁ ବିବାଦ ସୃଷ୍ଟି ହୋଇଛି । ସେହି ବିବାଦକୁ ନେଇ ରବିବାର ନୀତିକାନ୍ତି ବନ୍ଦ ରହିଛି।

## ଗଣେଶ ପୂଜା ଭସାଣ, ରୋଷଣୀରେ ବନ୍ଦ ହେବ ମଦ ଓ ଡିଜେ

**କଟକ, ୧୮/୦୮ ନ୍ୟୁଜ ବ୍ୟୁରୋ**

ପାଖେଇ ଆସୁଛି ଗଣେଶ ପୂଜା । ସେପ୍ଟେମ୍ବର ୭ରେ ମଣ୍ଡପ ଗୁଡିକରେ ପୂଜା ପାଇବେ ଗଜାନନ । ଏଥି ପାଇଁ ମୂର୍ତ୍ତି ତିଆରି ମଧ୍ୟ ଆରମ୍ଭ ହୋଇଯାଇଛି । ଏଥର କଟକରେ ଜମିବ ଦଶହରା। କଟକରେ କମିଶନରେଟ ପୋଲିସର ଗଣେଶ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କିଭଳି ଶାନ୍ତି ଶୃଙ୍ଖଳାର ସହ ପୂଜା ଶେଷ ହେବ ସେନେଇ ବୈଠକରେ ଆଲୋଚନା ହୋଇଛି । ଏଥର ମଦମୁକ୍ତ ବିସର୍ଜନ ହେବ । ବିସର୍ଜନ ଦିନ ମଦ ଦୋକାନ ବନ୍ଦ ରଖିବା ପାଇଁ ପୋଲିସକୁ ପ୍ରସ୍ତାବ ଦେଇଛି କଟକ ପୂଜା କମିଟି ଓ ଶାନ୍ତି କମିଟି । ଚଳିତ ବର୍ଷ କଟକ ସହରରେ ୧୫୦୦ରୁ ଉର୍ଦ୍ଧ୍ୱ ଗଜାନନଙ୍କ ମୂର୍ତ୍ତି ପୂଜା ପାଇବେ । ଏଥିପାଇଁ ଏବେ ଠାରୁ ପ୍ରସ୍ତୁତି




ଆରମ୍ଭ ହୋଇଯାଇଛି । ସେପ୍ଟେମ୍ବର ୭ରେ ଗଣେଶପୂଜା ଥିବା ବେଳେ ସେପ୍ଟେମ୍ବର ୧୫,୨୨ ଓ ୨୯ ତାରିଖରେ ସିଏମସି ପକ୍ଷରୁ କରାଯାଇଥିବା ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯିବ । ସାଉଣ୍ଡ ପାଇଁ କମିଶନରେଟ ପୋଲିସ କରିଥିବା ଗାଇଡଲାଇନ ଅନୁଯାୟୀ ସବୁ ପୂଜା କମିଟି, କ୍ଲବ୍ ଓ ଅନୁଷ୍ଠାନ ପାଳନ କରିବେ । ଜୋର ଜବରଦସ୍ତ ଚାନ୍ଦା ମାଗିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ସେହିପରି ବିକୃତ ମୂର୍ତ୍ତି ଉପରେ ବିଶେଷ ଧ୍ୟାନ ଦେବ ପୋଲିସ । ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ପୋଲିସ କମିଶନର ସଞ୍ଜୀବ ପଣ୍ଡା । ଚଳିତ ବର୍ଷ କଟକ ଗଣେଶ ପୂଜା ବିସର୍ଜନ ମଦ ମୁକ୍ତ ହେବ। ସେହିଦିନ ମଦ ଦୋକାନ ବନ୍ଦ ରଖିବା ପାଇଁ ପୋଲିସକୁ ପ୍ରସ୍ତାବ ଦେଇଛି କଟକ ପୂଜା କମିଟି ଓ ଶାନ୍ତି କମିଟି । ସେପଟେ ରାସ୍ତାଘାଟ, ଆଲୋକୀକରଣ, ପାନୀୟଜଳ, ଜଳବନ୍ଦୀ, ଷ୍ଟ୍ରିଟ୍ ଲାଇଟ୍, ଅସ୍ଥାୟୀ ପୋଖରୀ, ଅନାବନା ଗଛକଟା ଉପରେ କଟକ ମହାନଗର ନିଗମ ଧ୍ୟାନ ଦେବ ବୋଲି ସଭାରେ କହିଛନ୍ତି ମେୟର ସୁବାସ ସିଂ।

## ଦେଶ ତୁଳନାରେ ଓଡ଼ିଶାରେ ଅଧିକ ବଜ୍ରପାତ ଜନିତ ମୃତ୍ୟୁ

**ଭୁବନେଶ୍ୱର, ୧୮/୮ ନ୍ୟୁଜ ବ୍ୟୁରୋ**

ଦେଶ ତୁଳନାରେ ଓଡ଼ିଶାରେ ଅଧିକ ବଜ୍ରପାତ ଜନିତ ମୃତ୍ୟୁ ଘଟୁଛି। ଏହାକୁ କମ୍ କରିବାକୁ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ରାଜ୍ୟସାରା ୨୦ ଲକ୍ଷ ତାଳ ଗଛ ଲଗାଇବେ ରାଜ୍ୟ ସରକାର। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏସମ୍ପର୍କରେ ସୂଚନା ଦେଇଛନ୍ତି। ଜଙ୍ଗଲ ବିଭାଗ ଦ୍ୱାରା ରାଜ୍ୟର ସମ୍ବେଦନଶୀଳ ସ୍ଥାନରେ ଲଗାଯିବ ୨୦ ଲକ୍ଷ ତାଳ ଗଛ। ୨୦ ଲକ୍ଷରୁ ଆରମ୍ଭ ଯେତେ ଆବଶ୍ୟକ ହେବ ସେତେ ଗଛ ଲଗାଯିବ ବୋଲି ସୂଚନା ଦେଇଛନ୍ତି ମନ୍ତ୍ରୀ। ସ୍କୁଲରେ ଆର୍ଥିଂ ନଥିବାରୁ ଏହା ଏକ ସମ୍ବେଦନଶୀଳ ସ୍ଥାନ ପରିଣତ ହୋଇଛି। ଛାତ୍ରଛାତ୍ରୀଙ୍କ ଜୀବନ ସୁରକ୍ଷିତ କରିବାକୁ ଗୁରୁତ୍ୱ ଦିଆଯାଉଥିବା ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ। ସେପଟେ ରାଜ୍ୟରେ ବଜ୍ରପାତଜନିତ ମୃତ୍ୟୁକୁ ନେଇ ଶୋକ ବ୍ୟକ୍ତ କରିବା ସହ ମୃତ ବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ଡେଙ୍ଗୁରେ ଆଖି ବୁଜିଲେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ପତ୍ନୀ

**ଭୁବନେଶ୍ୱର, ୧୮/୮ ନ୍ୟୁଜ ବ୍ୟୁରୋ**

ପରଲୋକରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ପତ୍ନୀ ଝିଙ୍ଗିଆ ଓରାମ । ଡେଙ୍ଗୁରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ଶନିବାର ରାତିରେ ତାଙ୍କର ଦେହାନ୍ତ ହୋଇଛି। ରବିବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା । ଡେଙ୍ଗୁରେ ପୀଡିତ ହେବା ପରେ ପ୍ରାୟ ଏକ ସପ୍ତାହେ ଧରି ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଶରୀରର ପ୍ଲେଟଲେଟ ହ୍ରାସ ପାଇବାରୁ ତାଙ୍କର ଅବସ୍ଥା ସଙ୍କଟାପନ୍ନ ରହିଥିଲା । ଶନିବାର ରାତି ପ୍ରାୟ ୧୦ଟା ୩୦



ସମୟରେ ସେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ଝିଙ୍ଗିଆ ଓରାମଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରିବା ସହ ଶେଷଦର୍ଶନ ମଧ୍ୟ କରିଛନ୍ତି ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

## ହାତୀ-ମଣିଷ ଲଢେଇରେ ଦେଶରେ ଆଗରେ ଓଡ଼ିଶା

**ଭୁବନେଶ୍ୱର, ୧୮/୮
ନ୍ୟୁଜ ବ୍ୟୁରୋ**

ଭଗବାନଙ୍କ ସୃଷ୍ଟିରେ ସବୁଠୁ ବିଶାଳକାୟ ଜୀବ ହେଉଛି ହାତୀ । ଦେଶରେ ହାତୀଙ୍କ ସମେତ ଅନ୍ୟାନ୍ୟ ବନ୍ୟପ୍ରାଣୀ ଆକ୍ରମଣରେ ଅନେକ ଲୋକ ମୃତ୍ୟୁ ବରଣ କରିଛନ୍ତି । ତେବେ ଏହାରି ମଧ୍ୟରେ ଓଡ଼ିଶାର ସ୍ଥିତି ଏକ ନମ୍ବର ରହିଛି । ହାତୀ ଆକ୍ରମଣରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି । ହାତୀ ଆକ୍ରମଣରେ ମୃତ୍ୟୁ ବରଣ ଘଟିଥିବା ତଥ୍ୟ ଅନୁଯାୟୀ ୨୦୨୩-୨୪ ମସିହାରେ ସର୍ବାଧିକ ୧୫୪ ରହିଛି । ଯାହା ଦେଶରେ ସର୍ବାଧିକ ଅଟେ । ଦ୍ୱିତୀୟରେ ପଶ୍ଚିମବଙ୍ଗ ୯୯ ରହିଥିବା ବେଳେ ତୃତୀୟରେ ରହିଛି କର୍ଣ୍ଣାଟକ ଯାହାର ସଂଖ୍ୟା ମାତ୍ର ୮୭ ବୋଲି ରିପୋର୍ଟରେ ଦେଖିବାକୁ ମିଳିଛି । ରାଜ୍ୟରେ ଥିବା ୩୮ଟି ବନଖଣ୍ଡରେ ଅଛନ୍ତି ୨୦୯୮ ହାତୀ। ୭ ବର୍ଷରେ ୧୨୨ ହାତୀଙ୍କ ସଂଖ୍ୟା ବଢ଼ିଛି । ରାଜ୍ୟରେ ପୁରୁଷ ହାତୀଙ୍କ ସଂଖ୍ୟା ୪୭୪ ଓ ମାଈ ହାତୀଙ୍କ ସଂଖ୍ୟା ୧ ହଜାର ୩୯ଟି ହାତୀ ରହିଛନ୍ତି । ଅନ୍ୟପଟେ ଛୁଆ ହାତୀ ଅଛନ୍ତି ମାତ୍ର ୫୯୪ । ଏପଟେ ୨୦୧୭ ମସିହାରେ ରାଜ୍ୟରେ ହାତୀ ସଂଖ୍ୟା ୧୯୭୬ ଥିଲା ବୋଲି କହିଛି ବନ ବିଭାଗ । କେନ୍ଦ୍ର ଜଙ୍ଗଲ ମନ୍ତ୍ରଣାଳୟର ୫ ବର୍ଷର ତଥ୍ୟ ଉପରେ ନଜର ଦେଲେ ୨୦୧୯-୨୦ ମସିହାରେ ହାତୀ ଆକ୍ରମଣରେ ରାଜ୍ୟରେ ୧୧୭ ଜଣ ମଣିଷ ମୃତ୍ୟୁ ବରଣ କରିଥିବା ବେଳେ ଦେଶରେ ୫୭୪ । ସେହିପରି ୨୦୨୦-୨୧ ମସିହାରେ ରାଜ୍ୟରେ ୯୩ ଜଣ ରହିଥିବା ବେଳେ ଦେଶରେ ୪୪୪, ୨୦୨୧-୨୨ ମସିହାରେ ରାଜ୍ୟରେ ୧୧୨ ଜଣ ରହିଥିବା ବେଳେ ଦେଶରେ ୫୨୦, ୨୦୨୨-୨୩ ମସିହାରେ ରାଜ୍ୟରେ ୧୪୮ ରହିଥିବା ବେଳେ ଦେଶରେ ୫୮୩ ଏବଂ ୨୦୨୩-୨୪ ମସିହାରେ ରାଜ୍ୟରେ ୧୫୪ ଜଣ ମଣିଷ କେବଳ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ବେଳେ ଦେଶରେ ୬୦୬ ଜଣ ରହିଛନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି। ରାଜ୍ୟ ବନ ବିଭାଗର ରିପୋର୍ଟ ଅନୁଯାୟୀ, ଗତ ପାଞ୍ଚ ବର୍ଷରେ ରାଜ୍ୟରେ ବିଭିନ୍ନ କାରଣରୁ ରାଜ୍ୟରେ ୪୦୩ଟି ହାତୀ ମୃତ୍ୟୁ ବରଣ କରିଛନ୍ତି । ୨୦୨୩ ମସିହାରେ ୬୬ଟି ହାତୀ ବିଭିନ୍ନ କାରଣରୁ ନେଇ ମୃତ୍ୟୁବରଣ କରିଛନ୍ତି । ୨୦୧୭ରେ କେନ୍ଦ୍ର ସରକାର ଶେଷ ଥର ପାଇଁ ହାତୀ ଗଣନା କାର୍ଯ୍ୟକ୍ରମ କରିଥିଲେ। ସେତେବେଳେ ରାଜ୍ୟରେ ହାତୀ ସଂଖ୍ୟ ଥିଲା ୧ ହଜାର ୯୭୬ । କିନ୍ତୁ ପରେ ଆଉ କେନ୍ଦ୍ର ପକ୍ଷରୁ ରାଜ୍ୟରେ ଗଣନା ନହେବାରୁ ରାଜ୍ୟ ସରକାର ୨୦୨୪ରେ ହାତୀ ଗଣନା କରିଥିଲେ । ଗତ ଜୁନରେ ହାତୀ ଗଣନା ରିପୋର୍ଟ ଅନୁସାରେ ୩୮ଟି ଡିଭିଜନରେ ୨୦୦୦ରୁ ଅଧିକ ହାତୀ ଥିବା ଜଣାପଡିଛି । ଓଡ଼ିଶା ଜଙ୍ଗଲରେ ଖୋଲାଯାଇଛି ହାତୀଙ୍କ ପାଇଁ ପାଠଶାଳା । ଜଙ୍ଗଲ ମଧ୍ୟରେ ରହିଛି ରେସ୍ତୋରାଁ । ମଣିଷ ନୁହେଁ ହାତୀଙ୍କ ପାଇଁ ଖୋଲିଛି ରେସ୍ତୋରାଁ। ଏକା ସାଙ୍ଗରେ ସମସ୍ତ ହାତୀ ରେସ୍ତୋରାଁରେ ବସିକରି ଖାଉଛନ୍ତି । ସେମାନଙ୍କ ପାଇଁ ରହିଛି ହାଇଫାଇ ଖାଦ୍ୟ। ଯାହା ସ୍ୱତନ୍ତ୍ର ଭାବରେ ଜଙ୍ଗଲ ମଧ୍ୟରେ କରାଯାଇଛି । ଏଭଳି ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥା କରାଯାଉଛି ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ମଧ୍ୟରେ। ଏହି ବ୍ୟବସ୍ଥା କେବଳ କିଛି ଖାସ୍ ହାତୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି । ବିଶେଷ ଭାବରେ ଚନ୍ଦକା ଜଙ୍ଗଲ ମଧ୍ୟରେ ରହିଥିବା ହାତୀ ଯେଉଁ ମାନଙ୍କୁ ଟ୍ରେନିଂ ଦିଆଯାଉଛି । ଏହି ଟ୍ରେନିଂ ସମୟରେ କିଭଳି ଭାବରେ ଶୃଙ୍ଖଳିତ ଜୀବନ ବିତାଇବାର କଳା ଶିଖୁଛନ୍ତି କିଛି ଜଙ୍ଗଲୀ ହାତୀ । ଏହା ସମେତ ବିଶେଷ ଭାବରେ ଗୋଠରୁ ଅଲଗା ହୋଇଯାଇଥିବା ବା ଅନାଥ ପାଳଟିଥିବା ହାତୀଙ୍କୁ କୋଳେଇ ନେଇ ଏହି ଚନ୍ଦକା ଜଙ୍ଗଲ ମଧ୍ୟରେ ଏକ କୁମ୍କି ଟ୍ରେନିଂ ଦେଉଛି । ରାଜ୍ୟରେ ପ୍ରଥମ କରି ହାତୀ ଶରୀରରେ ଲାଗିଛି ରେଡିଓ କଲାର। ଅନୁଗୁଳ ଛେଣ୍ଡିପଦା ରେଞ୍ଜରେ ହାତୀ ଶରୀରରେ ଖଞ୍ଜାଯାଇଛି ରେଡ଼ିଓ କଲାର। ଏହା ଦ୍ୱାରା ହାତୀର ଗତିବିଧି ଉପରେ ନଜର ରଖୁଛି ବନ ବିଭାଗ। ଆଗାମୀ ଦିନରେ ଅନ୍ୟ ହାତୀପଲଙ୍କ ପାଇଁ ବ୍ୟବହାର ହେବ ବୋଲି ପୂର୍ବରୁ କହିଥିଲା ବନ ବିଭାଗ ।

## ପ୍ରକାଶ ଅପେକ୍ଷାରେ

### 'କଥାକଳିକା': ସେପ୍ଟେମ୍ବର ସଂଖ୍ୟା-୨୦୨୪




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ମନୋଜ ମହାପାତ୍ର
**ସମକାଳର କଥା :** ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ସନ୍ତୋଷୀ ସ୍ୱାଇଁ, ଡ. ମାଙ୍ଗଳିକା ମହାପାତ୍ର, ସୁକାନ୍ତ ମହାରଣା, ଅମ୍ବିକା ସ୍ୱାଇଁ, ବିନୋଦିନୀ ଗନ୍ତାଏତ, ଭାଗିରଥୀ ବେହେରା।
**କଥାର କଥା :** ପୁଷ୍ପାଞ୍ଜଳି କରଙ୍କ -ଅହଲ୍ୟା, ଆଲୋଚନା : ବନଜଦେବୀ।
**ଅନ୍ୟ ଭାଷାର କଥା :** ଦେବସ୍ମିତା ବେହେରା।
**ଯୁବ ମାନସର କଥା :** ରୀନାରାଣୀ ରାଉତରାୟ, ତପସ୍ୱିନୀ ଦାଶ ଷଡଙ୍ଗୀ।
କଥା ସାଗର (ଅବଶିଷ୍ଟାଂଶ) ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)